RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-205 ♦TUESDAY ♦20 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୦୫ ♦ମଙ୍ଗଳବାର ♦୨୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




'ଜେଲର୍ ୨'
ଅତିଥି କଳାକାର ହେବାର କାରଣ କହିଲେ ବିଜୟ
▶ପୃଷ୍ଠା ୧୧ ଦେଖନ୍ତୁ...

## ଦୁଇ ଦ୍ରୁତଗାମୀ ଟ୍ରେନ୍ ଧକ୍କା; ୩୯ ମୃତ



■ ମାଡ୍ରିଡ୍, ୧୯ ।୧(ଏଜେନ୍ସି): ୟୁରୋପୀୟ ଦେଶ ସ୍ପେନ୍‌ର କର୍ଡୋବା ର । ଜ ୟେ ର ରବିବାର ରାତିରେ ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ୩୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୭୩ ଜଣ ଆହତ ହୋଇଥିବା ସୂଚନା ମିଳିଛି ।

## ନୋବେଲ ନାହିଁ ତ ଶାନ୍ତି ନାହିଁ: ଟ୍ରମ୍ପ



■ ୱାଶିଂଟନ, ୧୯।୧ (ଏଜେନ୍ସି): ବିଶ୍ୱରେ ଭୟ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ସତ ସ୍ୱୀକାର କରିଛନ୍ତି । ଗ୍ରୀନଲାଣ୍ଡ କବ୍‌ଜା କରିବାର ଭାବନା କାହିଁକି ଆସିଲା ତାହା ବି ଉଗାରିଛନ୍ତି । ଟ୍ରମ୍ପ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି, ୮ଟି ଯୁଦ୍ଧ ବନ୍ଦ କରିବା ସତ୍ତ୍ୱେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଲା ନାହିଁ । ତେଣୁ ଏବେ ସେ ଶାନ୍ତି କଥା ଚିନ୍ତା କରିବା ଛାଡ଼ି ଦେଇଛନ୍ତି ।

## କୁଲଦୀପଙ୍କ ଦଣ୍ଡାଦେଶ ସ୍ଥଗିତକୁ ନା

■ ଉନ୍ନାଓ, ୧୯ ।୧(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ସୋମବାର ପୂର୍ବତନ ବିଧାୟକ ତଥା ଦୁଷ୍କର୍ମକାରୀ କୁଲଦୀପ ସିଂହ ସେଙ୍ଗରଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବା ପାଇଁ ହୋଇଥିବା ଏକ ଆବେଦନକୁ ଖାରଜ କରିଛନ୍ତି । ଉନ୍ନାଓ ଦୁଷ୍କର୍ମ ପୀଡିତାଙ୍କ ପିତାଙ୍କ ପୁଲିସ ହାଜତରେ ମୃତ୍ୟୁ ମାମଲାରେ ଟ୍ରାଏଲ କୋର୍ଟ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଥିଲେ ।

# ବନ୍ଧୁକ ମୁନରେ ବ୍ୟାଙ୍କ ଡକାୟତି
# ଲୁଟିନେଲେ ୫ କୋଟିର ଗହଣା

■ ବଡ଼ବିଲ, ୧୯।୧ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ଆଜି ଏକ ବଡ଼ଧରଣର ବ୍ୟାଙ୍କ ଡକାୟତି ହୋଇଛି । ଶାଖା ପରିଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତମାନେ ଲକର୍‌ରୁ ୫ କୋଟିର ସୁନାଗହଣା ଓ ନଗଦ ୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଦିନ ପ୍ରାୟ ୨ଟା ବେଳେ ବଡ଼ବିଲ-କଳିଙ୍ଗ ରାସ୍ତାପାର୍ଶ୍ୱରେ ଥିବା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ଶାଖାରୁ ଏହି ଡକାୟତି ହୋଇଛି । ଏହି ଖବର ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଘଟଣାରେ ବଡ଼ବିଲ ପୁଲିସ ୨ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେହିପରି ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି । ବ୍ୟାଙ୍କ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଡକାୟତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି । ଏପରିକି, କେତେକ ସ୍ଥାନରେ ପୁଲିସ ନାକାବନ୍ଦୀ କରିଥିବା ବଡ଼ବିଲ ଆଇଆଇସି କହିଛନ୍ତି । ସେହିପରି ଜିଲ୍ଲାର




ଅନ୍ୟାନ୍ୟ ଥାନା ଓ ପଡ଼ୋଶୀ ଝାଡ଼ଖଣ୍ଡ ପୁଲିସ ସହ ବଡ଼ବିଲ ପୁଲିସ ଯୋଗସୂତ୍ର ରକ୍ଷା କରି ତଦନ୍ତକୁ ଜୋରଦାର୍ କରିଛି । ବଡ଼ବିଲ ସହର ଝାଡ଼ଖଣ୍ଡକୁ ଲାଗି ରହିଥିବାରୁ ସୀମା ରାସ୍ତାରେ ମଧ୍ୟ ପୁଲିସ ତୀକ୍ଷ୍ଣ ନଜର ରଖିଛି । ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା ହୋଇଥିବାରୁ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ

**ଜିଲ୍ଲା ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ**

କରିଥିଲେ । ଏହି ଡକାୟତିରେ ୫ରୁ ୬ଜଣ ଦୁର୍ବୃତ୍ତ ସାମିଲ ଥିବା ଜଣାପଡ଼ିଛି ।

ଦିନ ପ୍ରାୟ ୨ଟା ବେଳେ ଦୁର୍ବୃତ୍ତମାନେ ମୁହଁରେ ମୁଖା ଓ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ । ବ୍ୟାଙ୍କରେ ସୁରକ୍ଷା କର୍ମୀ ନଥିବାରୁ ସେମାନଙ୍କୁ କେହି ବାଧା ଦେଇପାରିନଥିଲେ । ପରେ ସେମାନେ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇଥିଲେ । ସେତେବେଳେ ମାତ୍ର ୨ଜଣ କର୍ମଚାରୀ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ । ଅଭିଯୁକ୍ତମାନେ ସମସ୍ତଙ୍କ ମୋବାଇଲ୍ ଛଡ଼ାଇ ନେଇ ବ୍ୟାଙ୍କର ଗୋଟିଏ ରୁମ୍‌ରେ ବନ୍ଦ କରିଦେଇଥିଲେ । ପରେ ଶାଖା ପରିଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ଲକର୍ ଖୋଲିବାକୁ କହିଥିଲେ । ଏହି ବ୍ୟାଙ୍କରେ ସୁନାବନ୍ଧକ ରଖି ଋଣ ପ୍ରଦାନ କରାଯାଉଥିବାରୁ ଲକ୍‌ରରେ ପାଖାପାଖି ୫ କୋଟି ମୂଲ୍ୟର ଗହଣା ଗଚ୍ଛିତ ଥିଲା । ଦୁର୍ବୃତ୍ତମାନେ ସବୁ ସୁନା ସହ ୮ ଲକ୍ଷ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିଲେ । ସ୍ପଷ୍ଟ ଦିବାଲୋକରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଏତେ ବଡ଼ଧରଣର ଲୁଟ୍ ରାଜ୍ୟର ଆଇନଶୃଙ୍ଖଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ନିତିନ ନବୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ



■ ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି): ବିଜେପି କାର୍ଯ୍ୟକାରୀ ସଭାପତି ନିତିନ ନବୀନ ଦଳର ଦ୍ୱାଦଶ କାର୍ଯ୍ୟକାରୀ ସଭାପତି ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଜାନୁଆରୀ ୨୦ ଅର୍ଥାତ ମଙ୍ଗଳବାର ସେ ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଦଳର ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୧୧.୩୦ରେ ଆୟୋଜନ ହେବାକୁ ଥିବା ପରିବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନଥା ସିଂହ ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ । ୪୬ ବର୍ଷୀୟ ନିତିନ ଏଥିସହ ବିଜେପିର ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି । ପଦ ପାଇଁ ସୋମବାର ୩୭ ସେଟ୍‌ର ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ଅବସରରେ ଅମିତ ଶାହା, ବିଜେପି ପୂର୍ବତନ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାଜନାଥ ସିଂ, ନିତିନ ଗଡକାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ନିର୍ବାଚନ ପାଇଁ ପ୍ରକ୍ରିୟା ପାର୍ଟି ମୁ୍ୟଖ୍ୟ କାର୍ଯ୍ୟାଳୟରେ ହୋଇଥିଲା । ଏହି ନେତାମାନେ ନିତିନଙ୍କ ପାଇଁ ନିର୍ବାଚନ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣଙ୍କ ନିକଟରେ ସମର୍ଥନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଯାଞ୍ଚ୍ ପରେ ସମସ୍ତ କାଗଜପତ୍ର ବୈଧ ବୋଲି ଜଣାପଡ଼ିଛି । ପାର୍ଟି ସଭାପତି ଭାବେ ଜାନୁଆରୀ ୨୦ରେ ନିତିନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ । ସୂଚନାଯୋଗ୍ୟ ଯେ, ଜାନୁଆରୀ ୧୬ରେ ଜାତୀୟ ସଭାପତି ▶ପୃଷ୍ଠା-୭

## କମୁଛି ଶୀତ; ବଢୁଛି ପାରଦ

■ ଭୁବନେଶ୍ୱର, ୧୯।୧ (ସମିସ): ରାଜ୍ୟରେ ଶୀତର ପ୍ରଭାବ କମିବାରେ ଲାଗିଛି । ତାପମାତ୍ରାରେ କ୍ରମାଗତ ବୃଦ୍ଧି ଯୋଗୁଁ ଶୀତ କମିବାରେ ଲାଗିଛି । ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି । ତେଣୁ ପୂର୍ବାପେକ୍ଷା ଶୀତ ଆହୁରି କମିବ । ଅନ୍ୟପଟେ, ପଛକୁ ପଛ ୩ଟି ପଶ୍ଚିମାଝଡ଼ ସକ୍ରିୟ ହେବାକୁ ଥିବାରୁ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ । ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ । ରାତି ଭଳି ଦିନରେ ମଧ୍ୟ ତାପମାତ୍ରା ବଢ଼ିବାରେ ଲାଗିଛି । ସୋମବାର ▶ପୃଷ୍ଠା-୭



## ଷ୍ଟାଲିନ୍‌ଙ୍କ ଘୋଷଣା | ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ମିଳିବ ସାହିତ୍ୟିକ ପୁରସ୍କାର

■ ଚେନ୍ନଇ, ୧୯ ।୧ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏକ ଭିନ୍ନ ଧରଣର ପୁରସ୍କାର ଦେବାକୁ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି । ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ନୂଆ ବାର୍ଷିକ ସାହିତ୍ୟିକ ପୁରସ୍କାର ଘୋଷଣା କରି ଷ୍ଟାଲିନ୍ ପରୋକ୍ଷରେ ହୀନ୍ଦି ଭାଷା ପ୍ରତି ତାଙ୍କର ରହିଥିବା ଅସନ୍ତୋଷକୁ ପୁଣିଥରେ ବ୍ୟକ୍ତ କରିଛନ୍ତି ।

ଷ୍ଟାଲିନ୍‌ଙ୍କ ଘୋଷଣା ଅନୁଯାୟୀ ଏହି ବାର୍ଷିକ ସାହିତ୍ୟିକ ପୁରସ୍କାରରେ ଓଡ଼ିଆ ସମେତ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ, ବଙ୍ଗଳା ଓ ମରାଠୀ ଭାଷା ସାମିଲ ରହିଛି । ଏହି ପୁରସ୍କାରଗୁଡିକୁ 'ସେମ୍ମୋଝି ଇଲାକକିଆ ବିରୁଧୁ' ▶ପୃଷ୍ଠା-୭






## ସ୍ପେନ୍‌ରେ ଦୁଇ ଦ୍ରୁତଗାମୀ ଟ୍ରେନ୍ ଧକ୍କା
# ୩୯ ମୃତ, ୭୩ ଆହତ

ମାଡ୍ରିଡ୍, ୧୯ ।୧(ଏଜେନ୍ସି): ୟୁରୋପୀୟ ଦେଶ ସ୍ପେନ୍‌ରେ ରବିବାର ରାତିରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଛି । ସ୍ପେନ୍‌ର କର୍ଡୋବା ରାଜ୍ୟରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ବହୁ ସଂଖ୍ୟାରେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇ ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ ୩୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୩ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁଇଟି ଯାକ ଟ୍ରେନ୍‌ରେ ପାଖାପାଖି ୫୦୦ ଯାତ୍ରୀ ଯାତ୍ରା କରୁଥିଲେ ।

ରିପୋର୍ଟ ଅନୁଯାୟୀ, ମାଲାଗରୁ ମାଦ୍ରିଦ୍ ଯାଉଥିବା ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇ ନିକଟବର୍ତ୍ତୀ ଏକ ଲାଇନ୍ ପାର କରି ମାଦ୍ରିଦ-ହୁଏଲଭା ରୁଟ୍‌ରେ ଚାଲୁଥିବା ଏକ ଏଭିଇ ଟ୍ରେନ୍ ସହିତ ଧକ୍କା ଦେଇଥିଲା । ସ୍ଥାନୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଆଣ୍ଟୋନିଓ ସାଞ୍ଜ୍ କହିଛନ୍ତି ଯେ, ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ଆହତମାନଙ୍କୁ ୬ଟି ଭିନ୍ନ ଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଏହି ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ଭୂକମ୍ପ ଆସିଥିବା ପରି ଲାଗିଥିଲା ବୋଲି ଯାତ୍ରୀମାନେ କହିଛନ୍ତି । ଟ୍ରେନ୍‌ର ପଛ ଦୁଇଟି ବଗି ଲାଇନଚ୍ୟୁତ ହୋଇଥିଲା ଓ ଗୋଟିଏ ସମ୍ପୂର୍ଣ୍ଣ ଭାବେ ଓଲଟି ପଡ଼ିଥିଲା । ଟ୍ରେନ୍‌ଟି ସନ୍ଧ୍ୟା ୬.୪୦ରେ ମାଲାଗାରୁ ଯାତ୍ରା ଆରମ୍ଭ କରିଥିଲା । କିଛି ସମୟ ପରେ ହଠାତ ଏକ ଝଟ୍‌କା ଲାଗିବା ପରେ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା । ପରେ ହାତୁଡ଼ି ସାହାଯ୍ୟରେ ଝରକା ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା । ଝରକା ଦେଇ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ଟ୍ରେନ୍‌ରେ ଧୂଆଁ ଭର୍ତ୍ତି ହୋଇଥିବା କେତେକ ଅଭିଯୋଗ କରିଛନ୍ତି । ଏହି ଦୁର୍ଘଟଣା ଫଳରେ ସ୍ପେନ ରେଳ ଭିତ୍ତିଭୂମି



ସଂସ୍ଥା, ଏଡିଆଇଏଫ୍ କହିଛି ଯେ, ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ମାଦ୍ରିଦ ଓ ଆଣ୍ଡାଲୁସିଆ ମଧ୍ୟରେ ସମସ୍ତ ଟ୍ରେନ୍ ସେବା ବନ୍ଦ ହୋଇଛି । ଘଟଣାସ୍ଥଳରେ ଜରୁରୀକାଳୀନ ସେବା ନିୟୋଜିତ କରାଯାଇଛି ଓ ରାତାରାତି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସ୍ପେନ ପରିବହନ ମନ୍ତ୍ରୀ, ଅସ୍କାର ପୁଏଣ୍ଟ କହିଛନ୍ତି ଯେ, ଏଡିଆଇଏଫ୍ ଅପରେସନ କଣ୍ଟ୍ରୋଲ ସେଣ୍ଟରରୁ ସ୍ଥିତି ଉପରେ ନଜର ରଖିଛି ।

## ଚିଲି ଜଙ୍ଗଲରେ ଲାଗିଲା ନିଆଁ
# ୧୯ ମୃତ, ୫୦ ହଜାର ବାସହରା

ସାଣ୍ଟିଆଗୋ, ୧୯ ।୧(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ଚିଲି ଜଙ୍ଗଲରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି । ଏହି ଜଙ୍ଗଲ ନିଆଁ ୧୯ ଜଣଙ୍କ ଜୀବନ ନେଲାଣି । ଶତାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ଏହି



ଅଗ୍ନିକାଣ୍ଡ ଯୋଗୁଁ ୫୦, ୦୦୦ ଲୋକ ବାସଚ୍ୟୁତ ହୋଇଛନ୍ତି । ଅନେକ ସହରରେ ଘର, ଯାନବାହାନ ଏବଂ ସମ୍ପୂର୍ଣ୍ଣ ବସତି ନଷ୍ଟ ହୋଇଯାଇଛି । ଆଉ ୨୦ ମିନିଟ ବିଳମ୍ବ କରିଥିଲେ ଆମେ ଜଳିଯାଇଥାନ୍ତୁ ବୋଲି କେତେକ ପୀଡିତ କହିଛନ୍ତି । ରାଜଧାନୀ ସାଣ୍ଟିଆଗୋରୁ ପ୍ରାୟ ୫୦୦ କିମି ଦକ୍ଷିଣରେ ନୁଏଭୋ ଓ ବାୟୋବିଓ ଅଞ୍ଚଳକୁ ନିଆଁ ବ୍ୟାପିଛି । ଲଗାତର ଦୁଇଦିନ ଧରି ଚାଲିଥିବା ପବନ କାରଣରୁ ନିଆଁ ଆଗକୁ ବଢ଼ି ବଢ଼ି ଚାଲିଛି । ସ୍ଥିତିର ଭୟଭୟତାକୁ ଦୃଷ୍ଟିରେ ରଖି ସରକାର ଜରୁରୀକାଳୀନ ପରିସ୍ଥିତି ଓ କର୍ଫ୍ୟୁ ଘୋଷଣା କରିଛନ୍ତି । ପ୍ରାୟ ୪, ୦୦୦ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ସେନା ସହାୟତା ମଧ୍ୟ ନିୟୋଜିତ କରାଯାଇଛି ।

ଚିଲି ରାଷ୍ଟ୍ରପତି ବାବ୍ରିଏଲ ବୋରିକ ପ୍ରଭାବିତ ସହର କନସେପ୍ସିଓନୋରେ ପହଞ୍ଚି ପରିସ୍ଥିତି ସମୀକ୍ଷା କରିଛନ୍ତି । ସେ ସବୁଠାରୁ ପ୍ରଭାବିତ ଅଞ୍ଚଳରେ ରାତି କର୍ଫ୍ୟୁ ଘୋଷଣା କରିଛନ୍ତି । ଚିଲି ଏବେ ଏକ ସଂକଟଜନକ ସ୍ଥିତିରେ ପଡ଼ିଛି ବୋଲି ସେ କହିଛନ୍ତି । ଚିଲିର ବନ୍ଦର ସହର ଲିରୁକ୍ୱେନ୍‌ରେ ସ୍ଥିତି ବହୁତ ଭୟଙ୍କର ରହିଛି । ପ୍ରାୟ ୨୦, ୦୦୦ ଲୋକ ଏହି ସହରରେ ରୁହନ୍ତି । ମାତ୍ର କିଛି ସେକେଣ୍ଡ ମଧ୍ୟରେ ନିଆଁ ବ୍ୟାପୀ ଯାଇଥିଲା ବୋଲି ସହରର ବାସିନ୍ଦାମାନେ କହିଛନ୍ତି । ପେନକୋ ଓ ଲିରକ୍ୱେନ୍‌ରେ ସର୍ବାଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଦୁଇଟି ସହର ମିଳିତ ଜନସଂଖ୍ୟା ୬୦ ହଜାର ରହିଛି । ପ୍ରବଳ ତାପମାତ୍ର ଓ ପବନ ସ୍ଥିତିକୁ ଆହୁରି ଭୟଙ୍କର କରିଛି । ଅବଶ୍ୟ ଚିଲିର ଜଙ୍ଗଲରେ ନିଆଁ ଲାଗିବା ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଏହି ଭଳି ଏକାଧିକ ଘଟଣା ଘଟିଛି । ୨୦୨୪ ଫେବୃଆରୀରେ ସାଣ୍ଟିଆଗୋର ଉତ୍ତର ପଶ୍ଚିମରେ ଥିବା ଭ୍ଲନା ଡେଲ ମାର ସହର ନିକଟରେ ଏକକାଳୀନ ଅଗ୍ନିକାଣ୍ଡ ଘଟିଥିଲା ଓ ଏଥିରେ ୧୩୮ ଜଣ ମୃତ୍ୟୁବରଣ କରିଥିବାବେଳେ ୧୬, ୦୦୦ ଲୋକ ପ୍ରଭାବିତ ହୋଇଥିଲେ ।

## ପତ୍ନୀଙ୍କୁ ଛାଡ଼ପତ୍ର ଦେବେ ଅଖିଳେଶଙ୍କ ଭାଇ ପ୍ରତୀକ



ଲକ୍ଷ୍ନୌ, ୧୯ ।୧(ଏଜେନ୍ସି): ମୁଲାୟମ ସିଂ ଯାଦବଙ୍କ ସାନପୁଅ ତଥା ଅଖିଳେଶ ଯାଦବଙ୍କ ସାବତ ଭାଇ ପ୍ରତୀକ ନିଜ ପତ୍ନୀ ଅପର୍ଣ୍ଣାଙ୍କୁ ଛାଡ଼ପତ୍ର ଦେବେ । ଅପର୍ଣ୍ଣାଙ୍କ ସହ ସମ୍ପର୍କ ଛିର୍ଣ୍ଣ ହୋଇ ଯାଇଥିବା ପ୍ରତୀକ ସୋମବାର କହିଛନ୍ତି । ପ୍ରତୀକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, 'ମୁଁ ଏହି ସ୍ୱାର୍ଥପର ମହିଳାଙ୍କୁ ଖୁବଶୀଘ୍ର ଛାଡ଼ପତ୍ର ଦେବାକୁ ଯାଉଛି । ସେ ଆମ ପରିବାର ଓ ପାରିବାରିକ ସମ୍ପର୍କକୁ ନଷ୍ଟ କରିଛନ୍ତି । ସାରା ଦୁନିଆ ଆଗରେ ନିଜକୁ ପରିଚିତ କରାଇବା ଓ ପ୍ରଭାବଶାଳୀ ହେବା ତାଙ୍କର ଏକମାତ୍ର ଲକ୍ଷ୍ୟ । ଏବେ ମୋର ମାନସିକ ସ୍ଥିତି ଖରାପ ରହିଛି । କିନ୍ତୁ ଏ ନେଇ ମହିଳାଙ୍କ କୌଣସି ଯାଏଆସେ ନାହିଁ । ସେ କେବଳ ନିଜ ଚିନ୍ତା କରିଥାନ୍ତି । ଏପରି ଦୁଷ୍ଟ ଆତ୍ମାଙ୍କୁ କେବେ ଦେଖିନାହିଁ । ଏହା ମୋର ଦୁର୍ଭାଗ୍ୟ ଯେ, ମୁଁ ତାଙ୍କୁ ବିବାହ କରିଛି ।' ସୂଚନାଯୋଗ୍ୟ ଯେ ଅପର୍ଣ୍ଣା ଏବେ ବିଜେପିରେ ଥାଇ ରାଜ୍ୟ ମହିଳା କମିଶନର ଉପାଧ୍ୟକ୍ଷା ଅଛନ୍ତି । ୩୮ ବର୍ଷୀୟ ପ୍ରତୀକ ୧୪ ବର୍ଷ ତଳେ ଅର୍ଥାତ ୨୦୧୧ରେ ୩୬ ବର୍ଷୀୟ ଅପର୍ଣ୍ଣାଙ୍କୁ ପ୍ରେମ ବିବାହ କରିଥିଲେ । ପ୍ରତୀକ ହେଉଛନ୍ତି ମୁଲାୟମଙ୍କ ଦ୍ୱିତୀୟ ପତ୍ନୀ ସାଧନା ଗୁପ୍ତାଙ୍କ ପୁଅ । ୨୦୨୨ ନିର୍ବାଚନ ପୂର୍ବରୁ ଅପର୍ଣ୍ଣା ହଠାତ ସମାଜବାଦୀ ପାର୍ଟି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ।

## କୁଲଦୀପଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ହାଇକୋର୍ଟଙ୍କ ନା

ଉନ୍ନାଓ, ୧୯ ।୧(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ସୋମବାର ପୂର୍ବତନ ବିଧାୟକ ତଥା ଦୁଷ୍କର୍ମକାରୀ କୁଲଦୀପ ସିଂହ ସେଙ୍ଗରଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବା ପାଇଁ ହୋଇଥିବା ଏକ ଆବେଦନକୁ ଖାରଜ କରିଛନ୍ତି । ପୁଲିସ ହାଜତରେ ଉନ୍ନାଓ ଦୁଷ୍କର୍ମ ପୀଡିତାଙ୍କ ପିତାଙ୍କ ମୃତ୍ୟୁ ମାମଲାରେ ଟ୍ରାଏଲ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଏବଂ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇ ଥିଲେ । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ହାଜତ ମୃତ୍ୟୁ ମାମଲାରେ ଅନୁକମ୍ପା ପ୍ରଦର୍ଶନ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ । କୁଲଦୀପଙ୍କ ଭାଇ ଅତୁଲ ସିଂହ ସେଙ୍ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା । କୁଲଦୀପ ଏହି ନିଷ୍ପତ୍ତି ବିରୋଧରେ ଆବେଦନ କରିଥିଲେ । ।

## ଲଦାଖରେ ୫.୭ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ, ୧୯ ।୧(ଏଜେନ୍ସି): କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଓ ତା'ର ଆଖାପାଖ ଅଞ୍ଚଳରେ ସୋମବାର ପୂର୍ବାହ୍ଣ ୧୧.୫୧ରେ ୫.୭ ତୀବ୍ରତାର ଭୂକମ୍ପ ହୋଇଛି । ଲଦାଖ ବ୍ୟତୀତ ଜମ୍ମୁ ଓ କଶ୍ମୀରର ଓ ଉତ୍ତର ଭାରତର କିଛି ସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଲଦାଖ ଅଞ୍ଚଳର ୧୭୧ କିମି ଗଭୀରରେ ଏହାର କେନ୍ଦ୍ରସ୍ଥଳ ଥିଲା । ଭୂକମ୍ପ ଗଭୀରତା ଯୋଗୁଁ ସେତେଟା ବିନାଶ ତଥା କ୍ଷୟକ୍ଷତି ହୋଇ ନଥିଲା । ଏପର୍ଯ୍ୟନ୍ତ କୌଣସି ଜୀବନ ହାନୀ ତଥା କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ ।

## ପୁରୁଖା ଲୋକ ଅବସର ନେବା ଉଚିତ: ଗଡ଼କରୀ

ନାଗପୁର, ୧୯।୧ (ଏଜେନ୍ସି):ପୁରୁଖା ପିଢ଼ିର ଲୋକ ଧିରେ ଧିରେ ଅବସର ନେବା ଉଚିତ । ସେମାନେ ନୂଆ ପିଢିକୁ ଦାୟିତ୍ୱ ପ୍ରଦାନ କରି ମାର୍ଗଦର୍ଶନ କରିବା ଆବଶ୍ୟକ । ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି ଯେ ସମୟ ସହିତ ପିଢ଼ି ବି ବଦଳିବା ଉଚିତ । ନୂଆ ଲୋକ ଠିକ୍‌ରେ ଗାଡ଼ି ଚଲାଇବା ଶିଖିଗଲେ ବରିଷ୍ଠମାନେ ଅନ୍ୟ କାମ କରିବା ଆବଶ୍ୟକ । ଆସୋସିଏସନ ଫର ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ (ଏଆଇଡି)ର କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଛନ୍ତି ।

## ଆଫଗାନିସ୍ତାନରେ ବିସ୍ଫୋରଣ; ୭ ମୃତ

କାବୁଲ, ୧୯।୧ (ଏଜେନ୍ସି): ଆଫଗାନିସ୍ତାନ ସବୁଠାରୁ ସୁରକ୍ଷିତ ସ୍ଥାନ ରାଜଧାନୀ କାବୁଲର ସାହର-ଇ-ନୌ ଅଞ୍ଚଳରେ ସୋମବାର ବିସ୍ଫୋରଣ ହୋଇଛି । ଏଥିରେ ଜଣେ ବିଦେଶୀ ନାଗରିକଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି । ୧୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ବିସ୍ଫୋରଣରେ ବ୍ୟବହୃତ ବିସ୍ଫୋରକ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ ।

## ଶେଷରେ ସତ ଉଗାରିଲେ ଟ୍ରମ୍ପ
# ନୋବେଲ ନାହିଁ ତ ଶାନ୍ତି ନାହିଁ

ୱାସିଂଟନ, ୧୯।୧ (ଏଜେନ୍ସି): ବିଶ୍ୱରେ ଭୟ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ସତ ସ୍ୱୀକାର କରିଛନ୍ତି । ସେ କାହିଁକି ଗୋଟିଏ ପରେ ଗୋଟିଏ ଦେଶ ଉପରେ ଦାଉ ସାଧୁଛନ୍ତି ତାହାର କାରଣ କହିଛନ୍ତି । ଗ୍ରୀନଲାଣ୍ଡ କବ୍‌ଜା କରିବାର ଭାବନା କାହିଁକି ଆସିଲା ତାହା ବି ଉଗାରିଛନ୍ତି । ଟ୍ରମ୍ପ

- ନିରାଶ ହେବାରୁ ଗ୍ରୀନଲାଣ୍ଡ କବ୍‌ଜା ପାଇଁ ବିଚାର ଆସିଲା
- ନୋବେଲ ନ ମିଳିବାରୁ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପଙ୍କ ଅଭିଯୋଗ

ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗହର ଷ୍ଟୋରଙ୍କୁ ଚିଠି ଲେଖି ଗତ ବର୍ଷ ଅକ୍ଟୋବର ପରେ କାହିଁକି ଉଗ୍ର ହୋଇ ଉଠିଲେ ତାହାର କାରଣ ଦର୍ଶାଇଛନ୍ତି । ଏହି ଚିଠିରେ ନୋବେଲ ନ ମିଳିବାକୁ ନେଇ ଷ୍ଟୋରଙ୍କୁ ଟ୍ରମ୍ପ ଅଭିଯୋଗ କରିଛନ୍ତି । ନୋବେଲ ନାହିଁ ତ ଶାନ୍ତି ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଲେଖିଛନ୍ତି ଯେ ୮ ଯୁଦ୍ଧ ବନ୍ଦ କରିବା ସତ୍ତ୍ୱେ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳି ନ ଥିଲା । ତେଣୁ ଏବେ ସେ ଶାନ୍ତି କଥା ଚିନ୍ତା କରିବା ଛାଡ଼ି ଦେଇଛନ୍ତି । ଶାନ୍ତି ଜରୁରୀ, ମାତ୍ର ଏବେ ଆମେରିକା ସ୍ୱାର୍ଥ କଥା ଆଗ ଭାବିବି । ଗ୍ରୀନଲାଣ୍ଡକୁ କବ୍‌ଜା କରିବା ପ୍ରୟାସ ମଧ୍ୟ ଏହାର ଅଂଶବିଶେଷ । ନୋବେଲ ପୁରସ୍କାର ନ ମିଳିବାରୁ ଏପରି



ଭାବନା ଆସିଥିଲା । ଏହାର ପ୍ରଭାବ ତାଙ୍କର ସବୁ ନିଷ୍ପତ୍ତି ଉପରେ ପଡୁଛି । ସୂଚନାଯୋଗ୍ୟ ଯେ

ନୋବେଲ ଶାନ୍ତି ପୁରସ୍କାର ନ ମିଳିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇ ଯାଇଥିଲେ । ଭେନେଜୁଏଲା ଆକ୍ରମଣ ହେଉ ଅବା ବେଆଇନ ପ୍ରବାସୀଙ୍କୁ ଅମାନବୀୟ ନିର୍ଯାତନା ଦେଇ ପଠାଇବା ସବୁଥିରେ ଆଡବାୟା ଟ୍ରମ୍ପଙ୍କ କ୍ରୁର ରୂପ ଦେଖିବାକୁ ମିଳିଥିଲା । ସେ ନିଜ ବନ୍ଧୁ ରାଷ୍ଟ୍ରଙ୍କୁ ମଧ୍ୟ ଛାଡ଼ି ନ ଥିଲେ । ବ୍ରିଟେନ, ଫ୍ରାନ୍ସ ଆଦି ଦେଶ ଉପରେ ବି ଶୁଳ୍କ ଲଗାଇ ଦେଇଥିଲେ । ଭେନେଜୁଏଲା ବିରୋଧୀ ଦଳ ନେତା ମାରିଆ ମାଚାଡ଼ୋ ନିଜ ଶାନ୍ତି ପୁରସ୍କାର ଦେଇଥିଲେ ବି ଟ୍ରମ୍ପ ଶାନ୍ତ ହୋଇ ନ ଥିଲେ ।

ଟ୍ରମ୍ପଙ୍କ ଚିଠି ପାଇଛି ବୋଲି ନରୱେ ପ୍ରଧାନମନ୍ତ୍ରୀ କହିଛନ୍ତି । ସୂଚନା ଅନୁଯାୟୀ, ଶୁଳ୍କ ବୃଦ୍ଧି ନିଷ୍ପତ୍ତିକୁ ବିରୋଧ କରି ଗହର ଏବଂ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ ମିଳିତ ଭାବେ ଟ୍ରମ୍ପଙ୍କୁ ଚିଠି ଲେଖିଥିଲେ । ଏହାର ଜବାବରେ ଟ୍ରମ୍ପ ନୋବେଲ ନ ମିଳିବାକୁ ନେଇ ଅଭିଯୋଗ କରି ଦେଇଥିଲେ । ଟ୍ରମ୍ପ ଲେଖିଥିଲେ ଯେ ଗ୍ରୀନଲାଣ୍ଡକୁ ରୁଷ କିମ୍ବା ଚୀନ୍ କବଳରୁ ଡେନମାର୍କ ସୁରକ୍ଷା ଦେଇପାରିବ ନାହିଁ । ଡେନମାର୍କ ପାଖରେ ଏହାର ମାଲିକାନା କାହିଁକି ରହିଛି । ଏହାର କୌଣସି ଲିଖିତ କଗାଜପତ୍ର ମଧ୍ୟ ନାହିଁ ।

ଶହ ଶହ ବର୍ଷ ତଳେ ଡେନମାର୍କର ଏକ ଡଙ୍ଗା ସେଠାରେ ପହଞ୍ଚି ଥିଲା ବୋଲି କୁହାଯାଉଛି, କିନ୍ତୁ ଆମ ଡଙ୍ଗା ବି ସେଠି ପହଞ୍ଚି ଥିଲା । ନାଟୋ ପ୍ରତିଷ୍ଠା ହେବା ପରଠାରୁ ଅନ୍ୟ ରାଷ୍ଟ୍ର ତୁଳନାରେ ଆମେରିକା ଅଧିକ କାମ କରିଥିଲା । ଏବେ ଆମେରିକା ପାଇଁ ନାଟୋ କିଛି କରିବାର ସମୟ ଆସିଯାଇଛି । ଗ୍ରୀନଲାଣ୍ଡକୁ ଆମେରିକା ସମ୍ପୂର୍ଣ୍ଣ କବ୍‌ଜା ନ କରିବା ପର୍ଯ୍ୟନ୍ତ ବିଶ୍ୱ ସୁରକ୍ଷିତ ରହିବ ନାହିଁ ।

## ଆମେରିକାଠାରୁ ଗ୍ରୀନଲାଣ୍ଡର ସୁରକ୍ଷାପାଇଁ ଜଣେ ସୈନିକଙ୍କୁ ପଠାଇଲା ବ୍ରିଟେନ

ନୁକ୍, ୧୯ ।୧(ଏଜେନ୍ସି): ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ୍ ଦେବା ପରେ କିଛି ୟୁରୋପୀୟ ଦେଶ ଏକାଠି ହୋଇଛନ୍ତି । ନାଟୋର ଅନେକ ସଦସ୍ୟ ରାଷ୍ଟ୍ର ଅପରେସନ ଆର୍କଟିକ୍ ଏଣ୍ଡ୍ୟୁରାନ୍ସ ନାମକ ଏକ ମିଳିତ ସାମରିକ ଅଭ୍ୟାସ ଆରମ୍ଭ କରିଛନ୍ତି । ଏଥିପାଇଁ ଫ୍ରାନ୍ସ ୨୭ତମ ମାଉଣ୍ଟେନ୍ ଓନ୍‌ଫାଣ୍ଟ୍ରି ବ୍ରିଗେଡ୍‌ରୁ ୧୫ ଜଣ ସୈନିକଙ୍କୁ ଗ୍ରୀନଲାଣ୍ଡ ପଠାଇଛି । ସେହିପରି ଜର୍ମାନୀ ଏକ ୧୩ ଜଣିଆ ସୈନିକ ଦଳ ସେଠାକୁ ପଠାଇଛି । ନରୱେ, ଫିନ୍‌ଲାଣ୍ଡ ଓ ନେଦରଲାଣ୍ଡ ଦୁଇଜଣ ଲେଖାଏଁ ସୈନିକଙ୍କୁ ଗ୍ରୀନ୍‌ଲାଣ୍ଡରେ ନିୟୋଜିତ କରିଛି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଆମେରିକାରଠାରୁ ଗ୍ରୀନଲାଣ୍ଡର ସୁରକ୍ଷା ପାଇଁ ବ୍ରିଟେନ ଜଣେ ମାତ୍ର ସାମରିକ ଅଧିକାରୀଙ୍କୁ ପଠାଇଛି ।

ସ୍ୱିଡେନ ମଧ୍ୟ ସୈନିକ ନିୟୋଜିତ କରିବା ନିଶ୍ଚିତ କରିଛି । ମୋଟ ଉପରେ ଡେନମାର୍କର ନିୟୋଜିତ ସୈନ୍ୟଙ୍କୁ ବାଦ୍ ଦେଲେ ୩୫ରୁ ୪୦ ସାମରିକ କର୍ମଚାରୀ ୟୁରୋପୀୟ ଦେଶଗୁଡିକରୁ ଆସିଛନ୍ତି । ତେବେ ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ ଏହି ସମ୍ପୂର୍ଣ୍ଣ ଅପରେସନକୁ ଏକ ମଜା ବୋଲି କହି ପରିହାସ କରିଛନ୍ତି । ତେବେ ପୋଲାଣ୍ଡ ଓ ଇଟାଲୀ ଏହି ଅପରେସନରୁ ନିଜକୁ ଦୂରେଇ ରଖିଛନ୍ତି । ପୂର୍ବରୁ ଗ୍ରୀନ୍‌ଲାଣ୍ଡରେ ଡେନମାର୍କର ୨୦୦ ସୈନିକ ମୁତୟନ ଅଛନ୍ତି । ଏହାକୁ ବାଦ୍‌ଦେଲେ ୧୪ ଜଣିଆ ସିରିୟସ ଡଗ୍ ସ୍ଲେଜ ପାଟ୍ରୋଲ ବି ସେଠାରେ ରହିଛନ୍ତି । ଏମାନେ ଆର୍କଟିକ୍ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି ।

## ବିଜେପି ନିଜ କାଉନସିଲରଙ୍କୁ ଲୁଚାଇବାକୁ ଯୋଜନା କରୁଛି: ସଞ୍ଜୟ ରାଉତ

ମୁମ୍ବଇ, ୧୯।୧ (ଏଜେନ୍ସି): ମୁମ୍ବଇ ପୌର ନିର୍ବାଚନରେ କ୍ଷମତାସୀନ ମହାଯୁତି ମେଣ୍ଟ ମ୍ୟାଜିକ ନମ୍ବର ପାର୍ କରିଛି । ବିଜେପିରୁ ପ୍ରଥମ ଥର ପାଇଁ ମେୟର ହେବେ ବୋଲି କୁହାଯାଉଛି । ମାତ୍ର ଏପରି ସମୟରେ ଉଦ୍ଧବ ଗୋଷ୍ଠୀର ଶିବସେନା ନେତା ସଞ୍ଜୟ ରାଉତ ଭିନ୍ନ ଦାବି କରିଛନ୍ତି । ଏବେ ବି ମେୟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି କହି ସଂଶୟକୁ ବଢ଼ାଇ ଦେଇଛନ୍ତି । ବିଏମସି ନିର୍ବାଚନରେ ୨୨୭ ୱାର୍ଡରୁ ବିଜେପି ୮୯, ଏକନାଥ ସିନ୍ଦେଙ୍କ ଶିବସେନା ୨୯ଟି ସିଟ୍ ଜିତିଥିଲା । ଭାରତର ସବୁଠାରୁ ଧନୀ ପୌର ନିଗମର ମେୟର ପଦ ପାଇଁ ଆବଶ୍ୟକ ବହୁମତ ହାସଲ କରି ନେଇଥିଲା । ସେହିପରି ଶିବସେନା (ୟୁବିଟି) ୬୫ଟି ଏବଂ ଅନ୍ୟ ସହଯୋଗୀଙ୍କ ସଂଖ୍ୟା ମିଶି ମୋଟ ୧୦୮ ହେଉଛି । ବିରୋଧୀ ବହୁମତଠାରୁ କେବଳ ୬ଟି ଆସନ ଦୂରରେ ରହିଛନ୍ତି । ଏକନାଥଙ୍କ ଶିବସେନା ଏବଂ ବିଜେପି ମଧ୍ୟରେ ମେୟର ପଦକୁ ନେଇ ବିବାଦ ଜାରି ରହିଥିବାରୁ ଉଦ୍ଧବ ଗୋଷ୍ଠୀ ଏବେ ଅପେକ୍ଷା କର ଏବଂ ଦେଖ ରଣନୀତି ଆପଣାଉଛି ବୋଲି ସଞ୍ଜୟ ରାଉତ କହିଛନ୍ତି । ସେ ଦାବି କରିଛନ୍ତି ଯେ ସିନ୍ଦେଙ୍କ ପରି ବିଜେପି ମଧ୍ୟ ନିଜ କାଉନସିଲରଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ଚାହୁଁଛି । ଏବେ କିଏ କାହାକୁ ଡରୁଛି ବୋଲି ପ୍ରଶ୍ନ ଉଠୁଛି? କଲ୍ୟାଣ-ଡୋମ୍ବିଭଲିରେ ସିନ୍ଦେ ବିଜେପି କାଉନସିଲରଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ମୁମ୍ବଇରେ ମଧ୍ୟ ଏପରି ହୋଇପାରେ ବୋଲି ସଞ୍ଜୟ ରାଉତ କହିଛନ୍ତି ।

## ପାକିସ୍ତାନ ସପିଙ୍ଗ ମଲ୍‌ରେ ଅଗ୍ନିକାଣ୍ଡ: ୨୧ ମୃତ, ୬୫ ନିଖୋଜ

କରାଚୀ, ୧୯ ।୧(ଏଜେନ୍ସି): ପାକିସ୍ତାନର କରାଚୀରେ ଶନିବାର ଏକ ସପିଙ୍ଗ ମଲ୍‌ରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ରବିବାର ବିଳମ୍ବିତ ରାତିରେ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଅଗ୍ନିକାଣ୍ଡ ପରେ ପ୍ରାୟ ୬୫ ଜଣ ନିଖୋଜ ଥିବା ସୂଚନା ମିଳିଛି । ଉଦ୍ଧାର କାର୍ଯ୍ୟପାଇଁ ସେନାକୁ ନିୟୋଜିତ କରାଯାଇଛି । ପୁଲିସ ନିଖୋଜଙ୍କ ପରିବାରର ମୋବାଇଲ ନଂ ସଂଗ୍ରହ କରିଛି । ଅଧିକାରୀମାନେ କହିଛନ୍ତି ଯେ, ମଲ୍ ଭିତରେ ୨୦ରୁ ଅଧିକ କଲ୍ ଲୋକେସନ ଚିହ୍ନଟ କରାଯାଇଛି । ଫ୍ରଣ୍ଟିୟର ୱାର୍କ୍ସ ଅର୍ଗାନାଇଜେସନ (ଏଫ୍‌ଡବ୍ଲ୍ୟୁଓ) ସହିତ ସେନା, ପୁଲିସ ଓ ସ୍ଥାନୀୟ ପ୍ରଶାସନ ଅବଶେଷ ସଫା କରୁଛି । ସୁରକ୍ଷା ବାହିନୀ କୋଠାର କ୍ଷତିଗ୍ରସ୍ତ ଅଂଶ, ଯେଉଁଠାରେ ଲୋକମାନେ ଫସି ରହିଛନ୍ତି ସେମାନଙ୍କୁ ଉଦ୍ଧାର କରିବାକୁ ସେଠାରେ ପହଞ୍ଚିବାକୁ ଚେଷ୍ଟା କରୁଛି । ଏଥିପାଇଁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି । ଶନିବାର ରାତି ୧୦ଟା ସମୟରେ ଦୋକାନଗୁଡିକରେ ନିଆଁ ଲାଗିଥିଲା । ଏହା ବେସମେଣ୍ଟରୁ ଆରମ୍ଭ ହୋଇଥିଲା ।

## ଏସ୍‌ଆଇଆର୍ ମାମଲାରେ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
# ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ପ୍ରକାଶ କର

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି । ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୧.୨୫ କୋଟି ଭୋଟରଙ୍କୁ ନିଜ ନାମ ସାମିଲ କରିବା ପାଇଁ ଆଉ ଏକ ସୁଯୋଗ ଦେଇଛନ୍ତି । ବାଦ୍ ପଡ଼ିଥିବା ଭୋଟରଙ୍କୁ ସୁପ୍ରିମକୋର୍ଟ ୧୦ ଦିନ ମଧ୍ୟରେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ନିଜ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ବାଦ୍ ପଡ଼ିଥିବା ଭୋଟରଙ୍କ ନାମ ତାଲିକାକୁ ପଞ୍ଚାୟତ, ବ୍ଲକ୍, ପଞ୍ଚାୟତ ଏବଂ ୱାର୍ଡ କାର୍ଯ୍ୟାଳୟରେ ଲଗାଇବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବେଳେ ନାମ, ସାଙ୍ଗିଆ, ବୟସରେ ତାର୍କିକ ବିସଂଗତି (ଲଜିକାଲ ଡିସ୍‌କ୍ରେପେନ୍ସି) ଥିବା ଦର୍ଶାଇ ନିର୍ବାଚନ କମିସନ ରାଜ୍ୟର ୧.୨୫ କୋଟି ଭୋଟରଙ୍କୁ ନୋଟିସ ଜାରି କରିଥିଲେ । ଏହାକୁ ଶାସକ ଟିଏମ୍‌ସି ତୀବ୍ର ବିରୋଧ କରିଥିଲା । ଏହି ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, କେବଳ ତର୍କ ଆଧାରରେ ଲୋକଙ୍କୁ ସମସ୍ୟାରେ ପକାଯାଇ ପାରିବ ନାହିଁ । ଭୋଟର ତାଲିକାରେ ସୁଧାର ହେବା ଜରୁରୀ; କିନ୍ତୁ ଏହା ସ୍ୱଚ୍ଛ ହେବା ଉଚିତ । ତେଣୁ ସମସ୍ତଙ୍କୁ ସମାନ ସୁଯୋଗ ଦେବାକୁ ଖଣ୍ଡପୀଠ ଇସିଙ୍କୁ କହିଛନ୍ତି ।

ତାର୍କିକ ବିସଙ୍ଗତିରେ ଲୋକଙ୍କ ନାମର ବନାନ ଭୁଲ୍, ଅଭିଭାବକ ଏବଂ ପିଲାଙ୍କ ମଧ୍ୟରେ ବୟସ ବ୍ୟବଧାନ ଆଦି ରହିଛି । ଶୁଣାଣି ସମୟରେ ଦଶମ ଶ୍ରେଣୀ ପରୀକ୍ଷାର ଆଡ୍‌ମିଟ କାର୍ଡଙ୍କୁ ଭୋଟର ତାଲିକା ପାଇଁ ବୈଧ ପ୍ରମାଣପତ୍ର ମାନିବାକୁ

- ସ୍ୱଚ୍ଛତାର ସହ ଭୋଟର ତାଲିକାରେ ସୁଧାର ଅଣାଯାଉ: ସୁପ୍ରିମକୋର୍ଟ
- କେବଳ ତର୍କ ଆଧାରରେ ଲୋକଙ୍କୁ ସମସ୍ୟାରେ ପକାଯାଇ ପାରିବନି
- ପ୍ରମାଣପତ୍ର ଦାଖଲ ପାଇଁ ଲୋକଙ୍କୁ ୧୦ ଦିନ ସମୟ ଦେଲେ ଅଦାଲତ

ସୁପ୍ରିମକୋର୍ଟ ଇସିଙ୍କୁ କହିଛନ୍ତି । ଜଷ୍ଟିସ ବାଗ୍‌ଚୀ କହିଥିଲେ ଯେ ସାଧାରଣ ଲୋକଙ୍କ ଉପରେ ବହୁତ ଚାପ ରହିଛି । ଏସ୍‌ଆଇଆର୍‌ରେ ରାଜ୍ୟର କୋଟିଏରୁ ଅଧିକ ଲୋକ ପ୍ରଭାବିତ ହେଉଛନ୍ତି । ଏହା ସହିତ ଅଭିଯୋଗର ଶୁଣାଣି ସମୟରେ ଅଧିକ କର୍ମଚାରୀ ନିୟୋଜିତ କରିବା, ଲୋକମାନେ ଦାଖଲ କରିଥିବା ପ୍ରମାଣପତ୍ର ପାଇଁ ସେମାନଙ୍କୁ ରସିଦ ଦେବା ଏବଂ ଆପତ୍ତି ଉପରେ ନିଆଯାଇଥିବା ଚୂଡ଼ାନ୍ତ ନିଷ୍ପତ୍ତି ସଂପର୍କରେ ସେମାନଙ୍କୁ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ଣ୍ଣେଲ ସୋଫିଆଙ୍କୁ ଅପମାନିତ ମାମଲା
# ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): 'ଅପରେସନ ସିନ୍ଦୂର' ସମୟରେ କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି । ଅନ୍‌ଲାଇନରେ ଶାହା କ୍ଷମା ମାଗିବାକୁ କୋର୍ଟରେ ସହଜରେ ନେଇନାହାନ୍ତି । କ୍ଷମା ମାଗିବାକୁ ଏତେ ବିଳମ୍ବ କାହିଁକି ହେଲା ବୋଲି କୋର୍ଟ ପଚାରିଛନ୍ତି । ଶାହାଙ୍କ ବିରୋଧରେ କେବେ ମାମଲା ଚଳାଇବେ ବୋଲି ରାଜ୍ୟ ସରକାରଙ୍କୁ କୋର୍ଟ ପଚାରିଛନ୍ତି? ଏଥିପାଇଁ ଦୁଇ ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ସିଜେଆଇ ସୂର୍ଯ୍ୟକାନ୍ତ ଜଷ୍ଟି ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ସମୟ ବିତି ଯାଇଥିଲେ ବି ଏସଆଇଟି ଯାଞ୍ଚ ରିପୋର୍ଟ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଉ ନ ଥିବାରୁ ସୁପ୍ରିମକୋର୍ଟ କଡ଼ା ଆପତ୍ତି ଉଠାଇଛନ୍ତି । ଏସଆଇଟି କେବେଠାରୁ ଯାଞ୍ଚ ଶେଷ କରି ରିପୋର୍ଟ ଦାଖଲ କରିସାରିଛି । ଅନ୍ୟପକ୍ଷରେ ସେନା ଅଧିକାରୀ, ଦେଶର ନାରୀ ଏବଂ ରାଷ୍ଟ୍ରର ସମ୍ମାନ ଉପରେ ଆକ୍ରମଣ ହେଲେ ବିଜେପି ସରକାର ମାସ ମାସ ପର୍ଯ୍ୟନ୍ତ ଏସଆଇଟି ରିପୋର୍ଟ ପକାଇ ବସି ରହୁଛି ବୋଲି ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ଅଭିଯୋଗ କରିଛନ୍ତି ।



# ପ୍ରୋଟୋକଲ୍ ଭାଙ୍ଗି ୟୁଏଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ମୋଦୀ

ନୂଆଦିଲ୍ଲୀ, ୧୯ ।୧(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଶେଖମହମ୍ମଦ ବିନ ଜାଏଦ ଅଲ ନାହୟାନ ସୋମବାର ସନ୍ଧ୍ୟା ୪.୩୦ରେ ମାତ୍ର ୧୦୫ ମିନିଟର ଭାରତ ଗସ୍ତରେ ଆସି ନୂଆଦିଲ୍ଲୀର ପାଲମ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଛନ୍ତି । ମୋଦୀ ଏକ୍ସ' ପୋଷ୍ଟ କରି ଲେଖିଛନ୍ତି ଯେ, ମୁଁ ନିଜ ଭାଇଙ୍କୁ ନେବା ପାଇଁ ବିମାନ ବନ୍ଦର ଆସିଛି' । ମୋଦୀ ଶେଖ୍ ଜାଏଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ନିଜ ବାସଭବନରେ ସ୍ୱାଗତ କରିଛନ୍ତି । ମୋଦୀ ସେମାନଙ୍କୁ ଗୁଜରାଟରୁ ଏକ ରାଜକୀୟ ଖୋଦିତ କାଠ ଦୋଳି ଏବଂ ତେଲଙ୍ଗାନାରେ ତିଆରି ଏକ ରୂପା ବାକ୍ସରେ ରଖାଯାଇଥିବା ଏକ କଶ୍ମୀର ପଶ୍ମିନା ସାଲ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ମୋଦୀ ରାଷ୍ଟ୍ରପତିଙ୍କ ମା ଶେଖ ଫାତିମା ବିନ୍ତ ମୁବାରକ ଅଲ୍ କେତବିଙ୍କୁ ମଧ୍ୟ ଏକ ପଶ୍ମିନା ସାଲ ଉପହାର ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଏହି ଭାରତ ଗସ୍ତ ବେଶ୍ ଗୁରୁତ୍ୱବହନ କରୁଛି । ଉଭୟ ନେତା ଦ୍ୱିପାକ୍ଷିକ ବୈଠକ କରି ବାଣିଜ୍ୟ ଏବଂ ପ୍ରତିରକ୍ଷାକୁ ନେଇ ୯ଟି ବଡ଼ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ବିଦେଶ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ଏହି ଗସ୍ତ କ୍ଷୁଦ୍ର ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୟୁଏଇ ରାଷ୍ଟ୍ରପତିଙ୍କ ସହ ଆବଧାବି ଏବଂ ଦୁବାଇର ରାଜପରିବାର ସଦସ୍ୟଙ୍କ ସହିତ ଅନେକ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ ସାମିଲ ଥିଲେ । ସ୍ୱାକ୍ଷର ଚୁକ୍ତି ମଧ୍ୟରେ ପରମାଣୁ ଶକ୍ତିରେ ସହଯୋଗ, ୨୦୩୨ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୦ ବିଲିୟନ ଡଲାରରେ ପହଞ୍ଚିବା, ଭାରତକୁ ପ୍ରତି ବର୍ଷ ୫ ଲକ୍ଷ ମେଟ୍ରିକ ଟନ୍ ଏଲଏନଜି ଦେବା ସାମିଲ ରହିଛି ।

ସକାଳ THE SAKALA



# ମନରେଗା ପାଇଁ କଂଗ୍ରେସର ସତ୍ୟାଗ୍ରହ




ଭୁବନେଶ୍ୱର, ୧୯ ।୧ (ସମିସ): କଂଗ୍ରେସ ସରକାର ସମୟରେ କରାଯାଇଥିବା ମନରେଗା ଯୋଜନାକୁ ପରିବର୍ତ୍ତନ କରି ଏବେକାର କେନ୍ଦ୍ର ସରକାର ବିଭି ଜି ରାମ ଜି ଯୋଜନା ପ୍ରଣୟନ କରିଛନ୍ତି । ଏଥିରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇବାର ପ୍ରୟାସ କରାଯାଇନି, ବରଂ ୧୨ କୋଟି ଲୋକଙ୍କ ଜୀବନଜୀବିକାକୁ ହରଣ କରାଯାଇଛି । ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଏହି ନୂଆ ଆଇନ ଅବଜ୍ଞା କରୁଛି ବୋଲି ଅଭିଯୋଗ କରି ପିସିସିର ରାଜୀବଗାନ୍ଧୀ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିନ୍ଦା ପ୍ରସ୍ତାବ

ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଆଜି ଲୋୟର ପିଏମ୍‌ଜିଠାରେ ଏକ ରାଜ୍ୟସ୍ତରୀୟ ମନରେଗା ବଞ୍ଚାଅ ସତ୍ୟାଗ୍ରହ କରାଯାଇଛି । ଏଥିରେ ସଂଗଠନର ଜାତୀୟ ଅଧ୍ୟକ୍ଷ ଡ. ସୁନୀଲ ପନୱର ଏବଂ ଉପାଧ୍ୟକ୍ଷ କୁନାଲ ବାନାର୍ଜୀ ଯୋଗଦେଇ ମନରେଗାର ପରିବର୍ତ୍ତିତ ରୂପରେଖ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ ଏବଂ ନିଜ ହକ୍ ପାଇଁ ପଞ୍ଚାୟତସ୍ତରକୁ ଯାଇ ଲଢ଼େଇ କରିବାକୁ କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସତ୍ୟାଗ୍ରହକୁ ଅନୁଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ ଏହାକୁ ପରିଚାଳନା କରିଥିଲେ ।

ଅନ୍ୟପଟେ, ସଂଗଠନ ତରଫରୁ ରାଜ୍ୟପାଳଙ୍କୁ ଏ ସଂପର୍କିତ ଦାବିପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଥିଲା । ସେଥିପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ସାକ୍ଷାତକାର ସହିତ ଦାବି ପତ୍ର ଦେବା ପାଇଁ ଏକ ଅନୁରୋଧ ପତ୍ର ଦିଆଯାଇଥିଲା । କିନ୍ତୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ମିଳିନଥିଲା । ରାଜ୍ୟପାଳଙ୍କର ଏତାଦୃଶ ଆଚରଣକୁ କଂଗ୍ରେସ ଦୁର୍ଭାଗ୍ୟଜନକ କହିବା ସହ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ଗୃହୀତ କରାଯାଇଥିଲା । ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଗୃହୀତ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସଭାରେ କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା, ଶରତ ରାଉତ, ଦେବାଶିଷ ନାୟକ, ଭୁଜବଳ ମାଝୀ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ମନରେଗା ଯୋଜନାର ପରିବର୍ତ୍ତିତ ରୂପରେଖ ଏବଂ ସରକାରଙ୍କ ଜନମାରଣ ନୀତି ସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ ।

### ସରକାରଙ୍କ ନିୟମକୁ ଉଚ୍ଚଶିକ୍ଷା ବିଭାଗର ଫୁଁ'

# ଭିଜିଲାନ୍ସ ମାମଲା ସତ୍ତ୍ୱେ ପୁନଃ ନିଯୁକ୍ତି

ଭୁବନେଶ୍ୱର, ୧୯ ।୧(ସମିସ): ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପାଇଁ ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ବିଭାଗର ପ୍ରସ୍ତାବ ପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ କମିଟି ଏହାକୁ ତର୍ଜମା କରି ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପାଇଁ ବିଚାରକୁ ନିଆଯିବ ନାହିଁ ବୋଲି ସରକାର ନିୟମ କରିଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସରକାରଙ୍କୁ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇଦେଇଛି । ଭିଜିଲାନ୍ସ ମାମଲା ସତ୍ତ୍ୱେ ୩ ମାସ ପାଇଁ ପ୍ରଥମେ ପୁନଃ ନିଯୁକ୍ତି ଦେଇ ଏହାକୁ ଆଉ ବର୍ଷେ ବଢ଼ାଇବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି ।

**ପୁଣି ବର୍ଷେ ବଢ଼ାଇଲେ କାର୍ଯ୍ୟକାଳ**

ସୂଚନା ଅନୁଯାୟୀ ଗତ ସେପ୍ଟେମ୍ବର ମାସରେ ସାମ୍‌ସ ସୋସାଇଟିରେ ଦୁଇଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି । ଉଚ୍ଚଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ସଚିବ ଭାବେ ଅବସର ନେଇଥିବା ପ୍ରମୋଦ କୁମାର ମିଶ୍ର ଓ ରମାକାନ୍ତ ନାୟକଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି । ତନ୍ମଧ୍ୟରୁ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ସମୟରେ ପ୍ରମୋଦ ମିଶ୍ରଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି । ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ କଟକ ଡିଭିଜନ୍ ଭିଜିଲାନ୍ସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏହାର ତଦନ୍ତ କରୁଥିବା ଜଣା ପଡ଼ିଛି । ମାତ୍ର ସମସ୍ତ ନୀତିନିୟକୁ ଫୁଁ' କରିଦେଇ ଦୁର୍ନୀତି ଅଭିଯୋଗ ଥିବା ଅଧିକାରୀଙ୍କୁ ଉଚ୍ଚଶିକ୍ଷା ବିଭାଗ କିପରି ନିଯୁକ୍ତି ଦେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆହୁରି ସମ୍ବେଦନଶୀଳ ବିଷୟ ହେଲା ପ୍ରଥମେ ୩ ମାସ ପାଇଁ ନିଯୁକ୍ତି ପାଇଥିବାବେଳେ ଏହାକୁ ଆହୁରି ବର୍ଷେ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଆସନ୍ତା ନଭେମ୍ବର ୩୦ ତାରିଖ ଯାଏଁ ଦାୟିତ୍ୱରେ ରହିବେ । ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ନ ଦେବା ପାଇଁ ସରକାର ସ୍ୱତନ୍ତ୍ର ନିୟମ ଆଣିଥିବାବେଳେ ଉଚ୍ଚଶିକ୍ଷା ବିଭାଗରେ କିପରି ନିଯୁକ୍ତି ଦିଆଯାଉଛି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଖୋଦ୍ ବିଭାଗୀୟ ମୁଖ୍ୟ ବା ମୁଖ୍ୟ ସଚିବ କିପରି ଉଲଂଘନ କରି ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କୁ ନିଯୁକ୍ତି ଦେଲେ ବୋଲି ଆର୍‌ଟିଆଇ କର୍ମୀ ପ୍ରତାପ ମହାନ୍ତି ପ୍ରଶ୍ନ କରିଛନ୍ତି । ଚୟନ କମିଟିରେ ମୁଖ୍ୟ ସଚିବଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ସଚିବ ମଧ୍ୟ ସଦସ୍ୟ ଭାବେ ରହିଥିଲେ । ଏଣୁ ସେ ମଧ୍ୟ କିପରି ଜାଣି ପାରିଲେନି ବୋଲି ପ୍ରଶ୍ନ ଉଠିଛି । ଅପରପକ୍ଷରେ ଯଦି ତାଙ୍କ ନାମରେ କୌଣସି ମାମଲା ନ ଥିବା ଶ୍ରୀ ମିଶ୍ର ସତ୍ୟପାଠରେ ଦର୍ଶାଇଥିଲେ ତାଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# ଖଣିମନ୍ତ୍ରୀଙ୍କୁ ବହିଷ୍କାର କରି ମୁଖ୍ୟମନ୍ତ୍ରୀ ନିଜର ଦକ୍ଷତା ପ୍ରମାଣ ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, ୧୯।୧(ସମିସ): ରାଜ୍ୟରେ ବାଲି, ମୋରମ୍ ଓ ପଥର ଚୋରି ବ୍ୟାପକ ହୋଇଥିବା ବେଳେ ଏଥିରେ ସରକାରୀ ଦଳର ନେତା କର୍ମୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି । ନିକଟରେ ଗଞ୍ଜାମ ଜିଲ୍ଲାରେ ଇଡି ଚଢ଼ଉରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତିନିଧିଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ସରକାରଙ୍କ ଉପରେ ବର୍ଷିଛି ବିଜେଡି । ଖଣି ମନ୍ତ୍ରୀଙ୍କୁ ବହିଷ୍କାର କରି ମୁଖ୍ୟମନ୍ତ୍ରୀ ନିଜର ଦକ୍ଷତାର ପ୍ରମାଣ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ଚୋରି, ଖଣି ଚୋରି ଅହେତୁକ ବୃଦ୍ଧି ପାଇଛି । ଏହି ଚୋରି ସରକାରୀ ଦଳର ପ୍ରୋତ୍ସାହନରେ ହେଉଛି ବୋଲି ବିଜେଡି ଅଭିଯୋଗ କରିଆସୁଛି । ସରକାରଙ୍କ ପ୍ରୋତ୍ସାହନରେ ହେଉଥିବା ଚୋରିର ଫଳସ୍ୱରୂପ ଲଘୁଖଣିଜ ସମ୍ପଦର ରାଜସ୍ୱ ୨୦୨୩-୨୪ରେ ୧୪୮୫ କୋଟି ଥିଲା ବେଳେ ୨୦୨୪-୨୫ରେ ୬୦୦କୋଟି ଟଙ୍କାକୁ ଖସି ଆସିଛି । ସେହିପରି, ଗୁରୁ ଖଣିଜ ସମ୍ପଦରେ ୫୦,୦୦୦ କୋଟି ଟଙ୍କାରୁ ୩୪,୦୦୦ କୋଟି ଟଙ୍କାକୁ ଖସି ଆସିଛି । ଏହି ରାଜସ୍ୱହାନି ରାଜ୍ୟ ଆର୍ଥିକ ସ୍ଥିତି ପାଇଁ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ । ଏହାଛଡ଼ା ବାଲି ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଚୋରି ଯୋଗୁଁ ବାଲି ଇତ୍ୟାଦିର ଦର ଅହେତୁକ ବୃଦ୍ଧି ପାଇଛି । ଏହି କାରଣରୁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ବିପର୍ଯ୍ୟସ୍ତ ହେଉଛି ।

- ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଚାଲିଛି ବାଲି ଓ ଅନ୍ୟ ଖଣିଜ ସମ୍ପଦ ଚୋରି
- ଖଣିମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମ୍ପୃକ୍ତି ଇଡି ଚଢ଼ଉରୁ ସ୍ପଷ୍ଟ ହୋଇଛି
- ଚୋରି ବୃଦ୍ଧି ଯୋଗୁଁ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦ ରାଜସ୍ୱ ହ୍ରାସ ଘଟିଛି

ଡ. ମହାନ୍ତି କହିଥିଲେ ଯେ ଏହି ଚୋରି ସମ୍ପର୍କରେ ବିଜୁ ଜନତା ଦଳ ପକ୍ଷରୁ ବାରମ୍ବାର ଅବଗତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି । ନିକଟରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା ଇଡି ଚଢ଼ଉରେ ଖଣିମନ୍ତ୍ରୀଙ୍କ ପ୍ରତିନିଧି ନିଜେ ଚୋରିରେ ସମ୍ପୃକ୍ତ ବୋଲି ସ୍ପଷ୍ଟ ହେବାପରେ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ମୁଖା ଖୋଲିଯାଇଛି । ଖଣିମନ୍ତ୍ରୀ ଶ୍ରୀ ଜେନା ନିଜ ଦସ୍ତଖତରେ ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ ସୁନୀଲ ପାତ୍ର ଖଣି, ପୁଲିସ ଓ କୋର୍ଟ ବିଭାଗରେ ତାଙ୍କର ପ୍ରତିନିଧିର ମାନ୍ୟତା ଦେଇଥିଲେ । ସୁନୀଲଙ୍କ ବାଲି ଚୋରିରେ ସମ୍ପୃକ୍ତି ଇଡି ଚଢ଼ଉରେ ସ୍ପଷ୍ଟ ହେବା ପରେ ଏହି ଚୋରିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ସିଧାସଳଖ ରହିଛି ବୋଲି ସ୍ପଷ୍ଟ ହୋଇଛି । ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ ବୋଲି ବିଜେଡି ଦାବି କରୁଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୁ-ଶାସନ କଥା କହୁଛନ୍ତି, ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି । ଯଦି ସତ୍‌ସାସସ ଅଛି, ଖଣି ମନ୍ତ୍ରୀ ଶ୍ରୀ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ନିଜ ଦକ୍ଷତାର ପରିଚୟ ଦିଅନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି ।

# ହତ୍ୟାକାରୀକୁ ଆଜୀବନ ଜେଲ୍

ଅନୁଗୋଳ,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା ଓ ଦୌରାଜଜ୍ ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗାଁର ଚତୁର୍ଭୁଜ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ୨୦୨୪ ନଭେମ୍ବର ୪ରେ ଚତୁର୍ଭୁଜ ନିଜ ଗାଁର ଚିକୁନ ମାଝୀ ନାମକ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲା । ଏ ସଂପର୍କରେ ଚିକୁନଙ୍କ ପରିବାରଲୋକେ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଚତୁର୍ଭୁଜଙ୍କୁ ଗିରଫ କରିଥିଲା । ୧୪ଜଣଙ୍କ ସାକ୍ଷ୍ୟ ଏବଂ ତଥ୍ୟ-ପ୍ରମାଣ ଆଧାରରେ ଅନୁଗୋଳ ଜିଲ୍ଲା ଓ ଦୌରାଜଜ୍ ଦାମୋଦର ରଥ ଆଜି ଚତୁର୍ଭୁଜଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ପ୍ରଶାନ୍ତ କୁମାର ମଲ୍ଲିକ ମାମଲା ପରିଚାଳନା କରୁଥିଲେ ।

### ■ ଅଙ୍ଗନବାଡି କର୍ମଚାରୀଙ୍କ ବକେୟା ପ୍ରଦାନ କରାନଯିବା ପ୍ରସଙ୍ଗ

# ୫ ଦିନ ମଧ୍ୟରେ ପଇଠ ନହେଲେ ସୁଧ ଗଣିବେ ସରକାରୀ ବାବୁ

କଟକ, ୧୯ ।୧(ସମିସ): ରାଜ୍ୟ ସରକାର ନିଜ କର୍ମଚାରୀଙ୍କ ପ୍ରତି ଏକ 'ଆଦର୍ଶ ନିଯୁକ୍ତିଦାତା' ଭାବେ ଆଚରଣ କରିବା ଉଚିତ । ଜଣେ କର୍ମଚାରୀଙ୍କୁ ତାଙ୍କର ନ୍ୟାଯ୍ୟ ଦରମାରୁ ବଞ୍ଚିତ କରିବା ତାଙ୍କର ଜୀବିକା ନିର୍ବାହ ଅଧିକାରକୁ କ୍ଷୁଣ୍ଣ କରୁଛି । ଦରମାରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ସିଧାସଳଖ ଉଲ୍ଲଙ୍ଘନ । କାର୍ଯ୍ୟ କରିବା ପରେ କୌଣସି କର୍ମଚାରୀଙ୍କ ଦରମା ଅଟକାଇ ରଖିବା ସରକାରଙ୍କ ପକ୍ଷେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ । ପୁଷ୍ପାଞ୍ଜଳି ସାହୁ ନାମକ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଦୀର୍ଘ ଦିନ ଧରି ଦରମାରୁ ବଞ୍ଚିତ କରାଯିବା ଘଟଣାରେ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି । ଆବେଦନକାରୀ ଅଙ୍ଗନବାଡ଼ି କର୍ମୀଙ୍କ ବକେୟା ଦରମା ୧୫ ଦିନ ମଧ୍ୟରେ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମୟସୀମାରେ ଏହି ଅର୍ଥ ପ୍ରଦାନ କରା ନଗଲେ, ପ୍ରତିପକ୍ଷ ସରକାରୀ ଅଧିକାରୀ ବାର୍ଷିକ ୯ ପ୍ରତିଶତ ସୁଧ ଗଣିବେ ଗଣିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ପ୍ରଥମଖଣ୍ଡି ପଞ୍ଚାୟତର ୬ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରେ ଆବେଦନକାରୀ ୨୦୨୫ ଜୁଲାଇ ୨୪ରୁ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଥିଲେ । ନିଯୁକ୍ତି ଦିନଠାରୁ ସେ ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ମାସିକ ଦରମା ପ୍ରଦାନ କରାଯାଇନଥିଲା । ବାରମ୍ବାର ଆବେଦନ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ସମବାୟ ସଂସ୍ଥାରେ ଅଣ-ସମବାୟବିତ୍‌ଙ୍କ ରାଜୁତି

# ସମବାୟ ସୁରକ୍ଷା ଅଭିଯାନ ଆରମ୍ଭ କଲା କଂଗ୍ରେସ




ଭୁବନେଶ୍ୱର,୧୯ ।୧(ସମିସ): ବିଜେପି ସରକାରରେ ସମବାୟ ସଂସ୍ଥାଗୁଡ଼ିକ ବହୁ ଦେବାଳିଆ ହେବାରେ ଲାଗିଛି । ଅଣ ସମବାୟବିତ୍‌ମାନଙ୍କ ପରିଚାଳନା ଦ୍ୱାରା ସମବାୟ ସଂସ୍ଥାଗୁଡ଼ିକ ଦୁର୍ନୀତିର ପାହାଡ଼ରେ ପରିଣତ ହୋଇଛି । ସମବାୟ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟଦାବୀ ପୂରଣ କରାଯାଉନାହିଁ । ସମବାୟ ତେଲକଳ, ସୂତାକଳ, ଚିନିକଳ ଅଚଳ । ଆରଏମସିଗୁଡ଼ିକ ଚାଷୀଙ୍କ ପାଇଁ ଠିକଣା ଢଙ୍ଗରେ କାମ କରୁନି । ଧାନ ଓ ଅନ୍ୟାନ୍ୟ ଫସଲ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନ ଥିବା ସହିତି ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ । ଏପର୍ଯ୍ୟନ୍ତ ସରକାରଙ୍କ ଘୋଷଣା କେବଳ ପ୍ରଚାର ସର୍ବସ୍ୱ ଓ କାଗଜ କଲମରେ ସୀମିତ ରହିଛି । ତେଣୁ ଏହାର ପ୍ରତିବାଦ ଓ ସମବାୟ ସଂସ୍ଥାଗୁଡ଼ିକର ସୁରକ୍ଷା ନିମନ୍ତେ କଂଗ୍ରେସ ଅଭିଯାନ ଆରମ୍ଭ କରିଛି ବୋଲି କହିଛନ୍ତି କଂଗ୍ରେସର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଦେଶର ପ୍ରତି ପଞ୍ଚାୟତସ୍ତରରେ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା କରିବା ଦ୍ୱାରା ସମବାୟ ସମୃଦ୍ଧିଶାଳୀ ହୋଇଥିଲା ଏବଂ ସାହୁକାର ଓ ଶୋଷଣରୁ ଚାଷୀ ମୁକ୍ତି ପାଇଥିଲେ । ଓଡ଼ିଶାରେ ସମବାୟର ପ୍ରାଣ ପ୍ରତିଷ୍ଠାତା କୁଳବୃଦ୍ଧ ମଧୁସୂଦନ ଦାସ ସମବାୟର ବିକାଶ ପାଇଁ ଯେଉଁ ଚିତ୍ର ଆଙ୍କି ଯାଇଛନ୍ତି କଂଗ୍ରେସ ସରକାର ସମୟରେ ବିଶ୍ୱାସର ସହିତ ଏହା କାର୍ଯ୍ୟକାରୀ କରାଯାଇଥିଲା । ମାତ୍ର ଏବେ ଏହା ଭୁଶୁଡ଼ି ପଡ଼ିଛି । ତେଣୁ ସମବାୟ ସଂସ୍ଥାଗୁଡ଼ିକର ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସେ ସରକାରଙ୍କୁ ସତର୍କ କରାଇଛନ୍ତି ।

ସମବାୟର ସାମଗ୍ରୀକ ବିକାଶ ଓ ପୁନରୁଦ୍ଧାର ପାଇଁ ବିଶିଷ୍ଟ ସମବାୟବିତ୍‌ମାନଙ୍କୁ ନେଇ ରାଜ୍ୟରେ ଏକ ଟାସ୍କ ଫୋର୍ସ କମିଟି ଗଠନ, ସମବାୟ ଏକାଡେମୀ ପ୍ରତିଷ୍ଠା, ପ୍ରଚାର ଓ ପ୍ରସାରଣ ପାଇଁ ରାଜ୍ୟ ସମବାୟ ୟୁନିୟନ ଲିଃକୁ ସଶକ୍ତ କରିବା ସହିତ ଶିକ୍ଷା ପାଣ୍ଠିର ବୃଦ୍ଧି, ସମବାୟ ପାଇଁ ବାର୍ଷିକ ବଜେଟରେ ଅଭିବୃଦ୍ଧି, ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼, ପ୍ରତି ସବ୍‌ଡିଭିଜନରେ ତୁରନ୍ତ ଶୀତଳ ଭଣ୍ଡାର ଓ ପ୍ରତି ଗ୍ରାମ ପଞ୍ଚାୟତରେ ଗୋଦାମ ଗୃହ ନିର୍ମାଣ, ଶୀତଳଭଣ୍ଡାର ଉଦ୍ୟୋଗୀମାନଙ୍କୁ ପାଇଁ ସମ୍ପୂର୍ଣ୍ଣ ବିଦ୍ୟୁତ ଛାଡ଼ ପ୍ରଭୃତି ପାଇଁ କଂଗ୍ରେସ ସମବାୟ ପ୍ରକୋଷ୍ଠ ଦାବି କରିଛି । ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ରାଘବ ଚନ୍ଦ୍ର ପରିଡ଼ା, ପୂର୍ବତନ ବିଧାୟକ ଡଃ. ତ୍ରିନାଥ ସାହୁ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଭିତରକନିକାରେ ୧୮୫୮ କୁମ୍ଭୀର

ରାଜନଗର, ୧୯ ।୧ (ସମିସ): ବଉଳା କୁମ୍ଭୀରଙ୍କ ଭୂ-ସ୍ୱର୍ଗ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି । ଗତବର୍ଷ ଭିତରକନିକା ଭିତରେ ଓ ବାହାରେ ଥିବା ନଦୀ, ନାଳଗୁଡ଼ିକରେ ୧୮୨୬ଟି ବଉଳା କୁମ୍ଭୀର ଠାବ କରାଯାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୫୮କୁ ବୃଦ୍ଧି

## ଗତବର୍ଷଠାରୁ ୩୨ ବଢ଼ିଲେ

ପାଇଛି । ଗତବର୍ଷଠାରୁ ଚଳିତ ବର୍ଷ ୩୨ଟି କୁମ୍ଭୀର ଅଧିକ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି ।

କନିକା ରେଞ୍ଜର ପାଟଶାଳାମାଉଥରୁ ଏଫ୍‌ଆର୍‌ଏଚ୍ ଜେଟ୍ଟୀ ମଧ୍ୟରେ ୨ଟି, ଏଫଆରଏଚ୍ ଜେଟ୍ଟୀରୁ ଖୋଳାମାଉଥ୍ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ୨୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ଗୋଟିଏ ବଉଳା କୁମ୍ଭୀର ବନ ବିଭାଗ ଗଣନା ଟିମ୍ ଠାବ କରିଛି । ସେହିପରି, ଜୟନଗର-ଖୋଳା ମଝି ବାଲିପଠା, ଥାନପତିମାଉଥ୍, ଗଞ୍ଜେଇଖିଆ, ଶୁଆଯୋର, ଗୋଧରାପାଳ, ଗୁମୁରାଗାଁ ନିକଟରେ ୧୫ ଫୁଟ୍‌ରୁ ଅଧିକ ଲମ୍ବର କୁମ୍ଭୀର ଠାବ କରାଯାଇଛି ବୋଲି ବନ ବିଭାଗ କହିଛି । ଚଳିତ ମାସ ୮ ରୁ ୧୦ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା । ବରିଷ୍ଠ ଜୀବବିଜ୍ଞାନୀ ଡକ୍ଟର ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୨ଟି ଟିମ୍ ଏହି ଗଣନା କରିଥିଲେ । ଗଣନା ବେଳେ ୨ ଫୁଟ୍‌ରୁ କମ୍ ଲମ୍ବର ୫୩୧ଟି କୁମ୍ଭୀର ଛୁଆ ଠାବ ହୋଇଥିବା ବେଳେ ୮ ଫୁଟରୁ ଅଧିକ ଅର୍ଥାତ୍ ବଡ଼ କୁମ୍ଭୀର ୩୫୩ଟି ଦେଖାଯାଇଥିଲା ବୋଲି ଡିଏଫ୍‌ଓ ଭରଦ୍ୱାଜ ଗାଓଁଙ୍କର ସୂଚନା ଦେଇଛନ୍ତି ।



ସୂଚନାଯୋଗ୍ୟ, ୧୯୭୦ ମସିହା ମଧ୍ୟଭାଗ୍ୟରେ କରାଯାଇଥିବା ଏକ ସର୍ଭେରେ ଭାରତବର୍ଷରେ କୁମ୍ଭୀର ସଂଖ୍ୟା ନଗଣ୍ୟ ଥିଲା । ପରେ କୁମ୍ଭୀରଙ୍କ ବଂଶବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନା ଅନୁଯାୟୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାମୁଦ୍ରିକ ପ୍ରାଣୀବିଶେଷଜ୍ଞ ଡ. ଏଚ୍.ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ହେବ ବୋଲି ଚିହ୍ନଟ କରିଥିଲେ । ୧୯୭୫ ମସିହାରେ ୧୧୫ବର୍ଗକିମି ଅଞ୍ଚଳରେ ୫୦ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା । ପ୍ରଥମେ ୩୪ଟି ବଡ଼ କୁମ୍ଭୀରଙ୍କ ସମେତ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହି ସଂଖ୍ୟା ୧୮୫୮ରେ ପହଞ୍ଚିଛି ।



# ନଳକୂପ ଖନନରେ ଅନିୟମିତତାର ତଦନ୍ତ

ପ୍ରୀତିପୁର,୧୯।୧(ସମିସ)



ଏକ ଗଭୀର ନଳକୂପ ଖନନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମବାସୀ ବିଞ୍ଝାରପୁର ଆର୍‌ଡବ୍ଲ୍ୟୁଏସ୍‌ଏସ ଅଫିସର ଜେଇଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗର ପ୍ରାୟ ମାସେ ପରେ ବିଭାଗୀୟ ତଦନ୍ତ ହୋଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ଅଧୀନ ଆଉଁରୀ ପଞ୍ଚାୟତର କୁଆଁରପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଗବଡିହ ପଡ଼ାଗ୍ରାମରେ ପାନୀୟ ଜଳ କଷ୍ଟ ଲାଗି ରହିଛି। ପିଇବା ପାଣି ଟୋପାଏ ପାଇଁ ଲୋକେ ପ୍ରାୟ ଏକ କିଲୋମିଟର ଦୂରକୁ ଯାଇ ସେଠାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ସ୍ଥାନୀୟ ଲୋକ ମାନଙ୍କର ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମରେ ଏକ ଗଭୀର ନଳକୂପ ଖନନର ଆବଶ୍ୟକତାକୁ ଉପଲବ୍‌ଧି କରି ଯାଜପୁର ସାଂସଦଙ୍କ ପାଣ୍ଠି ମଞ୍ଜୁର କରିଥିଲେ। ଟେଣ୍ଡର ପ୍ରକ୍ରିୟା ପରେ ଏହି ପ୍ରକଳ୍ପଟିର ଦାୟିତ୍ୱ ନେଇଥିବା ଠିକାଦାର ନିର୍ଦ୍ଧାରିତ ସମୟରେ ଖନନ କରି ନଥିଲେ। ବହୁ ଦିନ ପରେ ସେ ଅନଭିଜ୍ଞ ଲୋକମାନଙ୍କ ଦ୍ୱାରା ଏହି ନଳକୂପର ଖନନ କରା ଯାଇଥିଲା। ଏହି କାରଣରୁ ୨୦୦ ମିଟର ପାଇପ୍ ଲୋଡିଂ ହୋଇଥିଲେ ମଧ୍ୟ ରୋପ୍ ଏଣ୍ଟ୍ରି ବେଳେ ଏହା ୧୦୦ ମିଟରରୁ ସାମାନ୍ୟ ଅଧିକ କ୍ଲିୟର ଥିବା ଜଣା ପଡିଥିଲା। ତେବେ ଏପରି ସମସ୍ୟାର ସମାଧାନ କରିବା ପାଇଁ ଠିକାଦାର କୌଣସି ବ୍ୟବସ୍ଥା ଗ୍ରହଣ କରିବା ପରିବର୍ତ୍ତେ ସେହି ଅବସ୍ଥାରେ କାମଟିକୁ ଶେଷ କରି ପ୍ଲାଟଫର୍ମ ତିଆରି କରିଥିଲେ। ବାଲି ପରିବର୍ତ୍ତେ ପ୍ଲାଟ ଫର୍ମର ଏମଟି ଫିଲିଂ ମାଟି ପଶାଯାଇ କରାଯାଇଛି। ଗବଡିହ ଗ୍ରାମବାସୀ ଏନେଇ ଆର୍‌ଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ନଜରକୁ ଘଟଣାଟିକୁ ଆଣିଛନ୍ତି। ଘଟଣା ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଇଂ. ବିଷ୍ଣୁ ମୋହନ ଶତପଥୀ ପଚାରିବାରୁ ନଳକୂପ ଖନନରେ ହୋଇଥିବା ଅଭିଯୋଗର ସତ୍ୟତାକୁ ସ୍ୱୀକାର କରିଥିଲେ। ଠିକାଦାରଙ୍କୁ ପାଇପ୍ ଉଠାଇ ପ୍ରକଳ୍ପଟିକୁ ଠିକ୍ ଢଙ୍ଗରେ କରିବା ପାଇଁ ପରାମର୍ଶ ଦେଇଥିଲେ। ତୁରନ୍ତ ନଳକୂପଟି କରାଯାଉ କିମ୍ବା ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ

**ବରୀ,୧୯।୧(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଅଜାଣ ଶୁକଳେଶ୍ୱର ମନ୍ଦିର ପଡିଆରେ ସମଗ୍ର ହିନ୍ଦୁ ସମାଜ ବରୀ ଖଣ୍ଡ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଶ୍ରୀ ଗାୟତ୍ରୀ ବଲ୍ଲଭାନନ୍ଦ ମହାରାଜ, ମୁଖ୍ୟବକ୍ତା ଅସିତ କୁମାର ସାହୁ, ଓଡ଼ିଶା ପୂର୍ବ ପ୍ରାନ୍ତ ସଂଯୋଜକ, ସ୍ୱୟଂସେବକ ସଂଘ ସମ୍ମାନିତ ଅତିଥି ଗଗନ ମହାରାଜ, ନାଗବଣ ମଠ, ନେମାଳ, ଶ୍ୟାମସୁନ୍ଦର ମହାରାଜ, କଳାମାଟିଆ ମଠ ପିତାମ୍ବର ଦାସ ମହାରାଜ, ଅଜାଣ ମଠ ମେଢୁଆକୁଳ ପ୍ରମୁଖ ଯୋଗଦେଇଥିଲେ।

ଶିକ୍ଷାବିତ ମକାରଧ୍ୱଜ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରୀ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ କବିର ଦାସ ଏବଂ ରବୀନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱଶାନ୍ତି ଯଜ୍ଞ ସମାପ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପରେ ପରେ ସାଧୁ ସନ୍ଥ ମାନଙ୍କ ଆଶ୍ରୀବାଣୀ ହୋଇଥିଲା।

ଏହି ପବିତ୍ର କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମିର୍ଜାପୁର ଗ୍ରାମର ନୃସିଂହ ଚରଣ ଦାଶ, ଅଲିଆବାଦ ଗ୍ରାମର ପରିବେଶବିତ ଭରତ ଚନ୍ଦ୍ର ଜେନା ଏବଂ ସର୍ବାଧିକ ଶବଦାହ କରିଥିବା ନବଘନ ଶାନ୍ତି, ପିତାମ୍ବର ଦାସ, ଚନ୍ଦ୍ରକାନ୍ତ ଜେନା, କରୁଣାକର ଦାସ, ମୁରଲୀ ବେହେରା ଏବଂ ରତ୍ନଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବରୀ ସ୍ୱୟଂସେବକ ସଂଘ ସଂଯୋଜକ ରାକେଶ ସାମଲ, ଧୀରେନ୍ଦ୍ର ଦାସ, ସୁଶାନ୍ତ ପଣ୍ଡା, ତପନ ପଣ୍ଡା, ସବ୍ୟସାଚୀ ଜେନା, ଗୋବର୍ଦ୍ଧନ ରାଉତ, ନିରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## କରଦା ହରିହାଟ ମେଳା ଓ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ


**ପାଣିକୋଇଲି,୧୯।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ପୁରାତନ ଓ ପ୍ରସିଦ୍ଧ କରଦା ହରିହାଟ ମେଳା ଓ ମହୋତ୍ସବ ଆସନ୍ତା ମାଘ ସପ୍ତମୀ ଜାନୁଆରୀ ୨୫ ଠାରୁ ଆରମ୍ଭ ହେବ। ଏହି ଅବସରରେ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟସ୍ତରୀୟ କଳା ସଂସ୍କୃତି ପରିଷଦକୁ ସ୍ଥାନ ଦେବା ସହିତ ସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ସ୍ଥାନ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଓଡିଶୀ, ଏକକ ନୃତ୍ୟ ଶିଳ୍ପୀ, ଗ୍ରୁପ ଡ୍ୟାନ୍ସ, ଆଙ୍କରିଂ, କମେଡି ଆଦିରେ ପାରଦର୍ଶିତା ଲାଭ କରିଥିବା ନୂତନ କଳାକାରମାନଙ୍କୁ ସାମିଲ କରାଯିବ। ଅଭିଜ୍ଞ ବିଚାରପତି ମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ବୈଠକରେ ନିଷ୍ପତି କରାଯାଇଥିଲା। ଏଥି ସହିତ ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟଲ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବଛାବଛା ରାଜ୍ୟସ୍ତରୀୟ କଳାକାରମାନଙ୍କୁ ନେଇ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବାକୁ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ନିଆଯାଇଥିଲା। ୨୫ ତାରିଖ ପ୍ରତ୍ୟୁଷର କଳସବୁଡା, ନାମଯଜ୍ଞ, ଯଜ୍ଞ ଆଦି କରାଯିବ। ଶତାଧିକ ଷ୍ଟଲ ଲାଗୁଥିବାରୁ ବିଦ୍ୟୁତ୍ ବିଭାଗ, ପୁଲିସ ପ୍ରଶାସନର ସହଯୋଗ ନିଆଯିବାକୁ ସ୍ଥିର ହୋଇଥିଲା। ମେଳା କମିଟିର ସଭାପତି ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ଚନ୍ଦ୍ର ସାହୁ, ଗୋବିନ୍ଦ ସାହୁ, ପ୍ରମୋଦ କୁମାର ମହାପାତ୍ର, ଅଭୟ କୁମାର ବେହେରା, ମାୟାଧର ଜେନା, ବିଶ୍ୱନାଥ ପଣ୍ଡା, ନବଘନ ପଣ୍ଡା, ଫକିର ବାରିକ, ଗଣେଶ୍ୱର ଦାଶ, ସୁବାସ ସ୍ୱାଇଁ, ସଚିଦାନନ୍ଦ ସାହୁ, ଚିନ୍ତାମଣି ସାହୁ, ସଂଜୟ କୁମାର ନାୟକ, ପ୍ରଶନ୍ନ ବେହେରା, ରାଜକିଶୋର ଦାସ, ନବଘନ ପଣ୍ଡା, କାଉକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୨୫ ତାରିଖରୁ ମେଳା ଆରମ୍ଭ ହେବାକୁ ଥିବା ବେଳେ ୨୭ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ଫେବୃଆରୀ ୨ରେ ମହୋତ୍ସବ ଓ ୪ ତାରିଖରେ ମେଳା ଉଦଯାପିତ ହେବ।

## ସତ୍ୟନାରାୟଣ କ୍ରିକେଟ୍ କପ୍ ଫାଇନାଲ୍




**ବଡ଼ଚଣା,୧୯।୧(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ନିଶିମଳା ଖେଳପଡିଆଠାରେ ଅନୁଷ୍ଠିତ ସତ୍ୟନାରାୟଣ କ୍ରିକେଟ ଆସୋସିଏସନ ପକ୍ଷରୁ ୪୨ତମ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟି-ଟ୍ୱେଣ୍ଟି ମ୍ୟାଚରେ ଇଞ୍ଜିନପୁର ଯାଜପୁରକୁ ୫ ୱିକେଟରେ ହରାଇ ବିଶ୍ୱଭାରତୀ ବିଜୟୀ ହୋଇଛି। ଇଞ୍ଜିନପୁର ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୪ଟା ବଲରେ ସମସ୍ତ ୱିକେଟ ହରାଇ ୯୯ ରନ ହାସଲ କରିଥିଲେ। ଦ୍ୱିତୀୟ ପାଳିରେ ବିଶ୍ୱଭାରତୀ କଟକ ଦଳ ବ୍ୟାଟିଂ କରି ୧୭ ଓଭରରେ ୧୦୦ ରନ କରି ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚକୁ ଉଦ୍‌ଘାଟକ ଭାବେ ପ୍ରମୋଦ ପତି ଫାଉଣ୍ଡେସନର ମୁଖ୍ୟ ଦିବ୍ୟଜ୍ୟୋତି ପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗ ଦେଇଥିଲେ। ନିଶିମଳା ଗ୍ରାମ୍ୟ କମିଟି ତରଫରୁ ବିଭୁତି ଭୂଷଣ ଜେନା, ପ୍ରମୋଦ ଜେନା, ଅଜୟ ଜେନା, ସଭାପତି ପ୍ରୀତମ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୈଏଦ ଇରଫାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ଟ୍ରଫି ସମାଜସେବୀ ମାନଗୋବିନ୍ଦ ରାଉତ ପ୍ରଦାନ କରିଥିଲେ। ଜାହିର ୱାରିସଙ୍କୁ ମ୍ୟାନ ଅଫ ଦ ସିରିଜ ରାକେଶ ଧଳ ପ୍ରଦାନ କରିଥିଲେ। ପ୍ରଶାନ୍ତ ସାହୁଙ୍କୁ ବେଷ୍ଟ ବୋଲର ଭାବେ ବଜରଙ୍ଗୀ ସିଂ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ପରିଚାଳକ ବିକାଶ କୁମାର ଦାସ, ଦୁଷ୍ମନ୍ତ ଖିଲାର, ସତ୍ୟଜିତ ସ୍ୱାଇଁ, ରାକେଶ ବିଶ୍ୱାଳ, ମୟୂରେଶ ଜେନା, ପର୍ଜେଷ ସ୍ୱାଇଁ, ତାପସ ଦାସ, ସମ୍ପାଦକ ଶ୍ୱେତରଞ୍ଜନ ବଳ, ଉପେଦେଷ୍ଟା ଶ୍ରୀପତି ଜେନା, ଅଟଳ କୁମାର ଜେନା, ଅନିଦ୍ୟ ସାମଲ, ଓ ପ୍ରେସ୍ କ୍ଲବ ଚଣ୍ଡିଖୋଲର ସମ୍ପାଦକ ହେମଶ କୁମାର ଜେନାଙ୍କ ସହ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଯଚିନ୍ଦ୍ର ନାୟକ ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ



**ଧର୍ମଶାଳା,୧୯।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ଜାରକା ବଜାରରେ ଥିବା ଛକଡ଼ି ସାହୁ ମିଷ୍ଟାନ୍ନ ଭଣ୍ଡାରର ମାଲିକ ଗୋବିନ୍ଦ ଚନ୍ଦ୍ର ସାହୁ (୭୫)ଙ୍କର ଆଜି ସକାଳେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତ ଗୁରୁବାର ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମରଶରୀରକୁ ଆଜି ନିଜ ଗ୍ରାମକୁ ଅଣାଯାଇ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିଯିବା ସହିତ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୨ଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଖବର ପାଇ ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ପୁତୁରା ରତିକାନ୍ତ ସାହୁ ମୁଖାଗ୍ନି ଦେଇଥିଲେ।

## ଓଚିନ୍ଦାରେ ମୁକ୍ତାକାଶ ନାଟକ ଉଦ୍‌ଘାଟିତ

**ପାଣିକୋଇଲି,୧୯।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଅବସରରେ ଗୋପିନାଥଜୀଉ ନାଟ୍ୟ ପରିଷଦ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ମୁକ୍ତାକାଶ ନାଟକ ମଞ୍ଚ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରକାଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମାଜସେବୀ ଶରତ ଚନ୍ଦ୍ର ଦାଶ, ଉପଦେଷ୍ଟା ରଘୁନାଥ ପାଢ଼ୀ, ବରିଷ୍ଠ ନେତା ମଧୁସୂଦନ ସାହୁ ଯୋଗଦେଇ ପାରମ୍ପରିକ କଳା କ୍ଷେତ୍ରରେ ଗ୍ରାମ୍ୟ ଯୁବକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଦୁଇ କଳାକାର ହରିହର ଗିରି ଓ ସଦାଶିବ ବାରିକଙ୍କ ଅକାଳ ମୃତ୍ୟୁରେ ସେମାନଙ୍କ ସ୍ମୃତିରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ମଞ୍ଚ ନାଟ୍ୟ ନିର୍ଦ୍ଦେଶକ ସିପୁ ପଣ୍ଡା, ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀଧର ପଣ୍ଡା, ନୃତ୍ୟ ନିର୍ଦ୍ଦେଶକ ରମେଶ ସାହୁ, ସିରିଏଲ କଳାକାର ଆକଶ ନାୟକ, ପୂଜା ମହାନ୍ତି ଓ ଅତିଥି ମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୈଳାସ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚସ୍ଥ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ଦର୍ଶକଙ୍କ ମନମୋହିଥିଲା। ଦୀପକ ସାମଲ, ବିଭୁରଞ୍ଜନ ମହାରଣା, ଯଯାତି ଆରଣ, କାହ୍ନୁ ଧଳ, ମନୋଜ ପାଢୀ, ଦିନବନ୍ଧୁ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରୀ,୧୯।୧(ସମିସ):** ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ରାମପୁରର ୩୨ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ସାଇକଲ ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ପ୍ରତିଷ୍ଠାତା ଗଗନ ବିହାରୀ ଜେନା ଓ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ଭୋଳାନାଥ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲିପ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଶିକ୍ଷାବିତ ଡ. ନୃସିଂହ ଚରଣ ବେହେରା, ମକରଧ୍ୱଜ ସାହୁ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନକୁଳ ଚନ୍ଦ୍ର ଦାସ, ପୂର୍ବତନ ସଭାପତି କେଦାର ଚନ୍ଦ୍ର ସାମଲ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ପ୍ରସନ୍ନ ସାମଲ, ବରୀ ବ୍ଲକ ଓଷ୍ଟା ସଭାପତି ରବୀନ୍ଦ୍ର କୁମାର ପତି, ଅବସର ପ୍ରାପ୍ତ ପୁଲିସ ଅଧିକାରୀ ମନୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ବିରଜା କ୍ଷେତ୍ର ଫେଷ୍ଟିଭାଲ୍ ଉଦ୍‌ଘାଟିତ



**ଯାଜପୁର,୧୯।୧(ସମିସ):** ଶକ୍ତି ପୀଠ ଯାଜପୁର ସହର ମଧ୍ୟରେ ସଂସ୍କୃତି ଭବନ ପରିସରରେ ବିରଜା କଲ୍‌ଚରାଲ ଏକାଡେମୀ ଦ୍ୱାରା ପ୍ରାୟୋଜିତ ତୃତୀୟ ବିରଜା କ୍ଷେତ୍ର ଫେଷ୍ଟିଭାଲ ଅନୁଷ୍ଠାନର ସଭାପତି ଗୁରୁ ଆଶିଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଏବଂ ଉତ୍ସବର ଆକର୍ଷଣ ଥିଲେ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟି। ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ଭାଇସ ଚେୟାରମେନ ରାଜୀବ କୁମାର ମହାନ୍ତି ଯୋଗ ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଇନଜୀବ ଦୀପ୍ତିରଞ୍ଜନ ମହାନ୍ତି ଅନୁଷ୍ଠାନର ସମ୍ପାଦିକା ଗୁରୁ ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିବା ପରେ ଗୁରୁ ଆଶିଷ ଦାସଙ୍କ ସଂଯୋଜନା ଓ ପରିଚାଳନା ସମ୍ପାଦିକା ପ୍ରତିମା ମିଶ୍ରଙ୍କ ସହଯୋଗରେ ଅନୁଷ୍ଠାନର ଶିଳ୍ପୀମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

**କୟାଁଗୋଲା,୧୯।୧(ସମିସ):** ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପ୍ରମିଳା ବାଇ ଓ ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପିକା ସୁଷମା ସାହୁ ସ୍ୱେଚ୍ଛାସେବୀ ଓ ଛାତ୍ରୀମାନଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ଶ୍ରଦ୍ଧାଞ୍ଜଳୀ ନାୟକ, ଶୁଭସ୍ମିତା ସାହୁ, ରଶ୍ମି ଦଳାଇ, ବ୍ରଜ କିଶୋର ସାହୁ ଓ କୁଶେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀବିରଜା ସେବା ସମିତିର ସମ୍ବର୍ଦ୍ଧନା ଉତ୍ସବ

**ଯାଜପୁର,୧୯।୧(ସମିସ):** ମା'ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀବିରଜା ସେବା ସମିତିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନାପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ। ପଣ୍ଡିତ ବୈଷ୍ଣବ ଚରଣ ଦାଶଙ୍କୁ ଶ୍ରୀବିରଜା ସେବା ସମିତି ସମ୍ମାନ ମରଣୋତ୍ତର ଭାବେ ପ୍ରଦାନ କରାଯାଇଥିଲା। ଏହାପରେ ମା'ବିରଜା ଓ ବିରଜାକ୍ଷେତ୍ର ସମ୍ପର୍କରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂଜକ




ଦେବୀପ୍ରସାଦ ପାଣି ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବିରଜା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ କର ପ୍ରଥମ, ଯାଜପୁର ଜିଲ୍ଲା ସ୍କୁଲର ଛାତ୍ର ସତିଶ ପ୍ରିୟଦର୍ଶୀ ସାହୁ ଦ୍ୱିତୀୟ ଓ ମ୍ୟୁନିସିପାଲ୍‌ର ଛାତ୍ରୀ ସୁକନ୍ୟା ସାମଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମିତିର ସଭ୍ୟ ବିରେନ୍ଦ୍ର କୁମାର ମହାନ୍ତି ସମିତିକୁ ୧ ଲକ୍ଷ ଟଙ୍କା ଓ ସଭ୍ୟା ସୁଶ୍ରୀ ସୁଚରିତା ରାଉତରାୟ ୫୦ ହଜାର ଟଙ୍କା ସେବା ସେମିତିକୁ ପ୍ରଦାନ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ନୂତନ ଆଜୀବନ ସଭ୍ୟଭାବେ ଦୋଳଗୋବିନ୍ଦ ମହାରଣା, ମନୋଜ କୁମାର ବାରିକ, ସରୋଜିନୀ ଦାସ, ପ୍ରଭୁପ୍ରସାଦ ମିଶ୍ରଙ୍କୁ ଗ୍ରହଣ କରାଗଲା। କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ବିରଜାପ୍ରସାଦ ପାଣି, ଅନ୍ୟପୂଜକ ଓ ସେବାସମିତିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶେଷରେ ବିରଜାପ୍ରସାଦ କର ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦାନନ୍ଦ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ମଙ୍ଗଳପୁର,୧୯।୧(ସମିସ):** ହୃଦାନନ୍ଦ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ବିଦ୍ୟାଳୟର ସିନିୟର ଓ ଜୁନିୟର ପିଲାମାନଙ୍କର ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକଙ୍କୁ କମ୍ବଳ ପ୍ରଦାନ, ୩ଜଣ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ, ନିକଟସ୍ଥ ବିଦ୍ୟାଳୟର ଟପ୍ପରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାରିପଦାର ବରିଷ୍ଠ ଶିକ୍ଷକ ଧ୍ରୁବଚରଣ ସାହୁ, ଦୁଦୁରାଅଣ୍ଡାର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ନାୟକ ଓ ଥାଲକୁଡ଼ିର ଲୋକପ୍ରିୟ ଶିକ୍ଷକ ସତ୍ୟାନନ୍ଦ ରାୟଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ବିଜୟାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକନେତା ତଥା ଅଲଓଷ୍ଟାର ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ପୃଷ୍ଟି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଓ ଅବସରପ୍ରାପ୍ତ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରଜତ କୁମାର ସାମଲ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଅମରେଶ ମହାପାତ୍ର ମାନପତ୍ର ପାଠ କରିଥିଲେ ଓ ସୁବାଷ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଜୟନାରାୟଣ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲିପ କୁମାର ବିଶ୍ୱାଳ ଓ ସଭ୍ୟ ମନୋରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ବିଶ୍ୱାଳ, ଅକ୍ଷୟ ନାୟକ, ପ୍ରତାପ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ସିତେଶ ବାରିକ ଓ ଦିଗାମ୍ବର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ

**ପାଣିକୋଇଲି,୧୯।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମସୁଦପୁର ସ୍ଥିତ ଗୁରୁପ୍ରସାଦ ଉଚ୍ଚ ବିଦ୍ୟାଳୟ ଓ ଅଟଳବିହାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡା ପୁରସ୍କାର ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀନାକ ରଂଜନ ଦାସଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବଡ଼ବିରୁହାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଦେବ, ଗୁରୁ ପ୍ରସାଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପାଣି, ଅଟଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ପରିଚାଳନା କରଇଥିଲେ। ଜାତୀୟସ୍ତର କବାଡ଼ି ପ୍ରତିଯୋଗୀ ସୋୟମ ମଲିକ, ଶୁଭମ ମଲିକଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରବିନ୍ଦ୍ର ନାୟକ, ମହେନ୍ଦ୍ର ସେନାପତି, ମନୋଜ କୁମାର ବେହେରା, ଲକ୍ଷ୍ମୀନାରାୟଣ କର, ବିଜୟ କୁମାର ସ୍ୱାଇଁ, ମଞ୍ଚ ପରିଚଳନାରେ ସହଯୋଗ କରିଥିଲେ। ସଂସ୍କୃତ ଶିକ୍ଷକ ସେବାନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟ ବିଭିନ୍ନ କ୍ରୀଡାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସ୍ୱଦେଶୀ ସଙ୍କଳ୍ପ ଯାତ୍ରାକୁ ସ୍ୱାଗତ

**ପାଣିକୋଇଲି,୧୯।୧(ସମିସ):** ପାଣିକୋଇଲି ଠାରେ ଆଜି ସ୍ୱଦେଶୀ ସଙ୍କଳ୍ପ ଯାତ୍ରାକୁ ବିପୁଳ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପୂର୍ବ ପକ୍ଷରୁ ବିଦେଶୀ ଦ୍ରବ୍ୟ ପରିହାର କରି କିପରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରାଯାଇ ପାରିବ ସେ ପ୍ରତି ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ ରହିଥିଲା। ସ୍ୱଦେଶୀ ଭାରତ ସମୃଦ୍ଧ ଭାରତ, ଆମେ ବଜାର ଯିବା ସ୍ୱଦେଶୀ ବସ୍ତୁ କିଣିବା, ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ, ଦେଶୀ ଜିନିଷ ଭାରି ବଢ଼ିଆ, ମୁଁ ସ୍ୱଦେଶୀ ସଙ୍କଳ୍ପ ନେବି ଦେଶୀ ଜିନିଷକୁ ଭଲ ପାଇବି ଆଦି ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ପାଣିକୋଇଲିଠାରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଉମେଶ ଜେନା, ବବିତା ମଲ୍ଲିକ, ଜିଲ୍ଲା ସ୍ୱଚ୍ଛ ଭାରତ ଅବାହକ ପ୍ରଫୁଲ୍ଲ ଗିରି, ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଧଳ, ପ୍ରମୋଦ ସାହୁ, ନିରଞ୍ଜନ ଘଡ଼ାଇ, ମଣ୍ଡଳ ସଭାପତି ରାକେଶ ଜେନା, ଆଲୋକ ମଲ୍ଲିକ, ଭାସ୍କର ସାହୁ, ଯୁବନେତା ପ୍ରୀତିରଞ୍ଜନ ସାହୁ, ପ୍ରକାଶ ଧଳ, ସୁବାସ ନନ୍ଦ, ପ୍ରଶନ୍ନ ସାମଲ, କାହ୍ନୁ ଚରଣ ଦାସ, ଜୟନ୍ତୀ ସାହୁ, ଦିପ୍ତିମୟୀ କୁଅଁର, ରଶ୍ମୀରଂଜନ ପରିଡା, ବିଷ୍ଣୁ ରଥ, ଜହର ଅଲ୍ଲୀ, ଅଜୟ ସାହୁ, ଆଲୋକ ପରିଡା, ବିକାଶ ଜେନା, କାର୍ତିକ ସାହୁଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା,୧୯।୧(ସମିସ)




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୭ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧର୍ମଶାଳା ଜ୍ୟୋତିର୍ମୟ କର, ତହସିଲଦାର, ଧର୍ମଶାଳା, ସମୀର ରଞ୍ଜନ ଦାସ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

● ମହଙ୍ଗା ପଡ଼ିଲା ରାସ୍ତାରେ ଖଣ୍ଡା ବୁଲାଇବା

## ଯୁବକଙ୍କୁ ବାନ୍ଧିଲା ପୁଲିସ




ଭଦ୍ରକ,୧୯ ।୧(ସମିସ): ମହଙ୍ଗା ପଡ଼ିଲା ରାଜରାସ୍ତାରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିବା। ଆତଙ୍କି ଯୁବକକୁ ବାନ୍ଧିଲା ପୁଲିସ । ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଧାମରାରେ । ସୂଚନା ମୁତାବକ ଧାମରା ବନ୍ଦରରେ ପ୍ରତିଦିନ ଶହ ଶହ ଟ୍ରକ ପରିବହନ କାର୍ଯ୍ୟରେ ଲାଗିଛନ୍ତି । ସ୍ଥାନୀୟ ଗାଡ଼ିକୁ ଛାଡି ବହୁ ଦୂର ଦୂରାନ୍ତରୁ ଗାଡ଼ି ଗୁଡିକ ମାଲ ପରିବହନ କରିଥାନ୍ତି । ମାତ୍ର କିଛି ସ୍ଥାନୀୟ ଯୁବକ ଏହି ଗାଡି ଗୁଡ଼ିକୁ ଅଟକାଇ ଡ୍ରାଇଭର ଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରିଥାନ୍ତି । ଗତକାଲି ସ୍ଥାନୀୟ ଶଶିକାଦେଇପୁରର ମାନସ ବାରିକ ନାମକ ଯୁବକ ଏକ ଖଣ୍ଡା ଧରି ଟ୍ରକ ଗୁଡ଼ିକୁ ଅଟକାଇ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ । ଏହାକୁ ଜଣେ ଡ୍ରାଇଭର ଭିଡିଓ କରି ଧାମରା ଥାନାକୁ ଖବର ଦେଇଥିଲେ । ଖବର ପାଇ ଧାମରା ଥାନାଧିକାରୀ ଶୁଭଶ୍ରୀ ସାଇଁ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କାବୁ କରିଥିଲେ । ତାଙ୍କ ଠାରୁ ଗୋଟିଏ ଖଣ୍ଡା ଓ ୫ହଜାର ଟଙ୍କା ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ସମ୍ପୃକ୍ତ ଯୁବକ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଭିଆଇଥିବା ଜଣାଯାଇଛି ।

## ଧାନ ମଣ୍ଡି ଉଦ୍‌ଘାଟିତ



ବାରିକପୁର,୧୯ ।୧(ସମିସ): ବିଭିନ୍ନ ଅଂଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଧିରେ ଧିରେ ଧାନ ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଜେରେଡା ସମବାୟ ସମିତି ଠାରେ ଆଜି ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ ହୋଇଛି । ସମିତି ସମ୍ପାଦକ ସୋମନାଥଜେନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରୀନାରାୟଣ ରାଉତ ଯୋଗ ଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ । ଏଥିରେ ସମିତି ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ମିଶ୍ର, ଚାଷୀ କମିଟି ସଭ୍ୟ ଶରତ ଚନ୍ଦ୍ର ଜେନା, ମୁକ୍ତିକାନ୍ତ ମହାନ୍ତି, ପ୍ରଣବ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏହାଛଡା ସମିତି ଅଧିନସ୍ଥ ବିଭିନ୍ନ ଗ୍ରାମର ଚାଷୀ ମାନେ ଏଥିରେ ଉପସ୍ଥିତ ଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବାୟ କର୍ମଚାରୀ, ଲୋକନାଥ ବୋଇତାଇ, ମୃତ୍ୟୁଞ୍ଜୟ ସେଠୀ, ଦେବେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଟୋକନ ଅନୁସାରେ ପର୍ଯ୍ୟାୟ କ୍ରମେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

## ଅଟୋକୁ ଲାଗିଲା ବିନା ହେଲ୍‌ମେଟ୍ ଫାଇନ୍



ଭଦ୍ରକ,୧୯ ।୧(ସମିସ): ଅଟୋ ଚାଳକଙ୍କୁ ଲାଗିଛି ବିନା ହେଲମେଟର ଫାଇନ। ଭଦ୍ରକ ଜିଲ୍ଲା ଆଗରପଡ଼ା ଅଞ୍ଚଳରେ ଗୋଟିଏ ଅଟୋ ନାମରେ କଟାଯାଇଛି ବିନା ହେଲମେଟ୍ ଚାଲାଣ। ନିଜ ଅଟୋର ପଲ୍ୟୁସନ ସାର୍ଟିଫିକେଟ କରିବାକୁ ଯିବା ବେଳେ ନଜରକୁ ଆସିଛି ଏଭଳି ସାଙ୍ଘାତିକ ତ୍ରୁଟି । ଅଟୋ ଚାଳକ ରାମକୃଷ୍ଣ ନାଥଙ୍କ ନିଜ ଅଟୋ ନମ୍ବର ଓଡି୨୨-ଇ-୯୭୩୧ର ପ୍ରଦୂଷଣ ଯାଞ୍ଚ କରିବାକୁ ଯାଇଥିଲ । ସେହି ସମୟରେ ଗାଡ଼ି ନାମରେ ୧ ହଜାର ଟଙ୍କାର ବକେୟା ଫାଇନ୍ ଥିବା ଜଣାପଡ଼ିଥିଲା । ତାହା ଗାଡିର କାଗଜପତ୍ର କିମ୍ବା ପଲ୍ୟୁସନ ପାଇଁ ନୁହେଁ, ବରଂ ହେଲ୍‌ମେଟ ନପିନ୍ଧିବା କାରଣରୁ କଟାଯାଇଛି । ମୋଟର ଯାନ ଅଧିନିୟମ ଅନୁଯାୟୀ କେବଳ ଦୁଇ ଚକିଆ ଯାନ ପାଇଁ ହେଲମେଟ୍ ବାଧ୍ୟତାମୂଳକ । କିନ୍ତୁ ତିନି ଚକିଆ ଅଟୋ ପାଇଁ ହେଲମେଟ୍ ଚାଲାଣ କଟିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟପକ୍ଷରେ ଏହି ଚାଲାଣଟି ଆଜିର ନୁହେଁ, ବରଂ ୧୭ ନଭେମ୍ବର ୨୦୨୧ ମସିହାର ବୋଲି ଜଣାପଡ଼ିଛି । ତେବେ ଏହି ତ୍ରୁଟି ପାଇଁ ଅଟୋ ଚାଳକ ରାମକୃଷ୍ଣ ହଇରାଣ ହେବା ସହ ତାଙ୍କ ଗାଡ଼ିର ପଲ୍ୟୁସନ୍ ସାର୍ଟିଫିକେଟ୍ ଅଟକି ରହିଥିବାରୁ ଅଯଥା ହଇରାଣ ହେଉଥିବା ଜଣାଯାଇଛି ।

## ଉତ୍ପାତ କରୁଛନ୍ତି ଅପ୍ରାପ୍ତ ବୟସ୍କ ବାଇକ୍ ଚାଳକ




ଦୋଳସାହି,୧୯ ।୧(ସମିସ): ତିହିଡ଼ି ଥାନା ଅଞ୍ଚଳରେ ଅପ୍ରାପ୍ତ ବୟସ୍କ ବାଇକ୍ ଚାଳକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡ଼ି ଥାନା ଅଞ୍ଚଳରେ ସମସ୍ତ ବଜାରକୁ ଘରୋଇ ସାମଗ୍ରୀ ଆଣିବା ପାଇଁ ଏହି ଅପ୍ରାପ୍ତ ବୟସ୍କ ପୁଅ ଓ ଝିଅଙ୍କୁ ବାଇକ୍ ନେଇ ଆସୁଥିବାବେଳେ ଅନେକ ସମୟରେ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ଏହି ଅପ୍ରାପ୍ତ ବୟସ୍କ ପୁଅ ପିଲାମାନେ ବିଭିନ୍ନ ଧରଣର ନିଶା ସେବନ ସହ ଦୃତଗତିରେ ବାଇକ ଚଳାଇବା ଯୋଗୁଁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି। ତିହିଡ଼ି ପୁଲିସ ଏହି ଅପ୍ରାପ୍ତବୟସ୍କ ବାଇକ ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସେବାଶ୍ରମ ସ୍କୁଲରେ ଛାତ୍ର ଓ କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

ଭଦ୍ରକ,୧୯ ।୧(ସମିସ)



ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା ଉନ୍ନତି ପାଇଁ ବହୁ ଯୋଜନା ଓ ଆର୍ଠଥକ ସହାୟତା ଘୋଷଣା କରୁଥିବା ବେଳେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ଅଞ୍ଚଳର ଡିଆଁନରସିଂପୁର ସରକାରୀ ସେବାଶ୍ରମ ସ୍କୁଲରୁ ଆସିଛି ସାଂଘାତିକ ଅଭିଯୋଗ। ଏଠାରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ସୁଭିଧା ଯୋଗାଇ ଦେଉଥିବା ବେଳେ ଛାତ୍ରମାନଙ୍କୁ ଅଣଦେଖା ଓ ଅବହେଳା ହେଉଥିବା ଅଭିଯୋଗ ହୋଇଛି । ମୁହଁ ଖୋଲିଲେ ମିଳୁଛି ମାଡ଼ ସହିତ ଚାକିରିରୁ ଛଟେଇ ଧମକ, ଏଭଳି ଅଭିଯୋଗ କରିଛନ୍ତି ଉକ୍ତ ସେବାଶ୍ରମର ର କାର୍ଯ୍ୟରତ ରୋଷେୟା ଅଭିମନ୍ୟୁ ଜେନା। ଶ୍ରୀ ଜେନାଙ୍କୁ ପ୍ରାୟ ୧୫ ଦିନ ହେବ ବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଭଦ୍ରକ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଭିମନ୍ୟୁଙ୍କୁ କାର୍ଯ୍ୟରୁ ନିଲମ୍ବନ ପାଇଁ କୌଣସି ନିର୍ଦ୍ଦେଶ ନଥିବାବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁଙ୍କୁ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ । ଲାଞ୍ଚ ନଦେବାରୁ ଆକ୍ରୋଶ ର ଶିକାର ହୋଇଛନ୍ତି ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଯେଉଁ ମୌଳିକ ସୁବିଧା ମିଳିବା କଥା ପାଠପୁସ୍ତକ, ଶିକ୍ଷା ସାମଗ୍ରୀ, ବସ୍ତ୍ର, ମଧ୍ୟାହ୍ନ ଭୋଜନ ଓ ଛାତ୍ରବୃତି ସେସବୁ ଠିକ୍ ଭାବେ ଯୋଗାଯୋଗ ହେଉନାହିଁ । ଶୀତ ଦିନରେ ଶୀତବସ୍ତ୍ର ନ ଦେବାଫଳରେ ନିଜର ଭାଗ୍ୟକୁ ଆଦରି ଦୂରଦୁରାନ୍ତରୁ ଆସୁଥିବା ଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାଇବା ପାଣିର ମଧ୍ୟ ଅସୁବିଧା ଦେଖା ଦେଇଛି ଉକ୍ତ ସେବାଶ୍ରମରେ। ସବୁ ଜାଣି ଅନୁସୂଚିତ ଜାତି ଓ ଜାତି ଉନ୍ନୟନ ବିଭାଗ ଓଡ଼ିଶା ଛାତ୍ର ନିବାସ ଚୁପ୍ କାହିଁକି। ପ୍ରଧାନ ଶିକ୍ଷକ କାହା ଚାପରେ ନିରବ ଦ୍ରଷ୍ଟା ସାଜିଛନ୍ତି । ସ୍ଥାନୀୟ ଅଭିଭାବକମାନେ କହିଛନ୍ତି, ସରକାର ସେବାଶ୍ରମ ସ୍କୁଲ ପାଇଁ ବହୁ ଅର୍ଥ ଦେଉଛନ୍ତି ବୋଲି କୁହାଯାଉଛି । କିନ୍ତୁ ଆମ ପିଲାମାନେ ସେହି ସୁବିଧା ପାଇପାରୁ ନାହାନ୍ତି। ଏହାର ସିଧା ପ୍ରଭାବ ପିଲାମାନଙ୍କ ଶିକ୍ଷା ଉପରେ ପଡୁଛି। ବିଭିନ୍ନ ପ୍ରକାରର ଅନିୟମିତତା ବିଷୟରେ ଅଭିମନ୍ୟୁ ପାଟି ଖୋଲିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ, ଚାକିରିରୁ ଛଟେଇ ଭଳି ବିଭିନ୍ନ ପ୍ରକାରର ମାନସିକ ନିର୍ଯାତନା ଦିଆଯାଉଥିବା କଥା କହିଛନ୍ତି । ଏହି ଅଭିଯୋଗକୁ ନେଇ ଚାନ୍ଦବାଲି ବ୍ଲକ ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ଭୂମିକା ଉପରେ ମଧ ପ୍ରଶ୍ନ ଉଠିଛି। ସରକାରୀ ଅର୍ଥ କେଉଁଠି ଖର୍ଚ୍ଚ ହେଉଛି ନାଁ ପ୍ରଧାନ ଶିକ୍ଷକ ପକେଟକୁ ଯାଉଛି ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗ ସମ୍ପର୍କରେ ଅବଗତ ନଥିବା କହିଛନ୍ତି ।

## ଆଦର୍ଶ ଶିକ୍ଷକ ଗୋରା ସାରଙ୍କୁ ‘ଶିକ୍ଷା ରତ୍ନ ସମ୍ମାନ’



ଧାମନଗର,୧୯ ।୧(ସମିସ): ଧାମନଗର ମଦ୍ରାସା ଗୌସିୟା ରୌଫିୟାର ଅବସରପ୍ରାପ୍ତ ଶିକ୍ଷକ, ଧାମନଗର ଶାନ୍ତି କମିଟିର ବରିଷ୍ଠ ସଦସ୍ୟ, ଖାନକା ସରିଫ୍ ଉର୍ସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ, ସମାଜସେବୀ ଗୋରା ସାରଙ୍କୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ “ଶିକ୍ଷା ରତ୍ନ ସମ୍ମାନ’ ପ୍ରଦାନ କରାଯାଇଛି। ଜଣେ ସେବା ନିବୃତ ଶିକ୍ଷକ ଭାବେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଶିକ୍ଷାର ପ୍ରସାର ଏବଂ ନୀତି ନୈତିକତା ସମ୍ପନ୍ନ ବ୍ୟକ୍ତି ଭାବେ ସେ ଏହି ସମ୍ମାନ ଲାଭ କରିଛନ୍ତି। ଗତ ୧୮ ତାରିଖ ପୂର୍ବାହ୍ନରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ପରିଷଦର ୯ମ ବାର୍ଷିକ ପ୍ରତିଷ୍ଠା ସମାରୋହରେ ସେକ ଅବଦୁଲ ହାକିମ(ଗୋରାସା)ଙ୍କୁ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି, ଭଦ୍ରକ ଏସ୍.ପି. ମନୋଜ କୁମାର ରାଉତ ମୁଖ୍ୟବକ୍ତା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଗ୍ୟାଷ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଯେନା, ସଂପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ପ୍ରମୁଖ ସମ୍ମାନୀତ ଅତିଥି ମାନଙ୍କ କରକମଳରୁ ସେ ଏହି ସମ୍ମାନ ପତ୍ର ସହ ଉତରୀୟ ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ। ଗୋରା ସାର ଏହା ପୂର୍ବରୁ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ସମେତ ଧାମନଗର ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ। ଏହି ସମ୍ମାନ ପାଇବା ପରେ ସମ୍ବର୍ଦ୍ଧିତ ପ୍ରତିଭା ଗୋରା ସାର ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ କୁମାର ବାରିକ,ସମ୍ପାଦକ ଶଚିକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତା ଓ ସଦସ୍ୟଙ୍କ ନିକଟରେ ଅଭାର ପ୍ରକଟ କରିବା ସହ ଅନୁଷ୍ଠାନର ଉତୋରତର ଉନ୍ନତି କାମନା କରିଛନ୍ତି। ସମ୍ମାନିତ ପ୍ରତିଭାକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ ହୁସନାରା ହାକିମ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡଃ ମହମ୍ମଦ ଅବଦୁଲ ମକିମ୍ ଏବଂ ହାକିମ ପରିବାର ବର୍ଗ ବରିଷ୍ଠ ନାଗରିକ ପରିଷଦର ସଭାପତି,ସମ୍ପାଦକଙ୍କ ସହ ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭଦ୍ରାୟଣୀ ମହୋତ୍ସବରେ ମନ ମୋହିଲା ‘ମୋଗଲ ତାମ୍‌ସା’



ଭଦ୍ରକ,୧୯ ।୧(ସମିସ): ଭଦ୍ରାୟଣୀ ମହୋତ୍ସବରେ ପ୍ରସିଦ୍ଧ “ମୋଗଲ ତାମ୍‌ସା’ ନାଟକ ନାଟ୍ୟକାର ଗୌରାଙ୍ଗ ବାରିକ ଓ ବିଜୟ ବହଳୀଙ୍କ ପରିଚାଳନାରେ, ନାଟ୍ୟ ନିର୍ଦ୍ଦେଶକ ପ୍ରଦ୍ୟୋତନ ସୁଆରଙ୍କ ନିର୍ଦ୍ଦେଶନାରେ ଭଦ୍ରକ ଗରଦପୁର ସ୍ଥିତ ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ଦ୍ୱାରା ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ବିଭିନ୍ନ ଭୂମିକାରେ ଜଗନ୍ନାଥ ମହାରାଜ, ଶିବୁନ ଅଗସ୍ତି, ପ୍ରହ୍ଲାଦ ଦାସ, ପିନାକ ପଣ୍ଡା,ରଞ୍ଜନ ମହାନ୍ତି, ନିହାର ରଞ୍ଜନ ସିଂ, ଚିନ୍ମୟ ସାହୁ, ରାଜେଶ ମହାନ୍ତି, ପୀତବାସ ବହଳୀ,ଚକ୍ରଧର ତ୍ରିପାଠୀ ଅଭିନୟ କରିଥିବା ବେଳେ, ନାରୀ ଚରିତ୍ର, ରଞ୍ଜିତା ବାରିକ, ସସ୍ମିତା ମହାନ୍ତି, ଲିପ୍ସା ଚୌଧୁରୀ, ସଙ୍ଗୀତରେ ସୁରେନ୍ଦ୍ର ଗାହାଣ ଓ ମିନତୀ ବାରିକ ବାଦ୍ୟରେ ସତ୍ୟବ୍ରତ ଚକ୍ରବର୍ତୀ, ଓ ରାମଚନ୍ଦ୍ର ଜେନା ସହଯୋଗ କରିଥିବା ବେଳେ ବେଶ ବିନ୍ୟାଶରେ ପ୍ରତାପ ମହାନ୍ତି ସହଯୋଗ କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୋଗଲ ତାମସାର ଉଚ୍ଚ ପ୍ରଶଂସା କରିବା ସହିତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏକ୍ସ-ରେ; ରୋଗୀ ହନ୍ତସନ୍ତ

ଭଦ୍ରକ,୧୯ ।୧(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟସେବାରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେବ ମେଡିକାଲରେ କାମ କରୁନି ଏକ୍ସ-ରେ ମେସିନ। ଫଳରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହ ହନ୍ତସନ୍ତ ହେଉଛନ୍ତି ରୋଗୀମାନେ। ସୂଚନାଯୋଗ୍ୟ, ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ କରିବାକୁ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଏଭଳି ଚିତ୍ର ଦେଖି ବୁଦ୍ଧିଜୀବୀ ମହଲ ବି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ମାସେରୁ ଅଧିକ ସମୟ ହେଲାଣି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏକ୍ସ-ରେ ମେସିନ। ଏକ୍ସ-ରେ ରୁମ ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି ମେସିନ ଖରାପ ଅଛି। ଫଳରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ରୋଗୀ। ଏକ୍ସରେ କରିବାକୁ ମେଡିକାଲରୁ ଭଦ୍ରକ ସହରକୁ ଦୀର୍ଘ ୪ରୁ ୫ କିଲୋମିଟର ଯିବାକୁ ପଡୁଥିବା ବେଳେ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ ଓ ସେମାନଙ୍କ ସଂପର୍କୀୟ। ଯାହାକୁ ନେଇ ରୋଗୀଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନୂତନ ସରକାର ଆସିବ ପରେ ସରକାରୀ ସ୍ୱାସ୍ଥ୍ୟସେବା ଭୁଷୁଡି ପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଅନ୍ୟପଟେ ଖୁବଶିଘ୍ର ଏକ୍ସ-ରେ ମେସିନ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଭାରପ୍ରାପ୍ତ ମେଡିକାଲ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ।



## ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ସଭା




ଭଦ୍ରକ,୧୯ ।୧(ସମିସ): ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବିରୋଧରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସ୍ୱର ଉତ୍ତୋଳନ କରିଛି। ଦେଶରେ ମୋଦୀ ସରକାର ଆଣିଥିବା ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, କୃଷିଋଣ ଛାଡ଼ କରିବା ଦାବିରେ ଏକ ପଥପ୍ରାନ୍ତ ସଭା ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଷ୍ଟେଟବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ବରିଷ୍ଠ କୃଷକ ନେତା ନିରଞ୍ଜନ ପାଣି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ମହେଶ୍ୱର ନାୟକ, ଆଇନଜୀବୀ ବିଜୟ ରାଉତ, ଶ୍ରମିକ ନେତା ଜୟନୂଲ ଆବେଦିନ, ଶ୍ରମିକ ନେତା ସେକ୍ ସିକ୍କୁ, ସେକ୍ ସତାର, ଯୁବନେତା ବିପ୍ଳବ ଯେନା, କ୍ଷେତମଜଦୂର ନେତା ସୁରେନ୍ଦ୍ର ନାୟକ, ଯୁବନେତା ଜିଲାନି ଖାନ୍ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାରଙ୍କ ଜନବିରୋଧି କର୍ପୋରେଟ ସପକ୍ଷବାଦୀ ନୀତି ବିରୁଦ୍ଧରେ ଶ୍ରମିକ-କୃଷକ-କୃଷି ଶ୍ରମିକ ମାନେ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଭଦ୍ରକ ଜିଲ୍ଲାରେ ଅଭାବୀ ଧାନ ବିକ୍ରି ବିରୁଦ୍ଧରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବା ସଂଗେ ସଂଗେ ଶ୍ରମିକ ଓ କୃଷକ ମାନଙ୍କ ଅଧିକାର ପାଇଁ ଆସନ୍ତା ଫେବୃଆରୀ-୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ ।

# ଫେବୃଆରୀ ୧୪ରେ ତୃତୀୟ ‘ସାଲନ୍ଦୀ ସାହିତ୍ୟ ସଙ୍ଗମ’

ଭଦ୍ରକ,୧୯ ।୧(ସମିସ)




ଭୁବନେଶ୍ୱରରେ ଅବସ୍ଥାପିତ ପ୍ରକାଶନ ସଂସ୍ଥା ‘ଟାଇମ୍‌ପାସ’ ପକ୍ଷରୁ ଭଦ୍ରକ ଠାରେ ବିଗତ ୨ବର୍ଷ ଧରି ଆୟୋଜିତ ହୋଇଆସୁଥିବା ନିଆରା ସାହିତ୍ୟ ଉତ୍ସବ ‘ସାଲନ୍ଦୀ ସାହିତ୍ୟ ସଙ୍ଗମ’ର ତୃତୀୟ ସଂସ୍କରଣ ଆଗାମୀ ଫେବୃଆରୀ ୧୪ ଓ ୧୫ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଯାଉଛି। ସାଲନ୍ଦୀ ବାଇପାସ୍ ସ୍ଥିତ ‘ସଙ୍ଗମ କନ୍‌ଭେନ୍‌ସନ୍’ରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଗତବର୍ଷ ପରି ଏଥରମଧ୍ୟ ଭଦ୍ରକର ବରପୁତ୍ରମାନଙ୍କ ନାମରେ ନାମିତ ୮ଜଣ ବରିଷ୍ଠ ପ୍ରତିଭାଙ୍କୁ ସାଲନ୍ଦୀ ସୃଜନ ପୁରସ୍କାର ଓ ସାହିତ୍ୟର ଉତରଣ ପାଇଁ କାର୍ଯ୍ୟରତ ୫ ଜଣ ବ୍ୟକ୍ତିବିଶେଷଙ୍କୁ ସାହିତ୍ୟସଖା ସମ୍ମାନ ପ୍ରଦାନ କରାଯିବ। ନୂଆ ବଜାରସ୍ଥିତ କର୍ମଚାରୀ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ନିର୍ଦ୍ଦେଶକ ସରୋଜ ବଳ ଏ ସମ୍ପର୍କରେ ସୂଚନାଦେଇ କହିଥିଲେ ଯେ ଭଦ୍ରକ ମାଟିରେ ଜନ୍ମିତ ସୁଖ୍ୟାତ ପୂର୍ବସୁରୀଙ୍କ ନାମରେ ନାମିତ ଏହିସବୁ ପୁରସ୍କାର କେବଳ ପ୍ରତିଭାପୂଜା ନୁହେଁ, ବରଂ ପରପିଢ଼ିଙ୍କୁ ପୂର୍ବପିଢ଼ି ସହିତ ଯୋଡ଼ିବାର ଏକ ବିନମ୍ର ପ୍ରୟାସ। ସାଲନ୍ଦୀ ସାହିତ୍ୟ ସଙ୍ଗମର ବିଭିନ୍ନ ସତ୍ରରେ ରାଜ୍ୟର ଭିନ୍ନଭିନ୍ନ ସ୍ଥାନରୁ ପ୍ରସିଦ୍ଧ ଲେଖକ, ସଂପାଦକ, ପ୍ରକାଶକ, ନାଟ୍ୟକାର, ଅଭିନେତା, ସଂଗୀତଜ୍ଞ ଓ ଚିତ୍ରଶିଳ୍ପୀମାନେ ଯୋଗ ଦେଉଥିବାରୁ ଏହା ସାରା ଓଡ଼ିଶାରେ ଭଦ୍ରକ ମାଟିର ସୃଜନଶୀଳ ଅସ୍ମିତା ଓ ଭାଇଚାରା ପ୍ରଦର୍ଶନରେ ସହାୟକ ହେବ। ପୁରସ୍କୃତ ଓ ସଂବର୍ଦ୍ଧିତ ପ୍ରତିଭାଙ୍କ ନାମ ଫେବୃଆରୀ ପ୍ରଥମ ସପ୍ତାହରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ଦିଗ୍‌ଦର୍ଶକ ଓ କର୍ମକର୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ପୂର୍ବପରି ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସଭାପତି ଭାବେ ଏବଂ କବି କିଶୋର ପାଣିଗ୍ରାହୀ ଓ ଗୀତିକାର ପଞ୍ଚାନନ ନାୟକ ଉପସଭାପତି ଭାବେ ଦାୟିତ୍ୱରେ ରହିବେ। ପରିଚାଳନା ସମ୍ପାଦକ ଭାବେ ଯୁବଲେଖକ ତଥା ପ୍ରଶାସକ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଥିବାବେଳେ କବି ଚିତରଞ୍ଜନ ନାୟକ ସୃଜନଶୀଳ ସଂଯୋଜକ ଦାୟିତ୍ୱ ତୁଲାଇବେ। ଅମିତାଭ ଖିଲାର, କୈଳାଶ ବେହେରା, ସଂଗ୍ରାମ କେଶରୀ ସେନାପତି ଏବଂ ପ୍ରୀତିପଦ୍ମା ଦାସ ସହ ସଂଯୋଜକ ଭାବେ ଉତ୍ସବ ଆୟୋଜନରେ ସାମିଲ ହେବେ। ଏଥିସହିତ ବରିଷ୍ଠ ସାମ୍ବାଦିକ ତଥା କବି ଡ. ହରିହର ନାୟକ ଗଣମାଧ୍ୟମ ଉପଦେଷ୍ଟା ଏବଂ ପ୍ରମୋଦ ରାୟ ଓ ତପନ ସ୍ୱାଇଁ ଗଣମାଧ୍ୟମ ସଂଯୋଜକ ଭାବେ ଚଳିତବର୍ଷ ଏହି ଉତ୍ସବ ସହ ସଂପୃକ୍ତ ରହିବେ। ଡ. ରାଧାବିନୋଦ ନାୟକ, ବାସୁଦେବ ବାରିକ, ଝରଣା ପଟ୍ଟନାୟକ, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବହଳୀ, ଡା. ବିକାଶ ନାରାୟଣ ନନ୍ଦ ପ୍ରମୁଖ ପୂର୍ବପରି ସାଲନ୍ଦୀ ସାହିତ୍ୟ ସଙ୍ଗମର ସଫଳ ଆୟୋଜନ ପାଇଁ ପରାମର୍ଶ ଓ ଦିଗ୍‌ଦର୍ଶନ ଦେବେ। ଚଳିତବର୍ଷ ଜିଲ୍ଲା ସଂଯୋଜକ ଭାବେ ଅବିନାଶ ପଣ୍ଡା (ଭଦ୍ରକ), ଉତ୍ପଳ ମହାନ୍ତି (ବାଲେଶ୍ୱର), ଅଶୋକ ଚନ୍ଦ୍ର ପୁହାଣ (କେନ୍ଦୁଝର), ଅସୀମା ସାହୁ (ମୟୂରଭଞ୍ଜ), ପ୍ରଜ୍ଞା ପ୍ରବର୍ତିକା ଦାଶ (ଯାଜପୁର) ଏବଂ ଅତୁଳ ବଳ (କେନ୍ଦ୍ରାପଡ଼ା) ଦାୟିତ୍ୱ ନିର୍ବାହ କରିବେ ବୋଲି ନିଷ୍ପତି ନିଆଯାଇଛି। ବିଗତ ବର୍ଷ ପରି ସାହିତ୍ୟ, ସଙ୍ଗୀତ, ସିନେମା, ନୃତ୍ୟ, ଚିତ୍ର ଆଦି ବିଭିନ୍ନ ବିଭାଗରେ ସୃଜନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପରି ବିରଳ ସୃଜନପର୍ବରେ ସାମିଲ ହୋଇ ପୂର୍ବପରି ଏହାକୁ ସଫଳ କରିବାକୁ ସଙ୍ଗମର ସମସ୍ତ କର୍ମକର୍ତା ନିବେଦନ କରିଛନ୍ତି।


● ଜାତୀୟସ୍ତରୀୟ ବରିଷ୍ଠ ଟେନିସବଲ୍ କ୍ରିକେଟ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାରୁ ୭ ଖେଳାଳି ମନୋନୀତ




ଭଦ୍ରକ,୧୯ ।୧(ସମିସ): ମହାରାଷ୍ଟ୍ରର ନାଗପୁର ଠାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟସ୍ତରୀୟ ବରିଷ୍ଠ ଟେନିସବଲ କ୍ରିକେଟ ପ୍ରତିଯୋଗିତାଟି ୨୦ ଜାନୁଆରୀରୁ ଆରମ୍ଭ ହୋଇ ୨୪ ଜାନୁଆରୀରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ୧୪ ଜଣ ପୁରୁଷ ଓ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳରେ ଭଦ୍ରକ ଜିଲ୍ଲାରୁ ୪ ଜଣ ମହିଳା ଓ ୩ ଜଣ ପୁରୁଷ ସ୍ଥାନ ପାଇଛନ୍ତି। ମହିଳା - ପ୍ରତିକ୍ଷା ଦାସ, ବର୍ଷାରାଣୀ ମଲ୍ଲିକ, ସଙ୍ଗୀତା ସାହୁ ଓ ଭାଗ୍ୟଲକ୍ଷ୍ମୀ ସାମଲ ପୁରୁଷ ବିଭାଗରେ ରଜତ କୁମାର ନାୟକ, ଅଭିଜିତ୍ ଦାସ ଓ ସ୍ନେହାଷିସ ଲେଙ୍କା ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ମନୋଜ କୁମାର ସାହୁ , ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି, ଉପ ସଭାପତି ଗୌରହରି ମଣ୍ଡଳ, ମନୋଜ ଦାସ, ପବିତ୍ର ମୋହନ ଖିଲାର ‘ସହିଦ୍ ଖାନ୍ , ଓ କ୍ରିକେଟ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ପାଦକୀୟ



ଆତ୍ମସନ୍ତୋଷ ହେଉଛି ନୈସର୍ଗିକ ସମ୍ପଦ ଓ ବିଳାସ କେବଳ କୃତ୍ରିମ ଦରିଦ୍ରତା।
-ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍

ସକାଳ
THE SAKALA

## ବଦଳୁଛି କୂଟନୈତିକ ସଂପର୍କ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଦୋହରା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଇରାନରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ନିଜର ହୁକୁମାତି ଜାହିର କରିବା ଏବଂ ଗ୍ରୀନଲାଣ୍ଡ ଅକ୍ତିଆର ପ୍ରସଙ୍ଗ, ଏ ଦୁଇଟିଯାକ କ୍ଷେତ୍ରରେ ସେ ତଥାକଥିତ ସହଯୋଗୀ ରାଷ୍ଟ୍ରଙ୍କ ସମର୍ଥନ ପାଉ ନ ଥିବାରୁ କେବଳ ବିବ୍ରତ ନୁହନ୍ତି, କୂଟନୈତିକ ଶୃଙ୍ଖଳା ଅତିକ୍ରମ କରି ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଏଥିମଧ୍ୟରେ ଫ୍ରାନ୍ସ ଓ ବ୍ରିଟେନ ସମେତ ୟୁରୋପୀୟ ନାଟୋ ସଦସ୍ୟଙ୍କ ଉପରେ ୧୦ ପ୍ରତିଶତ ଟାରିଫ ଲଗାଇଛନ୍ତି। ତାହା ଫେବୃଆରୀ ପହିଲାରୁ କାର୍ଯ୍ୟକାରୀ ହେବ। ଏପ୍ରକାର ଆର୍ଥିକ ଚାପ ସତ୍ତ୍ୱେ ଗ୍ରୀନଲାଣ୍ଡ ପ୍ରସଙ୍ଗରେ ସେମାନେ ଆମେରିକାକୁ ସମର୍ଥନ ଦେଇପାରିବେ ନାହିଁ ବୋଲି ନାଟୋ ସଦସ୍ୟରାଷ୍ଟ୍ରମାନେ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ନାଟୋ ସଦସ୍ୟଙ୍କ ସାର୍ବଭୌମତା ପ୍ରସଙ୍ଗରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି କାନାଡ଼ା ମଧ୍ୟ ସ୍ପଷ୍ଟ କରିଛି। ବ୍ରିଟେନ, ନ୍ୟୁଜିଲାଣ୍ଡ ସମେତ ୟୁରୋପୀୟ ରାଷ୍ଟ୍ର ସଂଘ (ଇୟୁ) ଭାରତ ସହ ମୁକ୍ତ ବାଣିଜ୍ୟ ରାଜିନାମାରେ ଉପନୀତ ହୋଇଥିବାରୁ ଟ୍ରମ୍ପ ଭୟଙ୍କର ଭାବେ କ୍ଷୁବ୍ଧ।

ବିକ୍ଷୋଭକାରୀଙ୍କ ବିରୋଧରେ ଇରାନ୍ ସରକାରଙ୍କ କଠୋର ପଦକ୍ଷେପକୁ ନିୟନ୍ତ୍ରଣ ଦେବା ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଥିବା ଟ୍ରମ୍ପ କିନ୍ତୁ ପାରିପାର୍ଶ୍ୱିକ ସହଯୋଗ ଅଭାବରୁ ଆଗେଇ ପାରୁନାହାନ୍ତି। ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ହଠାତ୍ ଯୁଦ୍ଧ ଘନଘଟା ଚାହୁଁନଥିବା ବେଳେ ଇସ୍ରାଏଲ ସମୟ ନେବାକୁ ପରାମର୍ଶ ଦେଇଛି। ଏଥିମଧ୍ୟରେ ଇରାନରେ ହିଂସାକାଣ୍ଡ ଥମିବା ଆରମ୍ଭ କରିଛି। ଏହି ହିଂସାକାଣ୍ଡ ପଛରେ ଆମେରିକାର ସିଆଇଏ ଓ ଇସ୍ରାଏଲ ଗୁଇନ୍ଦା ସଂସ୍ଥା ମୋସାଡୋର ପ୍ରଚ୍ଛନ୍ନ ଭୂମିକା ରହିଛି। ହଠାତ୍ ସେଠିକାର ପରିସ୍ଥିତି ଭିନ୍ନ ମୋଡ଼ ନେଇଥିବାରୁ ଆମେରିକା ସମୟ ନେବାକୁ ବାଧ୍ୟ ହୋଇଛି। ତେଣୁ ଗ୍ରୀନଲାଣ୍ଡ ଓ ଇରାନ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟ କ୍ରମେ ଗତି ହରାଉଛି।

ପରିବର୍ତ୍ତିତ ବିଶ୍ୱରେ ବାଣିଜ୍ୟ କାରବାର ଆଧାରରେ କୂଟନୈତିକ ସଂପର୍କ ଗଢ଼ି ଉଠୁଥିବାରୁ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀରେ ୟୁରୋପୀୟ ରାଷ୍ଟ୍ର ସମୂହ କ୍ଷୁବ୍ଧ ହେବା ସ୍ୱାଭାବିକ। ଆମେରିକାର ବଜାର ବ୍ୟବସ୍ଥା ଦୃଷ୍ଟିରୁ ଅନ୍ୟଦେଶର ସାମଗ୍ରୀ ଉପରେ ସେମାନଙ୍କ ନିର୍ଭରଶୀଳତା ଅଧିକ। ତେଣୁ ଟ୍ରମ୍ପଙ୍କ ବହିଃଶୁଳ୍କ ଧମକ ନିକଟରେ ସମସ୍ତେ ଯେ ନତମସ୍ତକ ହେବେ ଏକଥା ନୁହେଁ। ବିକଳ୍ପ ବାଣିଜ୍ୟିକ ସଂପର୍କକୁ ପ୍ରାଧାନ୍ୟ ଦେଇ ଯେଉଁ କୂଟନୈତିକ ସଂପର୍କ ମୁଣ୍ଡଟେକିଛି ତାହାର ସୁଯୋଗ ଆଗାମୀ ଦିନରେ ଭାରତ ହାସଲ କରିବ। ଭୂରାଜନୈତିକ ଓ ରଣନୀତିକ ସଂପର୍କ ଦୃଷ୍ଟିରୁ ଚୀନ ଓ ରୁଷ ବ୍ରିକ୍ସର ନେତୃତ୍ୱ ଦେଉଥିଲେ ହେଁ ତାହାର ସହଯୋଗୀ ଭାବେ ଭାରତର ଭୂମିକା ସୀମିତ। ତେଣୁ ନିକଟରେ ଦକ୍ଷିଣ ଆଫ୍ରିକା ଉପକୂଳରେ ରୁଷ, ଚୀନ, ଇରାନ ନୌବାହିନୀର ସମରାଭ୍ୟାସ ଆରମ୍ଭ ହୋଇଥିଲେ ହେଁ ଭାରତ ସେଥିରୁ ନିଜକୁ ଦୂରେଇ ରଖିଛି। ନୂଆଦିଲ୍ଲୀ ନିଜର ବାଣିଜ୍ୟିକ ଓ ଅର୍ଥନୈତିକ ସଂପର୍କର ବୃହତ୍ତର ଦିଗକୁ ଗୁରୁତ୍ୱ ଦେଉଥିବାରୁ ୟୁରୋପୀୟ ରାଷ୍ଟ୍ରଙ୍କ ଆକର୍ଷଣ ବୃଦ୍ଧି ପାଇଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ସହ ବିଶାଳ ବଜାରର ନିବେଶ ପାଇଁ ଥିବା ସୁବିଧା ସୁଯୋଗ ଦୃଷ୍ଟିରୁ ଭାରତକୁ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ସହ କ୍ଷେତ୍ର ବିଶେଷରେ ଅପେକ୍ଷାକୃତ କୋହଳ ନୀତି ଅନୁସରଣ କରିବାକୁ ପଡ଼ିବ। ପରୋକ୍ଷରେ ଟ୍ରମ୍ପଙ୍କ ଭାରତ ପ୍ରତି ଆକ୍ରୋଶ ଆମ ବଜାର ଅର୍ଥନୀତିକୁ ସଂପ୍ରସାରଣ କରିବାରେ ସହାୟକ ହୋଇଛି। ●

## ବିଶୃଙ୍ଖଳିତ କାରାଗାର

ଆମ ରାଜ୍ୟର ଜେଲ ପ୍ରଶାସନରେ ପରିଲକ୍ଷିତ ବିଶୃଙ୍ଖଳା ଓ ବିଭ୍ରାଟ ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ତାହାକୁ ନିୟନ୍ତ୍ରଣ କରାଯାଇ ପାରୁନି। ବ୍ୟବସ୍ଥାରେ ଶୃଙ୍ଖଳା ଫେରାଇ ଆଣିବା ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କୁଖ୍ୟାତ ଅପରାଧୀଙ୍କୁ ଜେଲ ପରିସରରେ ସମସ୍ତ ସୁବିଧା ସୁଯୋଗ ମିଳୁଛି। ସେମାନେ ମଧ୍ୟ ଜେଲ ପରିସରରୁ ନିଜର ଅପରାଧ ସାମ୍ରାଜ୍ୟ ପରିଚାଳନା କରୁଛନ୍ତି। ଏଭଳି ବହୁଘଟଣା ଜେଲ ପରିସରର ଅନ୍ଧାରୀ ଘରେ ଲୁଚି ରହୁଥିବାରୁ ଠୋସ ପ୍ରମାଣ ଅଭାବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ। ଏପରିକି ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ହୋଇଯିବା ଏବଂ କେତେକ କ୍ଷେତ୍ରରେ କଏଦୀଙ୍କ ଅପମୃତ୍ୟୁ ଘଟଣା ଜେଲ ପ୍ରଶାସନର ନିଷ୍ଠା ଓ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅସଲରେ ପାରସ୍ପରିକ ବୁଝାମଣା ଓ ସଲାସୁତୁରାରେ କାର୍ଯ୍ୟ ଚାଲିଥିବାରୁ ଅସଲ ରହସ୍ୟ ସାମ୍ନାକୁ ଆସୁନାହିଁ। ଗତ ଦଶହରା ସମୟରେ ଦୁଇ ଅଭିଯୁକ୍ତ ଜେଲରୁ ଫେରାର ହୋଇଯିବା ଘଟଣାର ଏବେ ଗୁମର ଖୋଲିବା ଆରମ୍ଭ କରିଛି। ଆଶା କରାଯାଉଛି ଖୁବ୍ ଶୀଘ୍ର ରହସ୍ୟ ଉନ୍ମୋଚିତ ହେବ।

ବହୁକ୍ଷେତ୍ରରେ ପ୍ରଭାବଶାଳୀ ଉଚ୍ଚପଦାଧିକାରୀ ନିର୍ବାଧରେ ସବୁ ଗଫଲତି କରିଦେଇ ଖସିଯାଆନ୍ତି ଓ ଅଧସ୍ତନମାନେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତି। ଚୌଦ୍ୱାର ଜେଲ ଘଟଣାରେ ତାହା ପୁନରାବୃତ୍ତି ଘଟିଛି। ଘଟଣାର ଅନୁସନ୍ଧାନ ବେଳେ ଜେଲର ଓ ଦୁଇଜଣ ୱାର୍ଡନ ନିଲମ୍ବିତ ହେଲେ। ଫେରାର ଅପରାଧୀଙ୍କୁ ଧରିବା ସକାଶେ ପୁଲିସ ବାହିନୀ ରାଜ୍ୟବାହାରକୁ ଯାଇ ଅନୁସନ୍ଧାନ କରି ଫେରିଲେ। ସେମାନଙ୍କ ଖୋଜଖବର ମିଳିଲାନି। ଏପରିକି ସେମାନଙ୍କ ସଂପର୍କରେ ସୂଚନା ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଏବେ ଚୌଦ୍ୱାର ଥାନାରେ ଅଭିଯୁକ୍ତ ଫେରାର ପ୍ରସଙ୍ଗରେ ଏତଲା ଦାୟର ହୋଇଛି। ଜେଲ ଗେଟର ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟ୍ରାରରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ସେ ସିଧାସଳଖ ଜେଲ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଏପରିକି ଜେଲ ରେକର୍ଡରେ ଜେଲରଙ୍କ ଦସ୍ତଖତ ଜାଲିଆତି କରି ତାଙ୍କ ଫସାଇବାକୁ ଉଦ୍ୟମ ହୋଇଥିବା ମଧ୍ୟ ସେ କରିଥିବା ଅଭିଯୋଗରେ ଦର୍ଶାଯାଇଛି। କଏଦୀ ଫେରାର ବେଳେ ସୁପରିଟେଣ୍ଡେଣ୍ଟଙ୍କ ବେଆଇନ ଅନୁପସ୍ଥିତିକୁ ଲୁଚାଇବା ସକାଶେ ସରକାରୀ ରେକର୍ଡରେ ଅଦଳ ବଦଳ ହୋଇଛି। ଚୌଦ୍ୱାର ଥାନାରେ ଏତଲା ସହ ଜେଲ ରେକର୍ଡର ନକଲ ମଧ୍ୟ ଦାଖଲ ହୋଇଛି। ପୁଲିସ ଜେଲର ରେକର୍ଡ ଓ ଦସ୍ତାବିଜ ତୁରନ୍ତ ଜବତ କରିବା ସହ ଫୋରେନସିକ ଯାଞ୍ଚ ସହାୟତା ନେବା ଜରୁରୀ ହୋଇପଡ଼ିଛି। ଏକ୍ଷେତ୍ରରେ ବିଳମ୍ବ କରାଗଲେ ବହୁ ପ୍ରମାଣିକ ତଥ୍ୟ ଲୁଚିଯିବାର ଆଶଙ୍କା ରହିଛି।

ରାଜ୍ୟର ବିଭିନ୍ନ ଜେଲରେ ଚାଲିଥିବା ବେଆଇନ କାର୍ଯ୍ୟକଳାପର ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ। ବିଭାଗର ଶୀର୍ଷସ୍ତରରେ ଚାଲିଥିବା କୋଳାକୋଳି ଘଟଣାକ୍ରମର ଅସଲ ଗୁମର ଖୋଲିବାର ପଥରୋଧ କରୁଥିବା ଭଳି ମନେ ହୁଏ। ପ୍ରାମାଣିକ ଦଲିଲ ସହ ଥାନାରେ ଏତଲା ଦେବା ପରେ ଯେଭଳି ବିଭାଗୀୟ ତତ୍ପରତା ପ୍ରକାଶ ପାଇବା କଥା ତାହା ପରିଲକ୍ଷିତ ହେଉ ନଥିବାରୁ କ୍ରମେ ସନ୍ଦେହ ଦୃଢ଼ୀଭୂତ ହେଉଛି। ●

# ଶିଶୁ-ହିତୈଷୀ ଓଡ଼ିଶା ଗଠନର ସଂକଳ୍ପ

ପ୍ରମୋଦ କୁମାର ପ୍ରଧାନ

ନୂଆବର୍ଷ କେବଳ କ୍ୟାଲେଣ୍ଡରର ଏକ ପୃଷ୍ଠା ପରିବର୍ତ୍ତନ ନୁହେଁ, ବରଂ ଏକ ପ୍ରଗତିଶୀଳ ସମାଜ ଗଠନରେ ଆମର ସାମୂହିକ ମନୋଭାବ, ନୈତିକ ଦାୟିତ୍ୱ ଓ ଚିନ୍ତନକୁ ପୁନଃବିଚାର କରିବାର ଅବସର ସୃଷ୍ଟି କରେ। ନୂଆବର୍ଷରେ ଆମେ ଆମ ହୃଦୟକୁ ପଚାରିବା- ଆମେ ଚାହୁଁଥିବା ଭଳି ଏକ ସୁନ୍ଦର ସମାଜର ପରିକଳ୍ପନା କେତେଦୂର ସଫଳ ହୋଇପାରିଛି? ଯଦିଓ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି, ଶିଳ୍ପ ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି, ତଥାପି ଏହି ବିକାଶ କେତେଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମ ବିବେକକୁ ପଚାରିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋରମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ। ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ। ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା। ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ଚୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର। ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ। ଏହା ଶିଶୁମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ରଗୁଡ଼ିକୁ ଦାୟିତ୍ୱବାନ୍ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଛି। ସମ୍ବିଧାନର ଧାରା ୧୪ ଶିଶୁମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ। ଧାରା ୨୧-ଏ ଅନୁସାରେ ୬-୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ। ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ। ଭାରତର ଜାତୀୟ ଶିଶୁ ନୀତି-୨୦୧୩ ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ। ଏହି ନୀତି ଶିଶୁ ଓ କିଶୋରମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ଦୁର୍ଭାଗ୍ୟବଶତଃ, ଶିଶୁମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି।

ଓଡ଼ିଶାରେ, ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି। ସେହି ସମୟରେ, ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି। ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଳାୟନ ଏକ ବଡ଼ ସମସ୍ୟା। ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର ଜୀବନଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ଗୁଜରାଟ ଆଦି ରାଜ୍ୟକୁ ଯାଉଛନ୍ତି। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟା-ବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏହାସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାରଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ(ବୟସ ଅନୁସାରେ କମ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ୍ ହୋଇଯିବା) ଓ ଆନିମିଆ(ରକ୍ତହୀନତା) ଏପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି। ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ; ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ-ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ। କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ।

ନୂଆବର୍ଷରେ ନିଜ ସ୍ତରରେ, ସମାଜ ସ୍ତରରେ, ବ୍ୟବସ୍ଥାଗତ ସ୍ତରରେ ଆମେ ସଂକଳ୍ପ ନେବା ଏବଂ ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତନ ଆଣିବା। ଆମ ରାଜ୍ୟରେ ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବା। ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା। ସମାଜ ସ୍ତରରେ ଆମକୁ ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ ଏବଂ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ। ସେହିପରି ଢାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ। ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ, ଯେପରିକି 'ପ୍ରଧାନମନ୍ତ୍ରୀ ପୋଷଣ ୨.୦', 'ଜାତୀୟ ଶିକ୍ଷା ନୀତି', 'ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ', 'ମିଶନ ବାତ୍ସଲ୍ୟ', 'ସମଗ୍ର ଶିକ୍ଷା ଅଭିଯାନ' ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

'ଶିଶୁ-ହିତୈଷୀ ଓଡ଼ିଶା' ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ୭୩ତମ ସଂବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ। ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଭାବେ ଗୁରୁତ୍ୱ ଦେଇଆସୁଛନ୍ତି। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ-କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା ଆବଶ୍ୟକ। ପଞ୍ଚାୟତ ଯୋଜନା ମାଧ୍ୟମରେ ଅଙ୍ଗନବାଡ଼ି ଓ ସ୍କୁଲର ସୁଦୃଢ଼ୀକରଣ, ଶିଶୁ ଶ୍ରମ ଓ ବାଲ୍ୟ ବିବାହ ନିରୋଧ, ସୁରକ୍ଷିତ ପାନୀୟଜଳ ଓ ସ୍ୱଚ୍ଛତା ଓ ବିପର୍ଯ୍ୟୟ ପ୍ରସ୍ତୁତିରେ ଶିଶୁ ଦୃଷ୍ଟିକୋଣକୁ ଏକତ୍ର କରିପାରିବ। ଓଡ଼ିଶାରେ ଏକ ଶିଶୁ-ହିତୈଷୀ ସମାଜ ଗଢ଼ିବା ପାଇଁ ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ଅତ୍ୟାବଶ୍ୟକ। ଏହି ବିଭାଗୀୟ ସମନ୍ୱୟ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ।

ନୂଆବର୍ଷରେ ସାମୂହିକ ଦାୟିତ୍ୱ ଓ ସଚେତନତା ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ପ୍ରାଥମିକତା ହେଉ। ଆସନ୍ତୁ ଏକ ଶିଶୁ-ହିତୈଷୀ ସମାଜ ଗଢ଼ିବାର ସଂକଳ୍ପ ନେଇ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା। ●

ନୂଆଦିଲ୍ଲୀ, ମୋ: ୯୯୫୮୮୫୨୪୨୪

# ଚନ୍ଦ୍ରରେ ପରମାଣୁ ଶକ୍ତି ଉତ୍ପାଦନ

ଇଂ ମାୟାଧର ସ୍ୱାଇଁ

ଆମର ଏକମାତ୍ର ଉପଗ୍ରହ ତଥା ନିକଟତମ ମହାଜାଗତିକ ବସ୍ତୁ ଚନ୍ଦ୍ରକୁ ନେଇ ମାନବ ସମାଜ ଅନେକ କଳ୍ପନା କରି ଆସିଛି। ଏହାକୁ ନେଇ ବିଭିନ୍ନ ସଭ୍ୟତାରେ ଅନେକ ଲୋକକଥା ଓ ଅନ୍ଧବିଶ୍ୱାସ ରହି ଆସିଥିଲା। ସପ୍ତଦଶ ଶତାବ୍ଦୀରେ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ ପରେ ଏହାର ପ୍ରକୃତ ରୂପ ଜଣାପଡ଼ିଲା। ଦୂରକୁ ସୁନ୍ଦର ଦେଖାଯାଉଥିବା ଏହି ବସ୍ତୁଟି ପାହାଡ଼, ପର୍ବତ, ଗାତରେ ପରିପୂର୍ଣ୍ଣ ଥିବା ଜଣାଗଲା। ଏହାପରେ ଚନ୍ଦ୍ରପୃଷ୍ଠକୁ ଯିବା ପାଇଁ ଇଚ୍ଛାଜାଗ୍ରତ ହେଲା, ଯାହା ଗତ ଶତାବ୍ଦୀର ଶେଷାର୍ଦ୍ଧରେ ପୂରଣ ହେଲା।

ସୋଭିଏତ୍ ରୁଷ୍ ୧୯୫୯ ମସିହାରେ, ଯୁକ୍ତରାଷ୍ଟ୍ର ଆମେରିକା ୧୯୬୨ ମସିହାରେ ଚନ୍ଦ୍ରପୃଷ୍ଠକୁ ପ୍ରଥମେ ଯାନ ପଠାଇଥିଲେ। ଏହାପରେ ଦୁଇ ଦେଶ କେତେଗୁଡ଼ିଏ ଯାନ ଚନ୍ଦ୍ରକକ୍ଷ ଓ ଚନ୍ଦ୍ରପୃଷ୍ଠକୁ ପଠାଇବା ପରେ ଆମେରିକାର ମହାକାଶଚାରୀମାନେ ୧୯୬୮ ମସିହାରେ ଆପୋଲୋ-୮ ଯାନରେ ପ୍ରଥମେ ଚନ୍ଦ୍ରକୁ ପରିକ୍ରମଣ କରି ପୃଥିବୀକୁ ଫେରିଥିଲେ। ଏହାପରେ ଆଉ ଦୁଇଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକକ୍ଷରେ ପରିକ୍ରମଣ କରିବା ପରେ ୧୯୬୯ ମସିହାରେ ଆପୋଲୋ-୧୧ ଯାନରେ ଯାଇ ନିଲ ଆର୍ମଷ୍ଟ୍ରଙ୍ଗ ଓ ଏଡୱିନ ଆଲଡ୍ରିନ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରି ଇତିହାସ ସୃଷ୍ଟି କରିଥିଲେ। ଚନ୍ଦ୍ରପୃଷ୍ଠରେ ପାଦ ଦେଇ ଆର୍ମଷ୍ଟ୍ରଙ୍ଗ ସେଠାରୁ ପୃଥିବୀକୁ ଏକ ବାର୍ତ୍ତା ଦେଇଥିଲେ, 'ଏହା ହେଉଛି ମନୁଷ୍ୟ ପାଇଁ ଗୋଟିଏ ଛୋଟ ସୋପାନ, ମାତ୍ର ମାନବ ସମାଜ ପାଇଁ ଏହା ହେଉଛି ଗୋଟିଏ ବିରାଟ ପଦକ୍ଷେପ।' ଏହାପରେ ଆଉ ପାଞ୍ଚଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକୁ ଯାଇଥିଲେ। ଏହିପରି ମୋଟ ଛଅଟି ଅଭିଯାନରେ ବାର ଜଣ ଆମେରିକୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିଥିଲେ, ସେଠାରେ ବିଭିନ୍ନ ପରୀକ୍ଷା କରିଥିଲେ ଏବଂ ସେଠାରୁ ମୃତ୍ତିକା ଆଣି ଫେରିଥିଲେ।

୧୯୭୨ ମସିହା ପରେ ଚନ୍ଦ୍ରକୁ କୌଣସି ମାନବ ଅଭିଯାନ ହୋଇ ନଥିଲା। ଏହି ଶତାବ୍ଦୀର ଆରମ୍ଭରେ ପୁଣି ଚନ୍ଦ୍ର ଆମକୁ ଆକର୍ଷଣ କରିଛି। ଭାରତ, ଚୀନ୍, ଜାପାନ, ଆମେରିକା, ୟୁରୋପୀୟ ମହାକାଶ ସଂଘ ସମେତ କେତୋଟି ଦେଶ ଚନ୍ଦ୍ର କକ୍ଷ ଓ ପୃଷ୍ଠକୁ ମହାକାଶଯାନ ପଠାଇଛନ୍ତି। ଆମେରିକା 'ଆର୍ଟେମିସ୍' ଅଭିଯାନରେ ୨୦୨୭ ମସିହାରେ ଚନ୍ଦ୍ରକୁ ପୁଣି ଏହାର ମହାକାଶଚାରୀଙ୍କୁ ପଠାଇବା ପାଇଁ ପ୍ରସ୍ତୁତ ଚଳାଇଛି। ସେହିପରି ଚୀନ୍ ଓ ଭାରତ ମଧ୍ୟ ଚନ୍ଦ୍ରପୃଷ୍ଠକୁ ନିଜ ନାଗରିକଙ୍କୁ ପଠାଇବା ପାଇଁ ଘୋଷଣା କରିଛନ୍ତି। ଚନ୍ଦ୍ରରେ ଥିବା ହିଲିୟମ୍-୩ ସମେତ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ ହେଉଛି ଚନ୍ଦ୍ର ଅଭିଯାନର ଏକ ଉଦ୍ଦେଶ୍ୟ। ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରକୁ ଘାଟି ଭାବେ ବ୍ୟବହାର କରି ସେଠାରୁ ମଙ୍ଗଳ, ବୃହସ୍ପତି ଓ ଅନ୍ୟଗ୍ରହ ଏପରିକି ଆନ୍ତଃନାକ୍ଷତ୍ରିକ ମହାକାଶକୁ ମହାକାଶଯାନ ପ୍ରେରଣ କରିବା। ଚନ୍ଦ୍ରପୃଷ୍ଠରେ ଏକ ଜ୍ୟୋତିର୍ବିଦ୍ୟାୟ ପର୍ଯ୍ୟବେକ୍ଷଣାଗାର ସ୍ଥାପନ କରି ବିଜ୍ଞାନ ଗବେଷଣା ଓ ପର୍ଯ୍ୟବେକ୍ଷଣ କରିବା ପାଇଁ ଚିନ୍ତା କରାଯାଉଛି।

ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ଅନ୍ୟ ଏକ ବଡ଼ ପଦକ୍ଷେପ ଘୋଷଣା କରିଛି। ୨୦୩୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଏହି ଦେଶ ଗୋଟିଏ ପରମାଣୁ ରିଆକ୍ଟର ସ୍ଥାପନ କରିବ। ଆମେରିକାର ମହାକାଶ ସଂସ୍ଥା 'ନାସା' ଏହାର 'ଆର୍ଟେମିସ୍' କାର୍ଯ୍ୟକ୍ରମରେ ଚନ୍ଦ୍ରପୃଷ୍ଠରେ ଗୋଟିଏ କିମ୍ବା ଦୁଇଟି ଘାଟି ସ୍ଥାପନ କରିବା ପାଇଁ ଯୋଜନା କରିଛି। ଏହି ଘାଟିରୁ ଗଭୀର ମହାକାଶକୁ ଅଭିଯାନ ଚଳାଇବା ହେଉଛି ଏହାର ଲକ୍ଷ୍ୟ। ଗତବର୍ଷ ଡିସେମ୍ବର ମାସରେ ଆମେରିକା ରାଷ୍ଟ୍ରପତି ଚନ୍ଦ୍ରପୃଷ୍ଠରେ ୨୦୩୦ ମସିହା ସୁଦ୍ଧା ଘାଟି ସ୍ଥାପନ କରିବା ଏବଂ ସେଠାରେ ପରମାଣୁ ରିଆକ୍ଟର ସ୍ଥାପନ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୩ ତାରିଖରେ ନାସା ଓ ଆମେରିକା ଶକ୍ତି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଶକ୍ତି ବିଭାଗ ରିଆକ୍ଟର ନିର୍ମାଣ କରିବ ଏବଂ ନାସା ଏହାକୁ ଉତକ୍ଷେପଣ କରି ଚନ୍ଦ୍ରପୃଷ୍ଠରେ ଅବତରଣ କରାଇ ସେଠାରେ ସ୍ଥାପନ କରିବ। ଆମେରିକାର ମଙ୍ଗଳ ଓ ଏହା ପରର ମହାକାଶ ଅଭିଯାନ ପାଇଁ ଚନ୍ଦ୍ରଘାଟି ଆବଶ୍ୟକ ଏବଂ ଯାନରେ ଶକ୍ତି ପାଇଁ ପରମାଣୁ ଶକ୍ତି ଅଧିକ ଉପଯୋଗୀ ହୋଇପାରିବ ବୋଲି ବିଶ୍ୱାସ କରାଯାଉଛି। ପରମାଣୁ ରିଆକ୍ଟର ଆଣବିକ ବିଭାଜନ ପ୍ରକ୍ରିୟାରେ କାର୍ଯ୍ୟ କରିବ। ଏଥିରୁ ବର୍ଷ ବର୍ଷ ଧରି ଅନବରତ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ ଏବଂ ଇନ୍ଧନ ପୁନର୍ଯୋଗାଣର ଆବଶ୍ୟକତା ଦେଖା ଦେବ ନାହିଁ।

ପୂର୍ବରୁ ଆମେରିକାର କାସିନି, କ୍ୟୁରିଓସିଟି, ଭୋଏଜର ଆଦି ଯାନରେ ପରମାଣୁ ଶକ୍ତି ବ୍ୟବହୃତ ହୋଇଛି। ଏହି ଯାନରେ ରେଡିଓଆଇସୋଟୋପ୍ ତାପବିଦ୍ୟୁତ୍ ଜେନେରେଟର ରଖାଯାଇଛି, ଯାହା ପ୍ଲୁଟୋନିୟମ କ୍ଷୟରୁ ବିଦ୍ୟୁତ୍ ଉତ୍ପାଦନ କରିଥାଏ। କିନ୍ତୁ ବର୍ତ୍ତମାନର ଉପାୟ ହେଉଛି ପୃଥିବୀରେ ଉତ୍ପାଦିତ ପରମାଣୁ ଶକ୍ତି ଭଳି। ଏଠାରେ ୟୁରାନିୟମ୍‌ରୁ ଆଣବିକ ବିଭାଜନ ପ୍ରକ୍ରିୟାରେ ଶକ୍ତି ଉତ୍ପାଦିତ ହେବ। ନାସା ପ୍ରକାଶ କରିଛି ଯେ ଚନ୍ଦ୍ରରେ ପରମାଣୁ ପ୍ରକଳ୍ପ ସ୍ଥାପନ ମହାକାଶ ଅଭିଯାନ ଓ ଆବିଷ୍କାରରେ ସୁବର୍ଣ୍ଣ ଯୁଗ ସୃଷ୍ଟି କରିବ।

ଗତ ଶତାବ୍ଦୀରେ ମହାକାଶ ଯୁଗ ଆରମ୍ଭ ସମୟରେ ସୋଭିଏତ୍ ରୁଷ୍ ଓ ଆମେରିକା ମଧ୍ୟରେ ଭୀଷଣ ପ୍ରତିଯୋଗିତା ଚାଲିଥିଲା। ପ୍ରାରମ୍ଭରେ ରୁଷ୍ ଆଗରେ ଥିଲା। ଏହା ୧୯୫୭ ମସିହାରେ ପ୍ରଥମ କୃତ୍ରିମ ଉପଗ୍ରହ ପ୍ରେରଣ କରିଥିଲା ଏବଂ ୧୯୬୧ ମସିହାରେ ପ୍ରଥମ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଇଥିଲା। ଫଳରେ ଆମେରିକା ସରକାର ଲୋକମାନଙ୍କ ପାଖରେ ଅପମାନିତ ବୋଧ କରିଥିଲେ। ଆମେରିକା ମହାକାଶ ଅଭିଯାନକୁ ପ୍ରେରଣା ଦେବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଜନ୍ କେନେଡ଼ି ୧୯୬୧ ମସିହାରେ ଘୋଷଣା କରିଥିଲେ ଯେ ଏହି ଦଶକ ଶେଷ ସୁଦ୍ଧା ଆମେରିକୀୟ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିବେ। ତାଙ୍କ ଘୋଷଣାକୁ ସମ୍ମାନ ଜଣାଇ ନାସା ପରବର୍ତ୍ତୀ ଆଠବର୍ଷ ମଧ୍ୟରେ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇଥିଲା। ସେହିପରି ବର୍ତ୍ତମାନ ରାଷ୍ଟ୍ରପତି ୧୯୩୦ ମସିହା ସୁଦ୍ଧା ଚନ୍ଦ୍ରରେ ଘାଟି ଓ ପରମାଣୁ କେନ୍ଦ୍ର ସ୍ଥାପନ କରିବା ପାଇଁ ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଉଭୟ ନାସା ଓ ଶକ୍ତି ବିଭାଗ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ନିଦ ଓ ଏକୁଟିଆ ପଣ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ଏକୁଟିଆ ପଣ ଅନୁଭବ କରିବା ଏବେ ଏକ ସର୍ବସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଲାଣି। ପାରିବାରିକ ଓ ସାମାଜିକ ସଂପୃକ୍ତି କମ୍ ଥିବା ପାଶ୍ଚାତ୍ୟ ଦେଶମାନଙ୍କରେ ଆରମ୍ଭ ହୋଇ ଏହା ଆମ ଦେଶ ସମେତ ସମଗ୍ର ବିଶ୍ୱକୁ ଗ୍ରାସ କରିବାକୁ ଲାଗିଲାଣି। ଏପରିକି ପରିବାର ଓ ସାମାଜ ମଧ୍ୟରେ ଏକତ୍ର ବାସ କଲେ ମଧ୍ୟ ଲୋକେ ବି ଏହା ଅନୁଭବ କରିବାକୁ ଲାଗିଲେଣି।

ଏହାର କାରଣ ହେଲା ଯେ ମାନସିକ ତଥା ଭାବପ୍ରବଣତା ସ୍ତରରେ ପରସ୍ପର ସହିତ ସମ୍ପର୍କ କ୍ରମେ ହ୍ରାସ ପାଇଚାଲିଛି। ବିଶେଷକରି ବୟସ୍କ ଲୋକଙ୍କ ଠାରେ ଏହା ଅଧିକ ପରିଲକ୍ଷିତ ହେଉଛି। କାରଣ ସେମାନଙ୍କ ମଧ୍ୟରୁ ଅନେକ ନିଜ ସଂପର୍କୀୟ ଓ ବନ୍ଧୁବର୍ଗଙ୍କୁ ହରାଇ ଏକୁଟିଆ ବାସ କଲାବେଳେ ଆଉ କେତେକ ବହୁକାଳିକ ରୋଗ ବ୍ୟାଧି, ଶ୍ରବଣ ଓ ଦୃଷ୍ଟିଶକ୍ତିହୀନତା ଆଦି ଶାରୀରିକ ଅକ୍ଷମତାର ଶିକାର ହୋଇଥା'ନ୍ତି। ଅନ୍ୟପକ୍ଷରେ ଆଧୁନିକ ଜୀବନଶୈଳୀ ଏବଂ ବ୍ୟସ୍ତବହୁଳ ଜୀବନ ହେତୁ ପାରିବାରିକ ବନ୍ଧନ ଆଉ ଆଗ ଭଳି ନିବିଡ଼ ନାହିଁ। ଏଣୁ ସବୁ ବୟସରୁ କିଛି ନା କିଛି ଲୋକ ଏହା ଭୋଗ କରୁଥିବାର ଦେଖାଗଲାଣି।

'ୟୁଏସ୍ ନ୍ୟାସନାଲ ଏକାଡେମିଜ୍ ଅଫ୍ ସାଇନସେସ୍, ଇଂଜିନିୟରିଂ ଆଣ୍ଡ ମେଡିସିନ୍'ର ଆକଳନ ଅନୁସାରେ ବିଶ୍ୱର ପ୍ରାୟ ୩୩ ଶତାଂଶ ଲୋକ ଅଳ୍ପେବହୁତ ଏକୁଟିଆ ପଣ ଅନୁଭବ କରନ୍ତି। ଏଥିରୁ ଜଣାପଡ଼ିଛି ଯେ ସାମାଜିକ ସଂପୃକ୍ତିରୁ ଅଲଗା ରହିବା ଏବଂ ସେଥିଯୋଗୁଁ ଏକୁଟିଆପଣ ଅନୁଭବ କରିବା ଜଣେ ବ୍ୟକ୍ତି ଠାରେ ୨୯ % ହୃଦ୍‌ରୋଗ ଏବଂ ୩୨% ସଂଘାତର ଆଶଙ୍କା ବଢ଼ାଏ, ଯାହାକି ଅକାଳମୃତ୍ୟୁର ଆଶଙ୍କା ବୃଦ୍ଧି କରେ। ପୁନଶ୍ଚ ଏହା ମଧ୍ୟ ମାନସିକ ଚାପ, ଦୁଶ୍ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ସ୍ମରଣଶକ୍ତି ହୀନତାର କାରଣ।

ପାରିବାରିକ ତଥା ସାମାଜିକ ସଂପୃକ୍ତିହୀନତା ସଙ୍ଗେ ସଙ୍ଗେ ନିଦ୍ରାହୀନତାକୁ ଏକୁଟିଆ ଅନୁଭବ କରିବାର ଏକ ନୂତନ କାରଣ ବୋଲି ଏବେ ଆବିଷ୍କାର କରିଛନ୍ତି ଆମେରିକାର 'ନ୍ୟାସନାଲ୍ ସ୍ଲିପ୍ ଫାଉଣ୍ଡେସନ'ର ଡକ୍ଟର ଯୋଶେଫ୍ ଡିଜ୍‌ଏୟାସ୍କଲ୍ ଏବଂ ତାଙ୍କ ସହଯୋଗୀମାନେ। ସେଠାରେ ଅନୁଷ୍ଠିତ 'ସ୍ଲିପ୍ ୨୦୨୪' କାର୍ଯ୍ୟକ୍ରମ ଅବସରରେ ସେମାନଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ସୁନିଦ୍ରା, ବିଶେଷ କରି, ଯୁବ ଗୋଷ୍ଠୀ ମଧ୍ୟରେ ଏକୁଟିଆପଣ ଅନୁଭବକୁ ହ୍ରାସ କରିଥାଏ। ଏଥିରେ ମଧ୍ୟ ସେମାନେ ସୂଚୀତ କରିଥିଲେ ଯେ ନିଦ୍ରା ସାମଗ୍ରିକ ଭାବେ ସୁସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଜରୁରୀ। କାରଣ ଏହା ଶରୀର ସଙ୍ଗେ ସଙ୍ଗେ ମନକୁ ମଧ୍ୟ ନୂତନ ଶକ୍ତି ପ୍ରଦାନ କରିଥାଏ ଏବଂ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ଅନ୍ୟପକ୍ଷରେ ନିଦ୍ରାହୀନତା ନାନା ପ୍ରକାର ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ପୃଥୁଳତା, ସଂଘାତ ଆଦିର କାରଣ ମଧ୍ୟ ହୋଇପାରେ।

ଏଣୁ ଆମେ ବୟସ ଉପରେ ନିର୍ଭର କରି ଦିନକୁ ଭିନ୍ନ ଭିନ୍ନ ସମୟ ଧରି ନିଦ୍ରା ଯିବା ଦରକାର। ତାହା ୩ ରୁ ୫ ବର୍ଷ ବୟସରେ ୧୦ ରୁ ୧୩ ଘଣ୍ଟା, ୬ ରୁ ୧୨ ବର୍ଷ ମଧ୍ୟରେ ୯ ରୁ ୧୨ ଘଣ୍ଟା, ୧୩ ରୁ ୧୮ ବର୍ଷ ମଧ୍ୟରେ ୮ ରୁ ୧୦ ଘଣ୍ଟା ଏବଂ ତହିଁରୁ ଅଧିକ ବୟସ୍କଙ୍କ ମଧ୍ୟରେ ୭ ଘଣ୍ଟାରୁ ଅଧିକ ହେବା ଉଚିତ। ତେବେ ୧୫ ରୁ ଅଧିକ ବର୍ଷ ବୟସ୍କ ଲୋକଙ୍କ ଉପରେ ହୋଇଥିବା ଅନ୍ୟ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ ପ୍ରାୟ ୨୭ ଶତାଂଶ ଆବଶ୍ୟକ ମୁତାବକ ନିଦ୍ରା ଯାଉନାହାନ୍ତି। ଯୁବଗୋଷ୍ଠୀ ଓ ବୟସ୍କ ଲୋକମାନେ ଏହାଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି। ଏହି କାରଣରୁ 'ଆମେରିକାନ୍ ହାର୍ଟ ଆସୋସିଏସନ୍' ହୃତପିଣ୍ଡ ଓ ରକ୍ତନାଳୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ନିମନ୍ତେ ପ୍ରସ୍ତୁତ ନିୟନ୍ତ୍ରଣ ତାଲିକାରେ ନିକୋଟିନ୍ ସେବନ, ଶାରୀରିକ କ୍ରିୟାକଳାପ, ଖାଦ୍ୟ ରକ୍ତରେ ଗ୍ଲୁକୋଜ, କୋଲେଷ୍ଟେରଲ୍ ଓ ରକ୍ତଚାପ ଭଳି ୭ଟି କାରକ ସହିତ ପ୍ରତ୍ୟହ ୭ରୁ ୯ ଘଣ୍ଟା ନିଦ୍ରାକୁ ଯୋଗ କରିଛି।

ଯୋଶେଫ୍‌ଙ୍କ ମତରେ ନିଦ୍ରାସହିତ ଏକୁଟିଆପଣର ସଂପର୍କ, ବିଶେଷକରି ଯୁବାବସ୍ଥା ଓ ବୃଦ୍ଧାବସ୍ଥାରେ, ଅଧିକ ହେବାର ରହସ୍ୟ ଏବେ ବି ଅବୋଧ ରହିଛି। ଅତଏବ ଏହା ମୂଳରେ ଥିବା କ୍ରିୟା ବିଧି ନିର୍ଦ୍ଦିଷ୍ଟ ରୂପେ ଜାଣିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓୟୁଟିଆର୍‌ର ତୃତୀୟ ସମାବର୍ତ୍ତନ ଉତ୍ସବ

# ସମାଜର ହିତ ପାଇଁ ଜ୍ଞାନକୁ ଉପଯୋଗ କରନ୍ତୁ ଛାତ୍ରଛାତ୍ରୀ: ରାଜ୍ୟପାଳ

ଭୁବନେଶ୍ୱର, ୧୯ ।୧(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉତ୍ସବରେ ସଭାପତିତ୍ୱ କରିବା ସହ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି । ସେ କହିଛନ୍ତି ଯେ ଆଜିଠାରୁ ଜୀବନର ନୂତନ ଯାତ୍ରା ଆରମ୍ଭ ହେବ । ନିଜର ଜ୍ଞାନକୁ ସମାଜର ବୃହତ୍ତର ସ୍ୱାର୍ଥ ସାଧନ ପାଇଁ ଉପଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ଏହି ଶିକ୍ଷାନୁଷ୍ଠାନ ଶିକ୍ଷାଦାନ ସମେତ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କହିବା ସହ ସମୟକ୍ରମେ ଶିଖର ଛୁଇଁବ ଓ ଛାତ୍ରଛାତ୍ରୀମାନେ ଏହାର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏଆଇ, ଡାଟା ସାଇନ୍ସ, ଅଟୋମେସନ ରିନୋବୁଲ ଏନର୍ଜି ଓ ସ୍ପେସ୍ ଟେକ୍ନୋଲୋଜିକୁ ବ୍ୟବହାର କରି ଦୈନନ୍ଦିନ ଜୀବନକୁ ସରଳ ସୁଗମ କରିବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ବଳିଷ୍ଠ ଯୋଗଦାନ ଦେବେକୁ ଆହ୍ୱାନ କରିଛନ୍ତି । ମୁଖ୍ୟ




ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କଠିନ ପରିଶ୍ରମର ଫଳ ମିଳିଥିବା କହିବା ସହ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଓୟୁଟିଆର ପ୍ରଶାସନ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଭୂମିକା ରହିଥିବା କହିଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣରେ ଶିକ୍ଷାକୁ ଡିଗ୍ରୀରେ ସୀମିତ ନ ରଖି ଦେଶ ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ସହ କାର୍ଯ୍ୟକରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ସମାବର୍ତ୍ତନ ଉତ୍ସବର ମୋଟ୍ ୭୩୯ ଜଣଙ୍କୁ ସ୍ନାତକ, ୩୩୭ ଜଣଙ୍କୁ ସ୍ନାତକୋତ୍ତର, ପ୍ରଥମ ଥର ପାଇଁ ୪ଜଣଙ୍କୁ ପିଏଚ୍‌ଡି, ୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ଏହାସହ ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ,୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯାଇଛି । କୁଳସଚିବ ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ପ୍ରଫେସର ରଞ୍ଜନ କୁମାର ଜେନା, ପ୍ରଫେସର ଅରୁଣା ତ୍ରିପାଠିଙ୍କ ସମେତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ହସ୍ପିଟାଲ ବାଥରୁମ୍‌ରେ ଶିଶୁ ଜନ୍ମ କରି ମା' ଫେରାର୍

ଭଦ୍ରକ, ୧୯ ।୧(ସମିସ): ରବିବାର ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବାଥରୁମ୍‌ରେ ଏକ ନବଜାତ ଶିଶୁକନ୍ୟାକୁ ଛାଡ଼ି ମା' ଫେରାର୍ ହେବା ଭଳି ଅଘଟଣ ଘଟିଛି । ନବଜାତ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାଯାଇଛି । ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏମସିଏଚ୍‌ର ମହିଳା ୱାର୍ଡରେ କେହି ଜଣେ ମହିଳା ବାଥରୁମରେ ଶିଶୁ ଜନ୍ମ କରି ଛାଡ଼ି ପଳାଇଥିଲେ । ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ବାଥରୁମ୍ ଯାଇଥିବା ବେଳେ ନବଜାତକକୁ ଦେଖି ମେଡିକାଲ କର୍ମଚାରୀଙ୍କୁ ଅବଗତ କରାଇଥିଲେ । ପରେ ଶିଶୁକନ୍ୟା ମୃତ ବୋଲି ଜଣାପଡ଼ିଥିଲା । ତେବେ ଶିଶୁର ମାଆକୁ ଠାବ କରାଯାଇନଥିବା ବେଳେ ଡ୍ୟୁଟିରେ ଥିବା କର୍ମଚାରୀ ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

## ଆଜି ସବୁ ଉଠାଦୋକାନ, ଭେଣ୍ଡିଂଜୋନ୍ ବନ୍ଦ

ଭୁବନେଶ୍ୱର, ୧୯।୧(ସମିସ): ଜାତୀୟ ଉଠାଦୋକାନୀ ଦିବସ ଅବସରରେ ଆସନ୍ତାକାଲି ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଉଠାଦୋକାନ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ପ୍ରତିବର୍ଷ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଆଦି ସହରଗୁଡ଼ିକରେ ଏହି ଦିବସକୁ ମହାସମାରୋହରେ ପାଳନ କରିଥା'ନ୍ତି । ଚଳିତ ବର୍ଷ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହସଂଘର ମିଳିତ ସହଯୋଗରେ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଜାଗାରେ ଜାତୀୟ ଉଠାଦୋକାନୀ ଦିବସ ପାଳନ ହେଉଥିବାରୁ ଜାନୁଆରୀ ୨୦ତାରିଖ ଦିନ ସବୁ ଉଠାଦୋକାନ, ଭେଣ୍ଡିଂ ଜୋନ୍ ଓ କିଓସ୍କଗୁଡ଼ିକ ବନ୍ଦ ରହିବ ବୋଲି ସଂଗଠନର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି । ଏହି ଅବସରରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ମହାସମାବେଶ ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବ । ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ।

## ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଚିନ୍ତନ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧(ସମିସ): ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ରାଜ୍ୟରେ ଜନଅସନ୍ତୋଷ ତୀବ୍ର ହେଉଥିବା ବେଳେ ଖୁବ୍‌ଶିଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି । ସୋମବାର ଭୁବନେଶ୍ୱରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଚିନ୍ତନ ଶିବିର ଉଦଘାଟନ କରିବା ଅବସରରେ ମନ୍ତ୍ରୀ କହିଛନ୍ତି, ଯେଉଁ ଯୋଗ୍ୟ ଲାଭାର୍ଥୀମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ । ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ । ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସୁନିଲ କୁମାର ବର୍ଣ୍ଣୱାଲ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉଦ୍‌ଘାଟନୀ ଅବେଶନରେ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ୟାକେଜ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶ୍ରେଷ୍ଠ ପ୍ରମାଣିତ ପଦ୍ଧତି ସମ୍ବଳିତ ପୁସ୍ତିକା ଉନ୍ମୋଚନ ହୋଇଥିଲା ।

## କଟ୍‌ନୀ ଛଟ୍‌ନୀକୁ ନେଇ ସାଙ୍ଗକୁ ହାଣିଲା ସାଙ୍ଗ

ପୋଲସରା,୧୯ ।୧(ସମିସ): ପୋଲସରା ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅନ୍ତର୍ଗତ ହାତୀଓଟ ଗ୍ରାମ ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀକୁ ନେଇ ସାଙ୍ଗକୁ ହାଣିଛି ସାଙ୍ଗ । ଆହତ ଯୁବକ ଜଣକ ହେଲେ ହାତୀଓଟ ଗ୍ରାମର ପ୍ରଦୀପ ପ୍ରଧାନ ଓ ଆକ୍ରମଣକାରୀ ଜଣକ ତାଙ୍କ ସାଙ୍ଗ ସେହି ଗ୍ରାମର ଅଭିରାମ ସ୍ୱାଇଁ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ପ୍ରକାଶ ଯେ, ପ୍ରଦୀପ ଓ ଅଭିରାମ ଓରଫ ବାବୁ ଉଭୟ ବନ୍ଧୁ ଅଟନ୍ତି । ସୋମବାର ପ୍ରଦୀପ ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେଉଥିବାରୁ ଗାଁ ଲୋକଙ୍କୁ ମେଳି କରି ମଣ୍ଡିରେ ଏକତ୍ରିତ ପ୍ରତିବାଦ କରିବାକୁ ଯୋଜନା କରୁଥିଲେ । ଏନେଇ ଜାଣିବା ପରେ ଅଭିରାମ ବିରୋଧ କରିଥିଲା ଏବଂ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ କହିଥିଲା । ପରେ କଥା କଟାକଟି ହେବା ସହ ଉଭୟଙ୍କ ମଧ୍ୟରେ ବଚସା ଓ ଯୁକ୍ତିତର୍କ ହୋଇଥିଲା । ଏଥିରେ ଅଭିରାମ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ପ୍ରଦୀପର ଡାହାଣ ହାତକୁ ହାଣି ଚମ୍ପଟ ମାରିଥିଲା । ବାଲିଛାଇ ଫାଣ୍ଡି ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିରାମକୁ ଖୋଜୁଛି । ଗୁରୁତର ପ୍ରଦୀପକୁ ପରିବାର ଲୋକେ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି । ଅନ୍ୟପଟେ ଉଭୟ ପ୍ରଦୀପ ଓ ଅଭିରାମ ସାଙ୍ଗ ହୋଇଥିଲେ ମଧ୍ୟ କିଛିଦିନ ହେବ ସମ୍ପର୍କରେ ତିକ୍ତତା ହୋଇଥିଲା । ଖବର ଲେଖାଯିବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିତିନ ନବୀନ...

ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ନିତିନଙ୍କୁ ଡିସେମ୍ବର ୧୪ରେ, ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା । ନିତିନ ବିହାର ବାଙ୍କିପୁର ଆସନରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ୨୦୦୬, ୨୦୧୦, ୨୦୧୫, ୨୦୨୦ ଓ ୨୦୨୫ରେ ନିର୍ବାଚନ ଜିତିଥିଲେ । ଜଣେ ଉଦୀୟମାନ ଯୁବନେତା ଭାବେ ତାଙ୍କୁ ବିହାରବାସୀ ଗ୍ରହଣ କରିଥିଲେ । ୨୦୨୧ ଫେବୃଆରୀ ୯ରେ ସେ ବିହାର ସରକାରରେ ପ୍ରଥମଥର ପାଇଁ ସଡ଼କ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତେବେ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ସେ ଇସ୍ତଫା ଦେଇଥିଲେ । ତାଙ୍କ ସଭାପତିତ୍ୱରେ ବିଜେପି ଏବେ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଲଢ଼ିବ ।

### କମୁଛି ଶୀତ...

ରାଜ୍ୟର ୧୨ଟି ସ୍ଥାନରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି । ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ୩୨ ଡିଗ୍ରୀ ରେକର୍ଡ ହୋଇଛି । ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟକୁ ଆଉ ଶୀତଲହରୀ ଫେରିବ ନାହିଁ । ବଙ୍ଗୋପସାଗରରେ ଏକ ଗୁରୁଚାପବଳୟ ସୃଷ୍ଟି ହୋଇଛି । ରାଜ୍ୟକୁ ଉତ୍ତର-ପଶ୍ଚିମା ପବନ ସିଧା ବହିବ ନାହିଁ । ଭୁବନେଶ୍ୱର ସମେତ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ଉତ୍ତରପୂର୍ବା ପବନ ବହିବାର ସମ୍ଭାବନା ରହିଛି । ଆକଳନ କରାଯାଉଛି, ସାରା ରାଜ୍ୟର ଆଭ୍ୟନ୍ତରୀଣରେ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବୁଧବାରଠାରୁ ୩ ଦିନ ମଧ୍ୟରେ ପ୍ରାୟ ୨ ଡିଗ୍ରୀ ବଢ଼ିବ । ଭୁବନେଶ୍ୱର ସମେତ ଦକ୍ଷିଣ ଉପକୂଳରେ ୨-୩ ଡିଗ୍ରୀ ବଢ଼ିପାରେ । ଏହା ପରେ ପ୍ରାୟ ୧ଦିନ ତାପମାତ୍ରା ଅପରିବର୍ତ୍ତିତ ରହିବ । ମଝିରେ ମଝିରେ ୧ ଡିଗ୍ରୀ କମିପାରେ କିମ୍ବା ବଢ଼ିପାରେ । ଏହି ତାପମାତ୍ରା ବୃଦ୍ଧି ସତ୍ତ୍ୱେ ଥଣ୍ଡା କିଛିକାଂଶରେ ଜାରି ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି ।

### ଓଡ଼ିଆ ସମେତ...

ନାମ ଦିଆଯାଇଛି । ଏହାର ଅର୍ଥ ହେଉଛି ଶାସ୍ତ୍ରୀୟ ଭାଷା ସାହିତ୍ୟ ପୁରସ୍କାର । ପ୍ରଥମ ପର୍ଯ୍ୟାୟରେ ଏହି ୭ଟି ଭାଷାର ଶ୍ରେଷ୍ଠ ସାହିତ୍ୟିକ କୃତିକୁ ସମ୍ମାନୀତ କରାଯିବ । ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା ନଗଦ ପ୍ରଦାନ କରାଯିବ । ପ୍ରତ୍ୟେକ ଭାଷା ପାଇଁ ପୃଥକ ଜୁରି ତଥା ବିଚାରକ ମଣ୍ଡଳୀ ଗଠନ କରାଯିବ ବୋଲି ଷ୍ଟାଲିନ କହିଛନ୍ତି । ପୁରସ୍କାର ଚୟନରେ ସ୍ୱଚ୍ଛତା ପାଇଁ ପ୍ରଖ୍ୟାତ ଲେଖକ ଓ ପୁରସ୍କାର ବିଜେତା ଲେଖକଙ୍କୁ ନେଇ ପୃଥକ ଚୟନ କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି । ପୂର୍ବରୁ ଷ୍ଟାଲିନ କେନ୍ଦ୍ର ସରକାରଙ୍କ ଉପରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ରାଜନୈତିକ ହସ୍ତକ୍ଷେପର ଅଭିଯୋଗ ଆଣିଥିଲେ । ସେ ହିନ୍ଦୀ ଭାଷା ବିରୋଧରେ ବାରମ୍ବାର ନକାରାତ୍ମକ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଥିଲେ ଓ ତାମିଲ ଭାଷାକୁ ଅଧିକ ଗୁରୁତ୍ୱ ଦେବାକୁ ଯୁକ୍ତି ବାଢ଼ୁଥିଲେ ।


O-2385

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

Letter No: 311 | Date: 16.01.2026

e-Procurement Notice

Name of the work :- Road Works
Total No of works :- 04 (Four) No's.
Approx. Estimated Cost :- Rs. 50.58 lakhs to Rs. 68.24 lakhs
Class of Contractor :- "B" Class Contractor
Period of completion :- 1 (One) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online - 10/2025-26 | 04 (Four) No's. | 22.01.2026 at 10.00 AM | 30.01.2026 up to 03.00 PM | 31.01.2026 at 11.00 AM | To be Intimated Separately |

For Details can be seen from the Government website www.tendersorissa.gov.in
Executive Engineer
Rural Works Division-I, Nabarangpur
OIPR-



OFFICE OF THE SUPERINTENDING ENGINEEER
KHURDA IRRIGATION DIVISION, KHURDA
Email- eekhurdairrigationdivision@gmail.com
A-1301
NOTICE

It is notified that tender invited for the work "Improvement to Saradhapur gherry on Rajua right embankment near village Saradhapur (SL No-03) vide "e" procurement Notice No-04(KHD) 2025-26 dated 01.12.2025 is hereby cancelled as per DTCN clause no.26 due to administrative ground and unavoidable circumstances.

Sd/- Superintending Engnieer
Khurda Irrigation Division
Khurda
OIPR-



n-242
DISTRICT PROJECT OFFICE
SAMAGRA SHIKSHA, KORAPUT, ODISHA, PIN-764020
E-mail:-dpckoraputssa.opepa@nic.in

Letter No.249/Ped/2026 IX-PED-07/26 Date 19.01.2026

NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II for Class-I to IV and VI, VII& Annual Examination for Class– V & VIII 2026Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026Students | Rs.3000/- (Rupees Three Thousand only) | Rs.65,000/- (Rupees Sixty Five Thousand only) | 04/02/2026 by 5.00 PM | 05/02/2026 at 11.00 AM |

The detailed BID document is available in the website https://osepa.odisha.gov.in&https://koraput.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

DEO-cum-DPC
Samagra Shiksha, Koraput
OIPR-



PANCHAYAT SAMITI, BARKOTE: DIST-DEOGARH. i-481
No. 259 /Dev. Date 17.01.2026
TENDER CALL NOTICE

The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. https://deogarh.odisha.gov.in/

Block Development Officer
Barkote
OIPR-



B-1003
Government of Odisha
E-mail ID : eerbkbj@rediffmail.com
OFFICE OF THE SUPERINTENDING ENGINEER
KANTABANJI (R&B) DIVISION
Bid Identification No.15 / KBJ / 2025-26

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid** in **Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical work**. The proof of registration from the appropriate authority shall be enclosed along with the Bid.

1) No. of work :- 0 Nos. (Single Cover)
2) Nature of work :- E.I. work
3) Class of contractor :- HT & MV
4) Approximate value of work :- Rs.6.17 Lakh
5) Tender cost :- Rs.4,000/-
6) Date and time of vailability of Bid documents in online :- From 11.00 A.M. of Dt.22.01.2026 Up to 05.00 P.M. of Dt.29.01.2026
7) Date of Opening of Bid in online :- Dt.30.01.2026 at 11.30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: "www.tendersodisha.gov.in". All future corrigendum will be available on ONLINE MODE only.

Superintending Engineer,
Kantabanji (R&B) Division
OIPR-



n-240
ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
DISTRICT PROJECT OFFICE
Old Revenue Colony, Behind Govt. Hospital, RAYAGADA
email - dpcrayagadassa.opepa@nic.in

No. 203/XI/PED/34/2026 Date 17.01.2026

NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II for Class-I to IV and VI, VII & Annual Examination for Class – V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026 Students | Rs.2000/- | Rs.50,300/- | 31.01.2026 by 5.00 PM | 30.02.2026 by 4.00 PM |

The detailed BID document is available in the website www.osepa.odisha.gov.in & www.rayagada.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Collector-Cum-Chairman,
Samagra Shiksha, Rayagada.
OIPR-



AFFIDAVIT

By virtue of an affidavit sworn before the Notary Public, Sunabeda vide no 51, dated 17/01/2026, I, Sri Shyam Sundar Nayak, S/o- Bhagaban Nayak, Vill - Doraput, PO - Nandapur, PS - Nandapur, Dist - Koraput declare that I have changed my name from Shym Sundar Dora to Shyam Sundar Nayak. Henceforth, I shall be known as Shyam Sundar Nayak for all future purpose.

Sd/- Shyam Sundar Nayak

AFFIDAVIT

I, SHIRILA PADHAN, S/o KIRATI PADHAN resident of At - Shanti Nagar, PO / PS - Sonapur, Dist - Subaranapur - 767017, Odisha, declare by this Affidavit No. 225, dated - 19/01/2026, that now onwards I shall be known as SHRILAL PADHAN for all future purpose.

AFFIDAVIT

I, Sidhanta Gourab Sethy, father and natural guardian of my minor son Sreyash Gourab, resident of At-Parbatia, Po-Sankarpur, Dist-Dhenkanal, pin-759013 Odisha declare by this affidavit No-64, Dtd. 17/01/2026 that now onwards He shall be known as SHREYASH GOURAB for all future purposes.

AFFIDAVIT

I, ITALIYA YOGESHKUMAR LAXMANBHAI, S/o ITALIYA LAXMANBHAI resident of At-Kumbhar Street, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 226, dated - 19/01/2026, that now onwards I shall be known as ITALIYA YOGESH LAXMANBHAI for all future purpose.

AFFIDAVIT

I, Sushree Supriya, D/o Niranjan Behera, resident of Q-5&6, Stage-III, Laxmisagar, PS-Laxmisagar, Bhubaneswar, Dist-Khordha, PIN- 751006, Odisha declare by this affidavit No. 36217, dated-30.12.2025 that now onwards I shall be known as **SUSHREE SUPRIYA BEHERA** for all future purposes.

AFFIDAVIT

By virtue of an affidavit No.176, sworn before the Notary Public Swampatana on dtd- 19/012026, I **Sri Lalbahadur Naik,** aged 46 years, S/o- Narasingha Naik, permanent resident of At-Galfulla, Po- Tangarpada, Ps- Patna, Dist-Keonjhar, Odisha, Pin- 758030. My DOB is **09/04/1979** which correctly maintain in my School Certificate, but in my Aadhar Card wrongly maintained DOB as **10/09/1964.** Henceforth, I shall be known **Lalbahadur Naik** & my **date of birth** is **09/04/1979** for all future purposes.

**Lalbahadur Naik**

AFFIDAVIT

By virtue of an affidavit No-176, dated- 17/01/2026 sworn before Executive Magistrate, Banpur, declare that I, **Ivarani Bhola,** aged about- 39 years, W/o- Balaram Mali of Address At- Nachipur, Po- Panchugaon, Ps- Banpur, Dist- Khordha, Odisha, Pin-752035, declare that I have changed my name from **Ivarani Mali to Ivarani Bhola.** Henceforth, now onwards I shall be known as **Ivarani Bhola** for all future purposes.

**Ivarani Bhola**

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated-13/01/2026. I, **Jay Prakash Moharana,** S/o- Padmanava Moharana, resident of Bharagola, Nayahat, Dist- Puri, Odisha, Pin - 752107, declare that my correct name is **Jay Prakash Moharana** which is mentioned in my Aadhar Card but in Educational Documents and some other documents my name has been mentioned as **Jayprakash Moharana** instead of **Jay Prakash Moharana.** Henceforth, I shall be known as **Jay Prakash Moharana** for all future purposes.

ହଜିଛି

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆମ୍ଭର ଜମି ବିକ୍ରୟ ଦଲିଲ ନଂ.: ୧୦୪୦୧୯୦୧୦୨୨, ତାରିଖ: ୨୨.୦୬.୨୦୧୯, ୧୦୪୦୧୯୦୦୩୩୨ ତାରିଖ: ୧୨.୦୨.୨୦୧୯ ଏବଂ ଦିଲିଲ ନଂ.: ୧୦୪୦୧୯୦୦୩୩୧, ତାରିଖ: ୧୨.୦୨.୨୦୧୯ର ସଂଯୋଗ ଦଲିଲ୍ ବରଗଡ, ଭୁବନେଶ୍ୱର ଠାରୁ କଞ୍ଚନା ଯିବା ରାସ୍ତାରେ କେଉଁଠାରେ ହଜି ଯାଇଅଛି, ଏହି ସବୁ ସଂଯୋଗ ଦଲିଲର ବିବରଣୀ ନିମ୍ନରେ ଦିଆଗଲା ।

ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୦୬ ଏବଂ କ୍ର.ନଂ.: ୧୦୫୪, ଖାତା ନଂ.: ୨୬୮/୩୪୯ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୫୯ର ବନ୍ଦୋବସ୍ତ ପଟ୍ଟା । ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୭୦୨ ଏବଂ କ୍ର.ନଂ.: ୭୨୦, ଖାତା ନଂ.: ୨୬୮/୩୪୯ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୫୯ର ବନ୍ଦୋବସ୍ତ ପଟ୍ଟା, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୪୦୧୨୦୦୪୪୭ ଏବଂ ଆଇଡି ନଂ.: ୪୦୧୨୦୦୩୨୯, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୫୨୯ ଏବଂ କ୍ର.ନଂ.: ୧୫୫୬, ଖାତା ନଂ.: ୨୬୮/୪୨୮ର ମ୍ୟୁଟେସନ ପଟ୍ଟା, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୪୦୧୨୦୦୩୪୬, ଖାତା ନଂ.: ୨୬୮/୫୮୨ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୬୮/୫୮୪ର ମ୍ୟୁଟେସନ ପଟ୍ଟା ।

ଯଦି କୌଣସି ସହୋଦୟ ବ୍ୟକ୍ତି ଉପରୋକ୍ତ ସଂଯୋଗ ଦଲିଲକୁ ପାଇଥାନ୍ତି, ତେବେ ଶ୍ରୀ ଭୁପେନ୍ଦର ଚତୁର୍ବେଦୀ, ମୋବାଇଲ ନଂ.: ୯୪୩୮୭୪୦୪୨୮, କିମ୍ବା ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର ସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କକୁ ଯୋଗାଯୋଗ କରିବାକୁ ଅନୁରୋଧ । ଏତଦ୍‌ବ୍ୟତୀତ ଯଦି କୌଣସି ବ୍ୟକ୍ତିଙ୍କର ଏହି ଦଲିଲ ବିଷୟରେ କିଛି ପ୍ରତିବାଦ ମନ୍ତବ୍ୟ ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଉପରୋକ୍ତ ବ୍ୟକ୍ତି କିମ୍ବା ବ୍ୟାଙ୍କକୁ ଯୋଗାଯୋଗ କରିବାକୁ ଅନୁରୋଧ ।

AFFIDAVIT

By virtue of an affidavit sworn before Executive Magistrate, Talcher on 15.01.2026, I Bijayalaxmi Nahak, Date of Birth- 06.06.2006, Gender female, D/o- Sadananda Nahak resident At- Bidyadharpur , Po-Kandhal, Ps- Talcher, Dist- Angul, Odisha, declare that I have changed my name from Biajayalaxmi Nahak to Bijayalaxmi Nahak . Henceforth, I shall be known as BIJAYALAXMI NAHAK for all future purposes.

AFFIDAVIT

I, DHARAM JAIN, W/o Hiralal Jain, resident of At-Main Road, PO / PS / Dist - Malkangiri - 764045, Odisha declare by this Affidavit No. 224, Dated -19/01/2026, that now onwards I shall be known as DHARAM CHAND JAIN for all future purpose.

AFFIDAVIT

I, Mohammad Shamshad Ali, son of Sheikh Mobarak Ali,resident of Vill-Sasanbad, Po/Ps-Jaleswar, Dist-Balasore, Odisha-756032, declare by this affidavit No.3405, dated: 19/01/2026, that now onwards I shall be known as **MD SHAMSHAD ALI** for all future purposes.

AFFIDAVIT FOR MINOR

By virtue of an affidavit no- 04, dated- 05/01/2026 sworn before Executive Magistrate, Banpur, declare that I, **Sanjib Kumar Senapati,** S/o- Krishna Chandra Senapati of Address At- Bhagabati Sahi, Po-Banpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rudresh Senapati to Rudresh Kumar Senapati.** Henceforth, he shall be known as **Rudresh Kumar Senapati** for all purposes.

**Rudresh Kumar Senapati**

AFFIDAVIT

By virtue of an affidavit sworn before Executive Magistrate, Bhubaneswar, C.F. No. 20, dated: 19/01/2026. I, **Smita Sahu,** daughter of Rajendra Kumar Sahu, resident of At-Nadpur, Nuagaon, Po/Ps-Betnoti, Dist- Mayurbhanj, Pin-757025, Odisha, declare that I have changed the name of my Son from **Armaan Sunsmit** (old name) to **Armaan Smita Sahu** (new name). Henceforth, he shall be known as **Armaan Smita Sahu** (new name) for all purposes.

**Smita Sahu**

AFFIDAVIT

By virtue of an affidavit (CF No. 02, dtd- 19/01/2026) sworn before the Executive Magistrate, Padampur. I, **Bijay Kumar Bohidar,** S/o- Late Kaliranjan Bohidar, permanent & current resident of AT- Padampur, PO-Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Astha Bahidar to Astha Bohidar.** Henceforth, she shall be known as **Astha Bohidar** (new name) for all purposes.

**Bijay Kumar Bohidar**

AFFIDAVIT

By virtue of an affidavit sworn before Executive Magistrate, Bhubaneswar, C.F. No. 19, dated: 19/01/2026. I, **Smita Sahu,** daughter of Rajendra Kumar Sahu, resident of At-Nadpur, Nuagaon, Po/Ps-Betnoti, Dist- Mayurbhanj, Pin-757025, Odisha, declare that I have changed the name of my Daughter from **Amrita Sunsmit** (old name) to **Amrita Smita Sahu** (new name). Henceforth, she shall be known as **Amrita Smita Sahu** (new name) for all purposes.

**Smita Sahu**

AFFIDAVIT

By virtue of an affidavit sworn before Executive Magistrate Bisoi Sl.No-610, dtd.13/10/2025. I Sri Surju Murmu of village - Badjambilla, PS- Bisoi, Dist-Mayurbhanj that in my son's birth certificate regd no.114/2025 his name mentioned as MONGOL SINGH MURMU and in my son's Adhaar card No- 4280 5422 7833 his name is wrongly mentioned as Mogolsingh Murmu instead of Mongol Singh Murmu. That both Mongol Singh Murmu and Mogolsingh Murmu is same and one person. Henceforth he shall be known as **Mongol Singh Murmu** for all future purpose.

S/D- Surju Murmu

# ଭଣ୍ଡୁର ହେଲା ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ'







ଭଦ୍ରକ,୧୯ ।୧(ସମିସ):

ଭଣ୍ଡୁର ହୋଇଛି ଭଦ୍ରକର ଜିଲ୍ଲା ମହୋତ୍ସବ "ଭଦ୍ରାୟଣୀ। ଜାନୁଆରୀ ୧୮ ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ ଭଦ୍ରକ

- **ମଞ୍ଚକୁ ଚଢ଼ି କାର୍ଯ୍ୟକ୍ରମ ବନ୍ଦ କଲେ ଯୁବକ**
- **ପ୍ରଶାସନ-ପୁଲିସ ବୁଝାସୁଝା ପରେ ମଧ ପରିସ୍ଥିତି ଅଣାୟତ୍ତ**

ନେହରୁ ଷ୍ଟାଡିୟମରେ ହେବାକୁ ଥିବା ଜିଲ୍ଲା ମହୋତ୍ସବ "ଭଦ୍ରାୟଣୀ'ରେ ସୋମବାର ୨ ସନ୍ଧ୍ୟାରେ ବିଶୃଙ୍ଖଳା ଦେଖା ଦେଇଛି । ଫଳରେ ସନ୍ଧ୍ୟାରେ ୨ୟ ଦିନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ତୀବ୍ର ବିରୋଧ ଯୋଗୁଁ ମଞ୍ଚ ଅନ୍ଧାର ହୋଇ ରହିଛି । ସୂଚନାଯୋଗ୍ୟ, ରବିବାର ମହୋତ୍ସବ ଆରମ୍ଭ ହୋଇଥିଲା। ସୋମବାର ମହୋତ୍ସବର ଦ୍ୱିତୀୟ ଦିନ ଥିଲା । ସନ୍ଧ୍ୟାରେ ଆରମ୍ଭରୁ କେତେକ ଯୁବକ ମଞ୍ଚକୁ ଚଢ଼ି କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିଥିଲେ। ଷ୍ଟଲ ଯୋଗାଇବାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଯୁବକମାନେ ନାରାବାଜି କରିଥିଲେ । ଘଟଣାସ୍ଥଳରେ ପୁଲିସ ଓ ପ୍ରଶାସନର ଅଧିକାରୀ ଉପସ୍ଥିତ ରହି ବୁଝା ସୁଝା କରିଥିଲେ ମଧ ଯୁବକ ମାନେ ନିଜ ଜିଦ୍‌ରେ ଅଡି ବସିଛନ୍ତି। ରାତି ୯ଟା ସୁଦ୍ଧା ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ମହୋତ୍ସବ-"ଭଦ୍ରାୟଣୀ-୨୦୨୬ ର ୨ୟ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ସୁଭଦ୍ରା ଶକ୍ତିମେଳାର ଆମ ସ୍ୱଦେଶୀ ପାରମ୍ପରିକ ଓ ପାଶ୍ଚାତ୍ୟ ପୋଷାକ ସମ୍ମିଳେନର ଏକ ଫ୍ୟାସନ ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଥିଲା । ସେହିଭଳି ଗାୟକ କୁମାର ବାପିଙ୍କ ମେଲୋଡି ପ୍ରଦର୍ଶନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ସୂଚନାଯୋଗ୍ୟ, ଜିଲ୍ଲା ମହୋତ୍ସବ ଭଦ୍ରାୟଣୀରେ ଓଡିଶା ତଥା ଅନ୍ୟ ରାଜ୍ୟରୁ ୪୧୮ ଟି ଷ୍ଟଲ ପଡ଼ିଥିଲା। ଯୁବକମାନେ ଷ୍ଟେଜ ଉପରକୁ ଚଢ଼ି ମହୋତ୍ସବକୁ ଆରମ୍ଭରୁ ବନ୍ଦ କରିବା ସହ ଷ୍ଟଲ ଯୋଗାଇବାରେ ବ୍ୟାପକ ହେରଫେର ନେଇ ନାରାବାଜି କରିଥିଲେ। ଫଳରେ କୌଣସି କାର୍ଯ୍ୟକ୍ରମ ହୋଇ ନ ଥିଲା। ଅନ୍ୟପଟେ ଘଟଣାସ୍ଥଳରେ ଜିଲ୍ଲା ପୁଲିସ ଓ ଜିଲ୍ଲା ପ୍ରଶାସନ ଉପସ୍ଥିତ ରହି ବୁଝାସୁଝା କରିଥିଲେ ମଧ ଯୁବକମାନେ ନିଜ ଜିଦରେ ଅଡିବସିଥିଲେ। ଶେଷରେ କୌଣସି କାର୍ଯ୍ୟକ୍ରମ ହୋଇନଥିଲା। ଉତ୍ସବ ବନ୍ଦ ରହିବା ପଛରେ ଅନ୍ୟ ଏକ ରାଜନୈତିକ କାରଣ ରହିଛି ବୋଲି ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି। ଷ୍ଟଲ ବଣ୍ଟନ ନା ରାଜନୈତିକ ବିବାଦ ପାଇଁ କାର୍ଯ୍ୟକ୍ରମ ବନ୍ଦ ରହିଛି । ତାହାକୁ ନେଇ ଚର୍ଚ୍ଚା ହେଉଛି। ଆଜି ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବାବେଳେ ପ୍ରଶାସନ ସହ ଆଲୋଚନା ଜାରି ରହିଛି। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ଯୋଗୁଁ ଲୋକେ ହତାଶ ହୋଇ ଘରକୁ ଫେରିଥିବା ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ଖୋଦ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ଜିଲ୍ଲାର ଜିଲ୍ଲା ମହୋତ୍ସବର ୨ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଭଣ୍ଡୁର ହେବା ଘଟଣା ବୁଦ୍ଧିଜୀବୀ ମହଲକୁ ଚକିତ କରିଛି ।

## ମକର ମେଳାରେ ପଞ୍ଚରାବଣ ପୋଡ଼ି

ବାରିକପୁର,୧୯ ।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନ ତେସିଙ୍ଗା ପଞ୍ଚାୟତ ବିଶୋଳାଠାରେ ଅଧିଷ୍ଠାତ୍ରୀ ଦେବୀ ମା ବାସୁଳାଇଙ୍କ ମକର ଉତ୍ସବ ପାଳିତ ହୋଇଯାଇଛି। ୩ ଦିନ ଧରି ମେଳା ଅନୁଷ୍ଠିତ ହୋଇଥିବା ବେଳେ ଅପେରା ପ୍ରଦର୍ଶନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ପନ୍ଦର କୋଡ଼ିଏ ଖଣ୍ଡ ଗାଁର ହଜାର ହଜାର ଜନସାଧାରଣ ଏଥିରେ ଯୋଗ ଦେଇ ମା ବାସୁଳେଇ ଙ୍କୁ ପୂଜାର୍ଚ୍ଚନା କରିବା ସହିତ ମେଳାକୁ ଉପଭୋଗ କରିଥିଲେ। ପରମ୍ପରା ଅନୁଯାୟୀ ଉଦଯାପନୀ ଦିବସରେ ମୁଖ୍ୟ ଆକର୍ଷଣ ପଞ୍ଚରାବଣ ପୋଡ଼ି ଓ ରଙ୍ଗବେରଙ୍ଗ ଆତସବାଜି ପ୍ରଦର୍ଶନ କାର୍ଯ୍ୟକ୍ରମ ଦେଖିବାକୁ ଶହଶହ ଲୋକ ରୁଣ୍ଡ ହୋଇଥିଲେ। ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିବା ବେଳେ ଆୟୋଜିତ ଉତ୍ସବକୁ ଗ୍ରାମବାସୀ ଓ ବାସୁଳେଇ ମକର ମେଳା ପୂଜା କମିଟି ପକ୍ଷରୁ ସଦସ୍ୟ ମାନେ ପରିଚାଳନା କରିଥିଲେ।



## ୧୦ ହଜାର ଟଙ୍କା ଭିତରେ ଫେରିପାଇ ପାରନ୍ତି ଚିଟ୍ ଫଣ୍ଡ ଜମାକାରୀ

ଦୋଳସାହି,୧୯ ।୧(ସମିସ): ସାରା ରାଜ୍ୟର ପ୍ରମୁଖ ସମସ୍ୟା ଚିଟ୍ ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ପାଇଁ ସରକାର ଦୀର୍ଘବର୍ଷ ଧରି ପ୍ରତିଶ୍ରୁତି ଦେଉଥିବା ବେଳେ ପ୍ରତିଶ୍ରୁତି ପାଳନ କରୁନଥିବା ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ତିହିଡ଼ି ତହସିଲ ଅଧୀନ ଦୋଳସାହି ରାଜସ୍ୱ ବିଭାଗ କାନ୍ଥ ରେ ୫୯୮ ଜଣ ଚିଟ୍ ଫଣ୍ଡ ଜମାକାରି ଟଙ୍କା ଫେରସ୍ତ କରିବା ପାଇଁ ଜମାକାରୀଙ୍କ ନାମ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି। ଏହି ୫୯୮ ଜଣ ଚିଟ୍ ଫଣ୍ଡ ଜମାକାରୀ ୧୦ହଜାର ଟଙ୍କା ଜମା କରିଥିବା ଜଣାଇଯାଇଥିଲା ବେଳେ ସରକାର ସେହି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରୁଥିବା ଜଣାଯାଇଛି। ସେହିପରି ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିଥିବା ଜମାକାରୀଙ୍କୁ ଟଙ୍କା ଫେରସ୍ତ ସରକାର କରୁନଥିବା ନେଇ ଜମାକାରୀଙ୍କ ମଧ୍ୟ ରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜମାକାରୀମାନେ ୧୦ହଜାର ଟଙ୍କା ଭିତରେ ଜମା କରିଥିବା ଟଙ୍କାର ସମସ୍ତ କାଜପତ୍ର ଦାଖଲ କରିବା ପରେ ଟଙ୍କା ଫେରସ୍ତ ପାଇ ପାରିବେ ବୋଲି ଜଣାଯାଇଛି ।

## ବାଲି ଚୋରି ରୋକିବାରେ ପ୍ରଶାସନ ବିଫଳ

ବାରିକପୁର,୧୯ ।୧(ସମିସ): ଭଣ୍ଡାରିପୋଖରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହେଉଥିବା ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବରୁ ବୈତରଣୀ କୂଳବର୍ତ୍ତୀ ସ୍ଥାନରେ ଗର୍ତ୍ତ ସୃଷ୍ଟି କରା ଯାଇଥିଲା। ନଦୀ ପଠାରେ ଯେଉଁ ନାଳ କରା ଯାଇଥିଲା ମାଫିଆ ମାନେ ଦୀର୍ଘ ଦିନ ହେବ ସେଗୁଡିକୁ ପୋତି ଦେଇଛନ୍ତି। ଏବେ ପୂର୍ବ ଭଳି ନଦୀରୁ ବାଲି ପରିବହନ ଜାରି ରହିଛି। ସୂଚନା ମୁତାବକ ବର୍ଷକ ୧୨ମାସ ବୈତରଣୀ ନଦୀରୁ ଅହରହ ବାଲି ଚୋରି ହୋଇଥାଏ। ନଦୀର ବନ୍ଧାଳମଢିଆଳୀ ଠାରୁ ଆରମ୍ଭ କରି ଝୁଟଣା, ବଳୀପୁର, ଜଗନ୍ନାଥ ପ୍ରସାଦ, ବାଲି ପୋଖରୀ ଏସକେପ, ବିନ୍ଧାଣ, ଦାଣ୍ଡ କୂଳ , ମଣୀନାଥପୁର, ମୁଢାପଦା ଯାଏଁ ସବୁଠି ଦୈନିକ ଶହଶହ ଟ୍ରିପ ବାଲି ଚାଲାଣ ହେଉଛି। ପୂର୍ବରୁ ଥାନା ଓ ତହସିଲ ଏହାକୁ ରୋକିବା ପାଇଁ ଶତ ଚେଷ୍ଟା କରିଥିଲେ ମଧ ତାହା ସଫଳ ହୋଇନଥିଲା। ସଂପ୍ରତି କିଛି ମାସ ପୂର୍ବରୁ ଜିଲ୍ଲା ଖଣି ନଗମ ବେଆଇନ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଟାଂ ଭିଡିଥିଲା। ନୂଆ ଯୋଜନା ଅନୁଯାୟୀ ନଦୀ କୂଳିଆ ଗାଁରେ ଜନସଚେତନତା ସଭା ଓ ଗାଡି ଯିବା ରାସ୍ତାରେ ନାଳ ଖୋଳା ଯାଇଥିଲା। ଏହି ପରିପ୍ରେକ୍ଷୀରେ ସର୍ବ ପ୍ରଥମେ ବାଲିପୋଖରୀ ଏସକେପ ଠାରେ ବେଆଇନ ବାଲି ଚାଲଣ ହେଉଥିବା ପଥରେ ଗର୍ତ ଖନନ ହୋଇଥିବା ବେଳେ ପରେ ପରେ ମଣୀନାଥପୁର, ବିରୋଳି, ମୁଢାପଦା, ଝୁଟଣା , ବଳୀପୁର, ଷଠ ଗାଁ ପ୍ରମୁଖ ସ୍ଥାନରେ ବାଲି ଚୋରି ରୋକିବା ସକାଶେ ନଦୀ ପଠାକୁ ଲାଗି ନାଳୀ ତିଆରି ହୋଇଥିଲା। ବେଆଇନ ବାଲି ଚୋରିକୁ ରୋକିବା ପାଇଁ ଖଣି ନଗମ ପକ୍ଷରୁ ଅଭିନବ ଉପାୟ ଅବଲମ୍ବନ କରା ଯାଇଥିବା ବେଳେ ଏବେ ତାହା ସମ୍ପୂର୍ଣ୍ଣ ଫେଲ ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ଟ୍ରକ ଓ ଟ୍ରାକ୍ଟର ଯୋଗେ ଏହି ସବୁ ସ୍ଥାନରୁ ବାଲି ଉତୋଳନ ହୋଇ ଚାଲାଣ ହେଉଛି। ଏପରିକି କିଛି ସ୍ଥାନରେ ଟ୍ରିପ ଟ୍ରିପ ବାଲି ଗଛିତ ରଖା ଯାଇ ସୁବିଧା ସୁଯୋଗ ଦେଖି ବିକ୍ରି କରାଯାଉଛି ବୋଲି ଜଣାପଡିଛି। ମୋଟାମୋଟି କହିବାକୁ ଗଲେ ବର୍ଷ ବର୍ଷ ଧରି ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଭାରତୀୟ ପୋଷ୍ଟାଲ କର୍ମଚାରୀ ଫେଡେରେସନର କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ,୧୯ ।୧(ସମିସ): ଭାରତୀୟ ମଜଦୂର ସଂଘ(ବି.ଏମ.ଏସ) ସହବନ୍ଧିତ ପୋଷ୍ଟାଲ କର୍ମଚାରୀ ଫେଡେରେସନର ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ରବିବାର ପୂର୍ବାହ୍ନ ୧୧ଟାରେ ଚାନ୍ଦବାଲି ପୋଷ୍ଟ ଅଫିସ ପରିସରରେ ଅନୁଷ୍ଠିତ ହୋଇଛି। ସଂଘ ନେତା ରବିନାରାୟଣ ମହାକୁଡଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଣ୍ୟ ଅତିଥି ଭାବେ ଓଡ଼ିଶା ପ୍ରଭାରୀ ରାଜକିଶୋର ମହାପାତ୍ର, ସର୍କଲ ସମ୍ପାଦକ ସତ୍ୟବ୍ରତ ଜେନା,ସଂଗଠନ ସମ୍ପାଦକ ବ୍ରଜକିଶୋର ପ୍ରଧାନ,ବିଶିଷ୍ଟ ଅତିଥି ଆଡ଼ଭୋକେଟ ଉପେନ୍ଦ୍ର କୁମାର ରାଉଳ, ସମ୍ମାନିତ ଅତିଥି ଶିକ୍ଷକ ନେତା ଅମୂଲ୍ୟ କୁମାର ରାଉତ, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗ ଦେଇ ପୋଷ୍ଟାଲ କର୍ମଚାରୀମାନଙ୍କର ସାମାଜିକ ସୁରକ୍ଷା, ସମାନ କାମକୁ ସମାନ ଦରମା, ୮ମ ବେତନ କମିଶନ ଲାଗୁ କରିବା ପାଇଁ ସୁପାରିଶ କରିବାକୁ ସରକାରଙ୍କ ଠାରେ ଦାବୀ ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ପୋଷ୍ଟାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ ସମ୍ପାଦକ ଶୋଭନ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଦସ୍ୟ ଦେବାଶିଷ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଦିବସ ବ୍ୟାପି ଏହି କାର୍ଯ୍ୟକ୍ରମକୁ ବିଭୁଦତ ଦଳାଇ,ଗୋବିନ୍ଦ ମିଶ୍ର,ଅମରେନ୍ଦ୍ର ଦଳାଇ, କୈଳାଶ ଦାଶ, ନିବେଦିତା ବାରିକ ପ୍ରମୁଖ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ଶଙ୍କର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଆଗରପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ

## ଜିଲ୍ଲାସ୍ତରୀୟ ବାର୍ଷିକ ପାଠଚକ୍ର ଉଦ୍‌ଘାଟିତ




ବନ୍ତ/ଆଗରପଡ଼ା,୧୯ ।୧(ସମିସ): ସୋମବାର ଆଗରପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରେ ଦ୍ୱି-ଦିବସୀୟ ଜିଲ୍ଲାସ୍ତରୀୟ ବାର୍ଷିକ ପାଠଚକ୍ର ଉଦ୍‌ଘାଟିତ ହୋଇଛି। ଉକ୍ତ ପାଠଚକ୍ରରେ ସ୍ଥାନୀୟ ଆଗରପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ. ରଞ୍ଜନ ରାଉତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ସଚ୍ଚିଦାନନ୍ଦ ମିଶ୍ର ସମ୍ମାନିତ ବକ୍ତା, ନୂଆଦିଲ୍ଲୀର କୁନାଲ ପବ୍ଲିକେସନର ମୁଖ୍ୟ ପୁରୋଧା ପ୍ରେମସିଂ ବିଷ୍ଟ, ଭଦ୍ରକ ବ୍ଲକ ବରିଷ୍ଠ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ବନ୍ତବ୍ଲକ ଶିକ୍ଷାଧିକାରିଣୀ ଡ. ସୁକୀର୍ତ୍ତି କର, ବିଆରସିସି ହରେକୃଷ୍ଣ ଆପଟ, ବାସୁଦେବପୁର ବ୍ଲକ ସହ-ଶିକ୍ଷାଧିକାରିଣୀ ଉର୍ମିଳା କର, ଚାନ୍ଦବାଲି ବ୍ଲକ ସହ-ଶିକ୍ଷାଧିକାରିଣୀ ଅନୀତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଠଚକ୍ରର ମୁଖ୍ୟ ବିଷୟବସ୍ତୁ "ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ରୂପାନ୍ତରିତ କରିବା ପାଇଁ ଅଭିନବ ଶିକ୍ଷଣ ପଦ୍ଧତି"ଉପରେ ନିଜନିଜର ମନ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ସଂଯୋଜକ ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ଓ ସହ ସଂଯୋଜକ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ନାୟକ ବେଦପାଠ କରିଥିଲେ। ଅନୁଷ୍ଠାନ ଗୁରୁଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ ତଥା ଭଦ୍ରକ ବ୍ଲକର ଥୋରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ଉତ୍କଳୀୟ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ ପ୍ରଶିକ୍ଷିକା ଭବାନୀ ଶଙ୍କର ଦାସ, ବିଜୟିନୀ ମହାପାତ୍ର, ରେଖା ମିଶ୍ର, ବିଜୟିନୀ ସ୍ୱାଇଁ, ତ୍ରିଲୋଚନ ମହାଳିକ, କିରଣ କୁମାର ପ୍ରଧାନ, ମଧୁସ୍ମିତା ତ୍ରିପାଠୀ, ପଦ୍ମିନୀ ବେହେରା, ତୃପ୍ତିମୟୀ ମିଶ୍ର ଏବଂ ରାଜୀବ କୁମାର ରାୟଗୁରୁ, ନାରାୟଣ ପ୍ରସାଦ ନାୟକ, ପ୍ରତାପ ପଣ୍ଡା, ଗଣେଶ ପ୍ରସାଦ ପାଣି, ମାନସ ସାହୁ ତଥା ସମସ୍ତ ଗୁରୁଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗବେଷଣାମୂଳକ ୩ ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଡ. ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ଦିନରେ ପିଚୁ ଉଠିଗଲା; ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ

ଅସୁରାଳି,୧୯ ।୧(ସମିସ): ଭଦ୍ରକ-ଆରଡି ୩୫ ନଂ ରାଜ୍ୟ ରାଜପଥରେ ମଠଡ଼ିହ ଠାରୁ କୁଳସାହି ପର୍ଯ୍ୟନ୍ତ ପ୍ରାୟ ୬ କି.ମି. ରାସ୍ତା ଦୁର୍ଘଟଣା ଜୋନରେ ପରିଣତ ହୋଇଛି। ଦୀର୍ଘଦିନ ଧରି ରାସ୍ତାରେ ଗୋଡ଼ି ପଡ଼ିଥିବାରୁ ବାଇକ ଚାଳକମାନେ ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉ ଥିଲେ। ଏହାର ପ୍ରତିକାର ସ୍ୱରୂପ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ଚାରିଦିନ ତଳେ ଏହି ରାସ୍ତାରେ ପିଚୁ କାମ କରାଯାଇଥିଲା । କିନ୍ତୁ ମାତ୍ର କିଛି ଦିନରେ ପିଚୁ ଉଠିଗଲାଣି । ପିଚୁ କାମରେ ଗୁଣବତାର ଅଭାବ ନେଇ ଲୋକମାନେ ଭାରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପୂର୍ତ୍ତ ବିଭାଗର ଅଧିକାରୀମାନେ ରାସ୍ତାର ଏହି ଦୁରବସ୍ଥାକୁ ଦେଖିଥିଲେ ବି ନିରବଦ୍ରଷ୍ଟା ସାଜିଛି। ଯଦି ତୁରନ୍ତ ଗୁଣବତ୍ତାପୂର୍ଣ୍ଣ ମରାମତି କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଲୋକେ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଲେ ତୁରନ୍ତ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ଖୋଲିଲା ମାଳଦା ସମିତି ମଣ୍ଡି



ଭଣ୍ଡାରିପୋଖରୀ,୧୯।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନ ମାଳଦା ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡି ସୋମବାର କାର୍ଯ୍ୟକ୍ଷମ ହୋଇଛି। ସଭାପତି ମୁକୁନ୍ଦ ଚରଣ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ରମେଶଚନ୍ଦ୍ର ଭାରତୀ, ଜୟନ୍ତ କୁମାର ସାହୁ, ମାଳଦା ସରପଞ୍ଚ ମିନତୀ ପରିଡା, ନପଙ୍ଗ ସରପଞ୍ଚ ସୁବାସିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଣ୍ଟା ପୂଜା କରିଥିଲେ। ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ ସଙ୍କଳ୍ପ କରିଥିଲେ। କ୍ରୟ ଅଧିକାରୀ କିଶୋର ଦାସ, କର୍ମଚାରୀ ଶୁଭ୍ରଜିତ ରାଉତ, ଧନେଶ୍ୱର ବେହେରା ପ୍ରମୁଖ କଣ୍ଟା ପୂଜା ପରିଚାଳନା କରିଥିଲେ।

## ଅପରେସନ 'ବାଲୁବଜ୍ର'; ୨୫ ବାଲି ବୋଝେଇ ହାଇୱା ଜବତ୍

ବନ୍ତ/ଆଗରପଡ଼ା,୧୯ ।୧(ସମିସ): ବନ୍ତ ପୁଲିସ୍ ଓ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅପରେସନ ବାଲୁବଜ୍ରରେ ୨୫ଟି ବାଲି ବୋଝେଇ ହାଇୱା ଜବତ୍ ହେବା ସହ ୫ ଜଣ ଚାଳକ ଅଟକ ଥିବାର ଜଣା ପଡ଼ିଛି। ଭଦ୍ରକ ଓ ବନ୍ତ ପୁଲିସ୍ ଓ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଆପଣ୍ଡା ଛକ ଠାରୁ ବନ୍ତ ବଜାର ପର୍ଯ୍ୟନ୍ତ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ନିକଟସ୍ଥ କେନ୍ଦୁଝର ହାଟଡିହି ତହସିଲ ଅଞ୍ଚଳର ହାବଳେଶ୍ୱର, ଆଇତପୁର, ଅମୃତପୁର ସମେତ ବିଭିନ୍ନ ବେଆଇନ ବାଲିଘାଟରୁ




ହାଇୱା ଗୁଡ଼ିକ ବେଧଡ଼କ ଭାବେ ଭଦ୍ରକ-ଆନନ୍ଦପୁର ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ପରିବହନ କରୁଥିବାବେଳେ ଚଢ଼ଉ କରି ଏହି ୨୫ଟି ହାଇୱା ଜବତ୍ କରାଯାଇଛି। ଏହା ସହ ପୁଲିସର ଏହି କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟାକୁ ଦେଖି କେତେକ ଚାଳକ ରାଜପଥର ଉଭୟ ପାର୍ଶ୍ୱରେ ଓ ମଝିରେ ବାଲି ଢ଼ାଳି ଖସି ଯାଉଥିବା ବେଳେ ସେହି ଗାଡ଼ି ଗୁଡ଼ିକୁ ମଧ ପୁଲିସ୍ ନିଜ ହେପାଜତକୁ ନେବା ସହ ୫ଜଣ ଚାଳକଙ୍କୁ ଅଟକ ରଖି ମାମଲା ରୁଜୁ କରିଥିବା ଜଣାପଡ଼ିଛି। ତେବେ ବେଆଇନ ବାଲି ଚାଲାଣରେ ସମ୍ପୃକ୍ତ ହାଇୱା ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୁଲିସ୍ ପକ୍ଷରୁ ସୂଚନା ରହିଛି।

# ନଦୀ ସଂସ୍କାର ହେଲେ ବଦଳିବ ଚାଷୀଙ୍କ ଭାଗ୍ୟ

ଦୋବଲ,୧୯ ।୧(ସମିସ) :

ଧାମନଗର ବ୍ଲକ୍ ଦେଇ ପ୍ରବାହିତ ଅନେକ ନଦୀ ଓ ନାଳ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛନ୍ତି। ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ, କପାଳି, ନାଳୀଆ, ଯ ଏବଂ କଣ୍ଡିଆ ଭଳି ନଦୀ ଗୁଡ଼ିକ ଏହି ଅଂଚଳରେ ଜୀବନରେଖା ହୋଇଥିବା ବେଳେ, ଏବେ ସେଗୁଡ଼ିକର ଅବସ୍ଥା ଶୋଚନୀୟ। ଯଦି ସରକାରୀସ୍ତରରେ ଏହି ନଦୀଗୁଡ଼ିକର ବ୍ୟାପକ ସଂସ୍କାର ଓ ସୌନ୍ଦର୍ଯ୍ୟ କରଣ କରାଯାଏ, ତେବେ ଏହା କେବଳ ପରିବେଶକୁ ସୁଧାରିବ ନାହିଁ, ବରଂ ହଜାର ହଜାର ଚାଷୀଙ୍କ ଜୀବନ ଜୀବିକାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ବର୍ଷା ଦିନେ ବନ୍ୟା, ଖରା ଦିନେ ଶୁଖିଲା ହୁଏ ନଦୀ, ଧାମନଗର ବ୍ଲକ୍‌ର ଅଧିକାଂଶ ନଦୀରେ କେବଳ ବର୍ଷା ଋତୁରେ ପାଣି ରହୁଥିବା ବେଳେ ବର୍ଷର ବାକି ସମୟ ଏଗୁଡ଼ିକ ଶୁଖିଲା ପଡ଼ିଥାଏ। ଅନ୍ୟପଟେ, ନଦୀ ଶଯ୍ୟାରେ ଅନାବନା ଘାସ ଓ ଗୁଡ଼ଝାଞ୍ଜୀ ଦଳ ଭର୍ତ୍ତି ହୋଇ ରହିଥିବାରୁ ପାଣି ବ୍ୟବହାର ଅଯୋଗ୍ୟ ହୋଇ ପଡୁଛି। ପୂର୍ବରୁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଖନନ କାର୍ଯ୍ୟ କରିଥିଲେ ମଧ ନିମ୍ନମାନର କାମ ଯୋଗୁଁ ନଦୀ ଗୁଡ଼ିକ ପୁଣି ପୋତି ହୋଇଯାଇଛି।ସଂସ୍କାର ଯୋଜନାର ଆବଶ୍ୟକତା ନଦୀଗୁଡ଼ିକର ପୁନରୁଦ୍ଧାର ଆବଶ୍ୟକ ରହିଛି। ପୋତି ହୋଇଯାଇଥିବା ନଦୀ ଶଯ୍ୟାକୁ ଗଭୀର କରି ଖୋଳାଯିବା ଦରକାର, ଯଦ୍ୱାରା ଅଧିକ ପାଣି ସଞ୍ଚୟ ହୋଇ ରହିପାରିବ। ଗୁଡଝାଞ୍ଜୀ ଓ ଅନ୍ୟାନ୍ୟ ଦଳ ଅନାବନା ଗଛକୁ ସମ୍ପୂର୍ଣ୍ଣ ସଫା କରିବା ଆବଶ୍ୟକ ରହିଛି। ବିଭିନ୍ନ ସ୍ଥାନରେ ଚେକ ଡ୍ୟାମ ବା ଆନିକଟ ନିର୍ମାଣ କରାଗଲେ ବର୍ଷ ସାରା ଜଳଧାରଣ ସମ୍ଭବ ହେବ।ଯଦି ଏହି ନଦୀଗୁଡ଼ିକରେ ବର୍ଷ ସାରା ପାଣି ରହେ, ତେବେ ଧାମନଗରର ଚାଷୀମାନେ ରବି ଚାଷ ଓ ପନିପରିବା ଚାଷ ପାଇଁ ଜଳସେଚନର ସୁବିଧା ପାଇପାରିବେ। ଏହା ବ୍ୟତୀତ ନଦୀ କୂଳର ସୌନ୍ଦର୍ଯ୍ୟକରଣ କରାଗଲେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ପ୍ରାତଃ ଭ୍ରମଣ ଓ ବିନୋଦନର ଏକ ଉତମ ସ୍ଥାନ ପାଲଟିବ । ଧାମନଗରର ଭୌଗୋଳିକ ସ୍ଥିତି ନଦୀମାତୃକ। ଏଠାରେ ଜଳ ସମ୍ପଦର ଅଭାବ ନାହିଁ, ବରଂ ପରିଚାଳନାର ଅଭାବ ରହିଛି। ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏକ ଦୀର୍ଘକାଳୀନ "ନଦୀ ସଂସ୍କାର ଯୋଜନା' କାର୍ଯ୍ୟକାରୀ କଲେ ଧାମନଗର ଅଂଚଳ ଶସ୍ୟଶ୍ୟାମଳା ହେବା ସହ ଏହାର ହୃତଗୌରବ ଫେରିପାଇବ। ତେବେ ଏ ଦିଗରେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଚି।



# ଚାଷୀଙ୍କ ସମସ୍ୟା ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,୧୯।୧(ସମିସ): ଯାଜପୁର ଜିଲ୍ଲାରେ ଚାଷୀଙ୍କ ନାନା ସମସ୍ୟା ଜାରି ରହିଛି। ଏହି ସମସ୍ୟାର ସମାଧାନ ଦାବି କରି ଆଜି ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀଙ୍କ ପକ୍ଷରୁ ସୋମବାର ଦିନ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧାନ ମଣ୍ଡି ଠିକ୍ ସମୟରେ ଖୋଲାଯିବା, ଝୋଟ ଅଖା ପରିବର୍ତ୍ତେ ପ୍ଲାଷ୍ଟିକ ଅଖା ବ୍ୟବହାର କରିବା ଓ କଟ୍‌ନୀ ଛଟ୍‌ନୀକୁ ବନ୍ଦ କରିବା ପାଇଁ ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସଠିକ୍ ସମୟରେ କୃଷି ସମବାୟ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଉଥିବା ମଣ୍ଡି ଖୋଲିବା ପାଇଁ ଦାବି କରାଯିବା ସହିତ  ମଣ୍ଡି ଖୋଲା ଯାଇନଥିବାରୁ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଅନ୍ୟ ପକ୍ଷରେ ଉପରୋକ୍ତ ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ଧାନ ମଣ୍ଡି ଖୋଲିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ଜେନା, ଗଙ୍ଗାଧର ନାୟକ, ଅକ୍ଷୟ କୁମାର ଦାସ, ଅଶୋକ କୁମାର ପାଣି, ପ୍ରତାପ ଦ୍ୱିବେଦୀ, ପ୍ରତାପ ନାୟକ, ମାଧବାନନ୍ଦ ପରିଡ଼ା, ବିଶ୍ୱନାଥ କର, ସଚ୍ଚିଦାନନ୍ଦ ସ୍ୱାଇଁ, କୁଳମଣି ମହାନ୍ତି, ଉମେଶ ଚନ୍ଦ୍ର ନାୟକ, ଦିନକୃଷ୍ଣ ରାଉତ, ବିଜୟ କୁମାର ପରିଡ଼ା, ଶ୍ରୀଧର ସାହୁ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱପ୍ନେଶ୍ୱର ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



**କୁଆଖିଆ,୧୯।୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ସ୍ଥିତ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରର ୪୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଘାସଫୁଲର ସଂପାଦକ ସୁବାସ ଚନ୍ଦ୍ର ସାହୁ, ସିଆର୍‌ସିସି ଚିନ୍ମୟ କୁମାର ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ବିଭୂତି ଭୂଷଣ ପଣ୍ଡା ଯୋଗଦେଇଥିଲେ। ଉକ୍ତ ସଭାରେ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ, ସ୍ୱପ୍ନେଶ୍ୱର ୟୁଜି ସ୍କୁଲର ପ୍ରଧାନଶିକ୍ଷକ ରବୀନ୍ଦ୍ର ପାତ୍ର ସ୍ୱାଗତ ଅଭିଭାଷଣ, ଶିକ୍ଷୟିତ୍ରୀ ରାଜଶ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନାରେ ଶିକ୍ଷୟତ୍ରୀ ବିନିପ୍ରୀୟା ଦେଉରୀ, ପ୍ରୀୟଙ୍କା ସେଠୀ, ସୌଦାମିନୀ ପଣ୍ଡା, ସଞ୍ଜୟ ସାହୁ, ରମେଶ ଚନ୍ଦ୍ର ମହାରଣା ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଶିକ୍ଷକ ପ୍ରଭାକର ରାଉତଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ବାଳିକା ବିଭାଗରେ ଶୁଭସ୍ମିତା ବିଶ୍ୱାଳ ଓ ବାଳକ ବିଭାଗରେ କୌଶିକ ସାହୁ ଚାମ୍ପିଅନ ହୋଇଥିଲେ। ଏହି ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଏକାଙ୍କିକା "ପ୍ରେତ' ପରିଶେଷରେ ପରିବେଷଣ କରାଯାଇଥିଲା।

# ସିଂହପୁର ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ




**ସିଂହପୁର,୧୯।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ସର୍ବେଶ୍ୱର ବାରିକ, ମୁଖ୍ୟବକ୍ତା ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ରାହୁଲ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ରତ୍ନମାଳା ସାମଲ, ନିଳୀମା ପ୍ରିୟଦର୍ଶିନୀ ସାମଲ, ଆର୍ଯ୍ୟଶ୍ରୀ ପାତ୍ର, ଗୀତାଞ୍ଜଳି ଜେନା, ସାଗରିକା ସାହୁ, ସୁଭଦ୍ରା ମୁର୍ମୁ, ଅମରେଶ ସାହୁ, ରଞ୍ଜିତ ମହମ୍ମଦ, ଅମିତ ସାହୁ, ତାପସ ବାରିକ, ବିରଜା ପ୍ରସାଦ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଷଷ୍ଠ ଦିବସରେ ବରୁଣେଶ୍ୱର ମେଳା

# ବଢୁଛି ଶ୍ରଦ୍ଧାଳୁଙ୍କ ଗହଳି, ଅପେରା ମୁହାଁ ଦର୍ଶକ

ବିଞ୍ଝାରପୁର, ୧୯।୧(ସମିସ)

ପ୍ରସିଦ୍ଧ ବରୁଣେଶ୍ୱର ମେଳାର ଆଜି ଥିଲା ଷଷ୍ଠ ଦିବସ। ପବିତ୍ର ମାଘମାସର ପ୍ରଥମ ସୋମବାର ହୋଇଥିବାରୁ ସକାଳୁ ସକାଳୁ ବାବା ବରୁଣେଶ୍ୱରଙ୍କ ଦର୍ଶନ ଓ ଆଶୀର୍ବାଦ ନେବା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ମେଳାର ଆନନ୍ଦ ଉଠାଉଥିବାର ଦୃଶ୍ୟ ଦେଖାଯାଇଥିଲା।



**■ ଅପେରା ମୁହାଁ ଦର୍ଶକ**

ଏଥର ମେଳା ପଡ଼ିଆରେ ରାଜ୍ୟର ପ୍ରତିଷ୍ଠିତ ଛଅଟି ଅପେରା ପାର୍ଟି ମଞ୍ଚସ୍ଥ ହୋଇଥିବା ବେଳେ ଅପେରା ପ୍ରେମୀମାନେ ନିଜ ମନପସନ୍ଦ କଳାକାରଙ୍କୁ ସାକ୍ଷାତ୍ ଦେଖିବା ସୁଯୋଗ ପାଇ ବେଶ୍ ଉତ୍ସାହିତ ଅଛନ୍ତି। ବରୁଣେଶ୍ୱର ମେଳା ପଡ଼ିଆର ବିଭିନ୍ନ ଅପେରା ପେଣ୍ଡାଲରେ ବାପି ପଣ୍ଡା, ରାଣୀ ପଣ୍ଡା, ଟିକି-କାହ୍ନା, ନୀର ସ୍ୱାଇଁ, ସାଇ, ଉତ୍ତମ, କେଞ୍ଝୁଆ, ସୋନାଲୀ ପଣ୍ଡା, ଗୁରିଆ ପ୍ରମୁଖ ସୁନାମଧନ୍ୟ କଳାକାରମାନେ ନିଜ ଅଭିନୟ କଳା ନିପୁଣତା ଦେଖାଉଛନ୍ତି। ପ୍ରବଳ ଶୀତକୁ ଖାତିର ନ କରି ପାଖପଡ଼ୋଶୀ ଜିଲ୍ଲାରୁ ମଧ ବହୁ ସଂଖ୍ୟକ ଦର୍ଶକ ମେଳାକୁ ଛୁଟି ଆସୁଥିବା ଦେଖାଯାଉଛି।

**■ ବାସି ଖାଦ୍ୟକୁ ନେଇ ଅସନ୍ତୋଷ**

ମେଳା ପଡ଼ିଆରେ ବାସି ଖାଦ୍ୟ ବିକ୍ରି ହେଉଥିବାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଶହଶହ ଫାଷ୍ଟଫୁଡ୍ ଷ୍ଟଲ, ଚାଟ୍ ଷ୍ଟଲ ଓ ହୋଟେଲ ଖୋଲିଥିବା ବେଳେ କିଛି ବ୍ୟବସାୟୀ ରାତିରେ ପ୍ରସ୍ତୁତ କରାଯାଇଥିବା ଖାଦ୍ୟକୁ ଦିନବେଳା ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ମେଳା ଆୟୋଜକମାନେ ଧ୍ୟାନ ନ ଦେଉଥିବାରୁ ଯାତ୍ରୀମାନେ ବାଧ ହୋଇ ବାସି ଖାଦ୍ୟ ଖାଇବାକୁ ପଡୁଛି। ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଉଠୁଛି।

**■ ଅଲୋଡ଼ା ହାତତିଆରି ବାଉଁଶ ସାମଗ୍ରୀ**

ଆଧୁନିକ ଯୁଗରେ ପ୍ଲାଷ୍ଟିକ ଓ ଫାଇବର ସାମଗ୍ରୀର ବଢୁଥିବା ବ୍ୟବହାର ଫଳରେ ହାତତିଆରି ବାଉଁଶ ସାମଗ୍ରୀ ଧୀରେଧୀରେ ଅଲୋଡା ହୋଇପଡୁଛି। ପୂର୍ବରୁ ମେଳାରୁ ଡାଲା, ଟୋକେଇ, କୁଲା, ନାଳିଆ ଆଦି ବାଉଁଶ ସାମଗ୍ରୀ କିଣିବାରେ ଲୋକମାନେ ଆଗ୍ରହୀ ଥିଲେ। କିନ୍ତୁ ବର୍ତ୍ତମାନ ସେହି ସ୍ଥାନକୁ ପ୍ଲାଷ୍ଟିକ ସାମଗ୍ରୀ ଦଖଲ କରିନେଇଥିବାରୁ ବାଉଁଶ ସାମଗ୍ରୀ ଷ୍ଟଲର ବ୍ୟବସାୟୀମାନେ ହାତ ବାନ୍ଧି ବସିଥିବା ଦେଖାଯାଉଛି।

# ଯୁଣଭଦ୍ରା ମହାବିଦ୍ୟାଳୟର କ୍ରୀଡ଼ା ଉଦ୍‌ଯାପିତ

**ପ୍ରୀତିପୁର,୧୯।୧(ସମିସ):** ବିଞ୍ଝାରପୁର ବ୍ଲକ ବିତନା ପଞ୍ଚାୟତ ଯୁଣଭଦ୍ରା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କାଙ୍କ ସଭାପତିତ୍ୱରେ ଏବଂ ଅଧ୍ୟାପକ ଜ୍ଞାନରଞ୍ଜନ ଧଳଙ୍କ ସଂଯୋଜନାରେ ଏକ ସଭାର ଆୟୋଜନ କରାଯାଇଥିଲା। କ୍ରୀଡ଼ା ସଂସଦର ଉପସଭାପତି ଡ. ବେଣୁଧର ଓରାମ ସଂସଦୀୟ ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ରଖିଥିଲେ। ସଂସଦର ଅନ୍ୟତମ ଉପସଭାପତି ଡ. ସୀମା ଦତ୍ତ, ଅଧ୍ୟାପକ ଦେବାଶିଷ ଖମାରି, ଡେମୋନଷ୍ଟ୍ରେଟର ଅଜୟ କୁମାର କାଣ୍ଡି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟାପକ ବିଜୟ କୁମାର ଜେନା, ଅଧ୍ୟାପକ ସୁଧାଂଶୁ ଶେଖର ବିଶ୍ୱାଳ, ଅଧ୍ୟାପିକା ସୃଜନା ଭୂୟାଁ, ଅଧ୍ୟାପକ ପର୍ଶୁରାମ ନାୟକ, ଅଧ୍ୟାପକ ଦୈତାରୀ ରାଉତ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ। ରୋଜାଲିନ ମଲ୍ଲିକ +୩ ବାଳିକା ବିଭାଗ, ଶ୍ରୀକାନ୍ତ ମଲ୍ଲିକ +୩ ବାଳକ ବିଭାଗ, ରିଙ୍କିଲତା ରାଉତ +୨ ବାଳିକା ବିଭାଗ ଓ ଶୁଭମ ସ୍ୱାଇଁ +୨ ବାଳକ ବିଭାଗ ର ଚମ୍ପିୟନ ହୋଇଥିଲେ। ଅଧ୍ୟାପକ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ କଣ୍ଟିଗଡ଼ିଆ ବଡ଼ପୋଖରୀ ପରିଦର୍ଶନ

**ଧର୍ମଶାଳା,୧୯।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମରେ ଥିବା ରାଜରାଜୁଡା ଅମଳର ବଡ଼ପୋଖରୀର ପୁନରୁଦ୍ଧାର ସହ ଉନ୍ନତି ମୂଳକ କାର୍ଯ୍ୟ ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ତରଫରୁ କରାଯାଉଛି। ଆଜି ପୂର୍ବାହ୍ନ ସମୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ପରିଦର୍ଶନରେ ଆସି ବୁଲି ଦେଖିବା ସହ ଏହାର କାର୍ଯ୍ୟ କିପରି ଆଗକୁ କରାଯିବା ସହ ତୁରନ୍ତ ଶେଷ କରାଯିବ ସେ ବିଷୟରେ ଅନୁଧ୍ୟାନ କରି ସମୀକ୍ଷା କରିଥିଲେ। ଏହି ବଡ଼ପୋଖରୀ କାର୍ଯ୍ୟ ଶେଷ ହେବା ପରେ ଯାଜପୁର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବ। ଯାଜପୁର ଜିଲ୍ଲାପାଳଙ୍କ ସହ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ମହାନ୍ତି, ଧର୍ମଶାଳା ବ୍ଲକ ସହକାରୀ



କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଜତ କୁମାର ମହାପାତ୍ର (ଏଇଇ), ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷା ସୁଚିସ୍ମିତା ଦାସ, ଉପାଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ଜାତୀୟ ରାଜପଥରୁ କଣ୍ଟିଗଡ଼ିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ଅଧା ମାଟି କାମରେ ଅଟକିଥିବା ବେଳେ ଏହାର ନିର୍ମାଣ କିପରି ତୁରନ୍ତ ଶେଷ ହେବ ସେ ବିଷୟରେ ଆଲୋଚନା କରିଥିଲେ। କଣ୍ଟିଗଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ରହି ପଞ୍ଚାୟତର ଉର୍ନ୍ନତି ମୂଳକ କାର୍ଯ୍ୟ ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଣ୍ଟିଗଡ଼ିଆ ପଞ୍ଚାୟତର ସରପଞ୍ଚଙ୍କ ସହ ସ୍ଥାନୀୟ ଜନପ୍ରତିନିଧି, ରାଜନେତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶୀତ ବସ୍ତ୍ର ବଣ୍ଟନ

ବାଲିଚନ୍ଦ୍ରପୁର,୧୯।୧(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମ ସ୍ଥିତ ଏମ୍‌ଏସ ଲକ୍ଷ୍ମୀ ଫୁଡ୍ସ ପକ୍ଷରୁ ଗରିବ ଅସହାୟ ଓ ଦିବ୍ୟାଙ୍ଗ ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ତାରିଣୀ ମନ୍ଦିର ପରିସରରେ ଆଶାର ଆଲୋକ ଅନୁଷ୍ଠାନର ସହଯୋଗରେ ପୂର୍ବତନ ତଥା ସରପଞ୍ଚ ବିଳାସ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଣିକ ସଙ୍ଘ ସଭାପତି ଅଜୟ କୁମାର ବିଶ୍ୱାଳ, ସାମ୍ବାଦିକ ଭକ୍ତ ଚରଣ ସାହୁ, ସାମ୍ବାଦିକ ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ସାମଲ ଓ  ପାଲାଗାୟକ ଅଜୟ କୁମାର ବଳ ପ୍ରମୁଖ ଯୋଗଦେଇ ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ମୀ ଫୁଡ୍ସ ପ୍ରୋପାଇଟର ଦାମୋଦର ସେନଙ୍କୁ ସାଧୁବାଦ ଜଣାଇଥିଲେ।

# ଶିଶୁମେଳା ସମିତିର ବାର୍ଷିକ ଉତ୍ସବ

**ଧର୍ମଶାଳା,୧୯।୧(ସମିସ):** ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ଉତ୍କଳମଣି ଶିଶୁମେଳା ସମିତିର ୩୨ତମ ଶିଶୁ ମହୋତ୍ସବ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ସମିତି ସଭାପତି ତଥା ସାମ୍ବାଦିକ ଅଭିମନ୍ୟୁ ଧଳଙ୍କ ପୌରୋହିତ୍ୟରେ ଆଜି ଅନୁଷ୍ଠିତ ସଭାରେ ସ୍କୁଲ ଚେୟାରମ୍ୟାନ ଅଭୟ କୁମାର ପଣ୍ଡା, ଶିକ୍ଷାବିତ ସୁଦାମ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂପାଦକ ହେମନ୍ତ କୁମାର ରାଉତ ସଂପାଦକୀୟ ବିବରଣୀ ପାଠ କରିବା ସହ ସୂଚନା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ମହାପାତ୍ର, ଅମିୟ କୁମାର ବେହୁରିଆ, ଉପସଭାପତି ଅଧ୍ୟାପକ ବିଜୟ କେତନ ସାମଲ, କାର୍ଯ୍ୟକାରୀ ସଂପାଦକ ସୁବ୍ରତ



କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଶିଶୁ ମେଳା ସଂପର୍କରେ ମତବ୍ୟକ୍ତ କରିଥିଲେ। ସମ୍ଭବ ପତ୍ରିକାର ସଂପାଦକ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ମୁଖ୍ୟବକ୍ତା, ସମାଜସେବୀ କାହ୍ନୁ ଚରଣ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ଜେନାସାମନ୍ତ, ପଙ୍କଜ କୁମାର ସାମଲ, ଦିଲୀପ କୁମାର ପଣ୍ଡା ସମେତ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିଶୁମେଳା କାର୍ଯ୍ୟକ୍ରମ ୯ଦିନ ଚାଲିବ ବୋଲି ସଭାପତି ସୂଚନା ଦେଇଛନ୍ତି। ଅଧ୍ୟାପକ ପ୍ରବୀର କୁମାର କର ଧନ୍ୟବାଦ ଦେଇଥିଲେ।

# କିଶୋରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର



**ବାଲିଚନ୍ଦ୍ରପୁର,୧୯।୧(ସମିସ):** ବଡ଼ଚଣା (ରୁରାଲ) ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଡଭିକା ଯୋଜନା ଅଧୀନରେ କିଶୋରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ଜୀବନ କୌଶଳ, ଆତ୍ମବିଶ୍ୱାସ, ବ୍ୟକ୍ତିଗତ ସୁରକ୍ଷା ଏବଂ କିଶୋର କଟି ବନ୍ଧର ସାମଗ୍ରିକ ସଶକ୍ତୀକରଣ ବୃଦ୍ଧି କରିବା ପାଇଁ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ସପ୍ତାହକୁ ଥରେ (ପ୍ରତି ଶନିବାର) ଦୁଇ ଘଣ୍ଟା ତିନି ମାସ ପାଇଁ ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ କିଶୋରମାନଙ୍କୁ ମୌଳିକ ବୃତ୍ତିଗତ ଦକ୍ଷତା, ବ୍ୟକ୍ତିଗତ ସୁରକ୍ଷା ସଂପର୍କରେ ସଚେତନତା ଏବଂ ବ୍ୟବହାରିକ ଆତ୍ମରକ୍ଷା କୌଶଳ ସହିତ ସଚେତନ କରିବା। ଏହି କାର୍ଯ୍ୟକ୍ରମକୁ ବଡ଼ଚଣା ରୁରାଲ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରିଣୀ ଚନ୍ଦନା ମିଶ୍ର ଉଦ୍‌ଘାଟନ କରିଥିଲେ। ରାଣୀ ଲକ୍ଷ୍ମୀବାଇ ବରିଷ୍ଠ ପ୍ରତିରକ୍ଷା ତାଲିମ କାର୍ଯ୍ୟକ୍ରମ କିଶୋରୀ ଝିଅମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସ୍ଥିରତା ଏବଂ ସଚେତନତା ସୃଷ୍ଟି କରିବାରେ ସଫଳ ପ୍ରମାଣିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣା, ସ୍କୁଲ ପରିଚାଳନା କମିଟି ସଭଅପତି ରାକେଶ କୁମାର ବାରିକ, ସୁପଭାଇଜର ନଳିନୀ ପ୍ରଭା ମିଶ୍ର, ପ୍ରମିଳା ସାହୁ, ପୁଷ୍ପଲତା ପରିଡା, ବ୍ଲକ ପୋଷଣ କୋ-ଅଡିନେଟର ପ୍ରଜ୍ଞା ସାହୁ, ଅଙ୍ଗନବାଡି କର୍ମୀ ରଞ୍ଜିତା ସାହୁ, ସ୍ମିତାରାଣୀ ଦାସ, ଗୀତାଞ୍ଜଳି ମଲ୍ଲିକ, ବନ୍ଦିତା ସିଂ, ମମତା ନାୟକ ପ୍ରମୁଖ ଯୋଗଦେଇଥିଲେ।

## କନିକାପଡ଼ା ପଞ୍ଚାୟତରେ ଆବାସ ଓ  ଭତ୍ତା ଟଙ୍କା ହଡ଼ପ୍ ଘଟଣା

# ବ୍ଲକ୍ ସମ୍ମୁଖରେ ଧାରଣା ପାଇଁ ଚେତାବନୀ

ମଙ୍ଗଳପୁର,୧୯।୧(ସମିସ)

ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତର ପିଇଓ  ରବିନାରାୟଣ ସାମଲ ପଞ୍ଚାୟତର ବୃଦ୍ଧବୃଦ୍ଧାଙ୍କର ଭତ୍ତା ଟଙ୍କା ହଡ଼ପ କରିଥିବା ନେଇ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ଲୋକମାନଙ୍କୁ ଘର ମିଳିଛି  ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଆଦୌ ଘର କରିନଥିବା ବେଳେ ପୁରୁଣା ଘରର ଫଟୋ ଉଠାଇ ପିଇଓ ରବିନାରାୟଣ ସାମଲ ମୋଟା ଅଙ୍କର ଅର୍ଥ ନେଇ  ସେମାନଙ୍କର ଫଲ୍ସ ବିଲ କରିଥିବା ନେଇ ପଞ୍ଚାୟତବାସି ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଏକ ମାସ ପୂରି ଯାଇଥିବା ବେଳେ ଅଭିଯୋଗ ଉପରେ ଜିଲ୍ଲାପାଳ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପିଇଓ ଶ୍ରୀ ସାମଲ ଯେଉଁମାନଙ୍କର ଭତ୍ତା ରାଶି ୧୦୦୦ ଟଙ୍କାରୁ ୩୫୦୦ଟଙ୍କାକୁ ବୃଦ୍ଧି  ପାଉଛି; ସେମାନଙ୍କୁ କିଛିମାସ ୧ ହଜାରେ ଟଙ୍କା ଦେଇ ଆଉ ୨୫ ସହ



ଟଙ୍କା ହଡ଼ପ କରୁଥିବା ନେଇ ଭତ୍ତା ହିତାଧିକାରୀ କେତକୀ ଯେନା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ କନିକାପଡ଼ା ଗ୍ରାମର ଭତ୍ତା ହିତାଧିକାରୀ କେତକୀ ଯେନାଙ୍କର ଅକ୍ଟୋବର ମାସରୁ ଭତ୍ତା ରାଶି ୧ ହଜାରେ ଟଙ୍କାରୁ ୩୫ ସହ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ  ପିଇଓ ଶ୍ରୀ ସାମଲ କେତକୀଙ୍କୁ ଅକ୍ଟୋବର ମାସରେ ୧ ହଜାରେ ଟଙ୍କା ଦେବା ସହ ନଭେମ୍ବର ଓ ଡିସେମ୍ବର ମାସରେ ୩୫ ସହ ଟଙ୍କା ଦେଇଛନ୍ତି। ମାତ୍ର ଆଜି କେତକୀ ଭତ୍ତା ପାଇଁ ପଞ୍ଚାୟତ ଅଫିସକୁ ଯାଇଥିବା ବେଳେ ଅକ୍ଟୋବର ମାସର ବାକିଆ ୨୫ ସହ ଟଙ୍କା ନ ଦେଇ ତୁମକୁ ଯାହା ଦିଆଯାଇଛି ଠିକ୍ ଦିଆଯାଇଛି ବୋଲି ପିଇଓ କହିଥିବା ନେଇ କେତକୀ ଅଭିଯୋଗ କରିଥିଲେ। ତାଙ୍କ ବର୍ଦ୍ଧିତ ଭତ୍ତା ନ ପାଇ ନିରାଶ ହେବାକୁ ପଡିଥିଲା। ଖାଲି କେତକୀ ନୁହେଁ ପଞ୍ଚାୟତରେ ଏମିତି ଅନେକ ଭତ୍ତା ହିତାଧିକାରୀଙ୍କ କ୍ଷେତ୍ରରେ ଏଭଳି କରାଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ପିଇଓ ଶ୍ରୀ ସାମଲ ପଞ୍ଚାୟତର ବିଭିନ୍ନ ଯୋଜନା ନାମରେ ଫଲ୍ସ ଭାଉଚର ମାଧ୍ୟମରେ ପଞ୍ଚାୟତର ଲକ୍ଷାଧିକ ଟଙ୍କା  ଆତ୍ମସାତ କରିଥିବା ନେଇ  ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରାଯାଇଥିବା ବେଳେ ଅଭିଯୋଗର ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ଥିଲେ ପିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ତେବେ ପିଇଓଙ୍କ ନାମରେ ହୋଇଥିବା ଭତ୍ତା ଦୁର୍ନୀତି ସହ ପ୍ରଧାନମନ୍ତ୍ରୀ ଆବାସରେ ବହୁ ମାତ୍ରାରେ କରିଥିବା  ଫଲ୍ସ ବିଲର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳ ଓ ଦଶରଥପୁର ବିଡିଓଙ୍କ ନିକଟରେ  ଦାବି ହୋଇଛି। ଖୁବ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆନଗଲେ  ଆଗାମୀ ଦିନରେ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଯୁବନେତା ଇଂ. ତିମିର କାନ୍ତ ସେନାପତି, ଅନୁପ ପୃଷ୍ଟି, ଭବାନୀ ଶଙ୍କର ଦାସ, ସୁରେଶ ଚନ୍ଦ୍ର ପୃଷ୍ଟି, ସଚ୍ଚିଦାନନ୍ଦ ଦାସ, ପ୍ରାକ୍ତନ ସରପଞ୍ଚ ଜୟଶ୍ରୀ ଦାସ, ନରେଶ ରାଉତ, ନିହାର ରଞ୍ଜନ ସାମଲ ପ୍ରମୁଖଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଚେତାବନି ଦେଇଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ବ୍ୟାସନଗର,୧୯।୧(ସମିସ):** ବ୍ୟାସନଗର ଉମାପଦାସ୍ଥିତ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସତ୍‌ସଙ୍ଗର ସମ୍ପାଦକ ଡା. ବିନାୟକ ମହାପାତ୍ର ଯୋଗ ଦେଇଥିଲେ। ସମ୍ପାଦକ ନିତ୍ୟାନନ୍ଦ ନାୟକ ଏବଂ କୋଷାଧକ୍ଷ କୀର୍ତ୍ତନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତରେ ଉତ୍ସବର ଉଦଘାଟନ ହୋଇଥିଲା। ଏହାପରେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ସହର ପରିକ୍ରମା ପରେ ଅପରାହ୍ନରେ ପଦ୍ମାଳୟା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଶାନ୍ତିଲତା ବାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ନିଗ୍ଧା ସ୍ୱାଇଁ ଯୋଗଦେଇଥିଲେ। ସନ୍ଧ୍ୟାରେ ବରିଷ୍ଠ ସହ-ପ୍ରତିଋତ୍ୱିକ ଡମ୍ବରୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାରନାଥ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ସହ-ପ୍ରତିଋତ୍ୱିକ ଶ୍ରୀଧରସୁନ୍ଦର ମିଶ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଜୟ କୁମାର ନାୟକ ପ୍ରାରମ୍ଭିକ ଆଲୋଚନା କରିଥିଲେ। ଦୀକ୍ଷାପତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଯୁବ ଗୁରୁଭ୍ରାତା ଅମରେଶ ସାହୁ, ସୁଜିତ୍ କୁମାର ସ୍ୱାଇଁ, ପାର୍ଥସାରଥୀ ରଥ ଏବଂ ଇଂ. ପ୍ରଭାକର ଦାଶ ଆଲୋଚନା କରିଥିଲେ। ଏଥିରେ ଅଲେଖ ପ୍ରସାଦ ମହାରଣା, ଗୋପାଳ ଚନ୍ଦ୍ର ମହାନ୍ତି, ଦୀନବନ୍ଧୁ ସାହୁ, ଦିବାକର ସ୍ୱାଇଁ, ଗଜେନ୍ଦ୍ର କୁମାର ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, ମାନସ ମଙ୍ଗଳମ ପଣ୍ଡା, ବିନୟ କୁମାର ରାଉତ, ବାବାଜୀ ଚରଣ ରଥ, ମାୟାଧର ବେହେରା, ଆନନ୍ଦ ଚନ୍ଦ୍ର ଦାଶ, ଉମାକାନ୍ତ ତାରିଣୀ, କୁଳମଣୀ ସାହୁ, ଶରତ ସାମଲ, ଶୁଭେନ୍ଦୁ ପଣ୍ଡା, ବେଣୁଧର ମାଝୀ, ବିଭୁତି ଭୁଷଣ ସାହୁ, ବିଷ୍ଣୁଚରଣ ପରିଡା,ଅଜୟ କୁମାର ରାଉତ, ଦୟାନିଧି ମାଝୀ, ଶ୍ୟାମସୁନ୍ଦର ଭୁତିଆ, ରାମଚନ୍ଦ୍ର ରଥ, ମନୋଜ କୁମାର ରାଉଳ, କମଳାକାନ୍ତ ସାହୁ, ଜଗବନ୍ଧୁ ଜେନା ଏବଂ  ସଞ୍ଜିତ୍ କୁମାର ଧଳ ପ୍ରମୁଖ ସହାୟତା କରିଥିଲେ।

# ସୁକିନ୍ଦା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁକିନ୍ଦା,୧୯।୧(ସମିସ):** ସୁକିନ୍ଦା ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ। ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ଅତିଥି ରୂପେ ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ସୁସ୍ଥ ସମାଜ ପାଇଁ ଚରିତ୍ରବାନ ମଣିଷର ଆବଶ୍ୟକତା ଥିବା ମତବ୍ୟକ୍ତ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀକାନ୍ତ ଦାଶ ଅତିଥି ପରିଚୟ, ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ ଓ ଓଡ଼ିଆ ବିଭାଗ ମୁଖ୍ୟ ହାଡିବନ୍ଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଓଲିଉଡ କଳାକାରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସକାଳ THE SAKALA



### ପଞ୍ଚାୟତିରାଜ ଓ ଜଳଯୋଗାଣ ମନ୍ତ୍ରୀଙ୍କ ପ୍ରକଳ୍ପ ପରିଦର୍ଶନ

# ମନ୍ଥର ହେଉଛି କାର୍ଯ୍ୟ; ଅଧିକାରୀଙ୍କୁ ତାଗିଦ୍

ଚମ୍ପୁଆ/ଯୋଡ଼ା, ୧୯।୧ (ସମିସ):



ରାଜ୍ୟ ପଞ୍ଚାୟତିରାଜ ଓ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଚମ୍ପୁଆ ଉପଖଣ୍ଡ ଗସ୍ତ କରିଛନ୍ତି। ଶ୍ରୀ ନାଏକ ବୃହତ କାନପୁର ଡ୍ୟାମର ଜଳଯୋଗାଣ ସ୍ଥିତି ସମୀକ୍ଷା କରିଛନ୍ତି। ଏପରିକି ଜଳଯୋଗାଣର ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଚଳିତ ବର୍ଷ ଜୁଲାଇ ସୁଦ୍ଧା ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ସମସ୍ତ ଗ୍ରାମକୁ ଜଳ ଯୋଗାଇଦେବା ପାଇଁ ସରକାର ବଦ୍ଧପରିକର ବୋଲି ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ନାଏକ ପ୍ରଥମେ ଝୁମ୍ପୁରା ବ୍ଲକର ରାକଳା, ପର୍ଶଳା ଏବଂ କାନପୁର ପ୍ରକଳ୍ପ ପରିଦର୍ଶନ କରିଥିଲେ। ସୂଚନା ଥାଉ କି, ପାନୀୟଜଳର ସୁପରିଚାଳନା ପାଇଁ କଦଗଡିଆର ମିରିଗିଶିଙ୍ଗାଠାରେ ଥିବା ପ୍ରକଳ୍ପରୁ ନିକଟସ୍ଥ ଅନେକ ଗ୍ରାମ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ଜିଲ୍ଲା ପରିଷଦ ସଦସ୍ୟ ଉଦୟ ନାଏକ ଓ ସରପଞ୍ଚ ମଞ୍ଜୁଲତା ନାଏକ ସୂଚନା ଦେଇଛନ୍ତି। ବିଗତ ସରକାର ସମୟରେ ୨୦୧୯ ରେ ଏହି ମେଗା ପ୍ରକଳ୍ପ ଆରମ୍ଭ ହୋଇଥିଲା। ଗ୍ରାମବାସୀ ପଲ୍ଲୀସଭା ମାଧ୍ୟମରେ ଜାଗାଜମି ଦେଇଥିଲେ ମଧ୍ୟ ଠିକାସଂସ୍ଥା ଓ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଆଜିପର୍ଯ୍ୟନ୍ତ ପୂରଣ ହୋଇ ନଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଧ୍ୟାନ ଦେବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। କାନପୁର ଡ୍ୟାମଠାରେ ମନ୍ତ୍ରୀ ନାଏକ ପ୍ରତିକ୍ରିୟାରେ କହିଥିଲେ ଯେ ଏହି ପ୍ରକଳ୍ପରୁ ଜିଲ୍ଲାର ୫ଟି ବ୍ଲକର ୫୮୯ ଗାଁକୁ ଜଳଯୋଗାଣ ବ୍ୟବସ୍ଥା ରହିଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ ନିକଟରେ ମଧ୍ୟ ଏହି ଅବ୍ୟବସ୍ଥା ଦେଖି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ସେ ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ନାଏକ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ ରାଇକଳା, ପର୍ଶଳା ଏବଂ ପରେ କାନପୁର ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। କୋଦଗାଡିଆ ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ନାଏକ, ୧୩ ନମ୍ବର ଜୋନ ଜିଲ୍ଲା ପରିଷଦ ଉଦୟ ନାଏକ ପ୍ରମୁଖ କହିଥିଲେ ଯେ ବିଗତ ସରକାରଙ୍କ ସମୟରେ ୨୦୧୯ରେ ଏହି ପାନୀୟଜଳ ମେଗା ପ୍ରକଳ୍ପ ଆରମ୍ଭ ହୋଇଥିଲା। ପଲ୍ଲୀସଭା ସମୟରେ ଠିକାସଂସ୍ଥା ଏବଂ ସରକାରୀ ବରିଷ୍ଠ ଅଧିକାରୀ ଜଳଯୋଗାଣ ନେଇ ନିର୍ଭର ପ୍ରତିଶୃତି ଦେଇଥିଲେ। ଏବେ ସରକାର ବଦଳି ପରେ ପ୍ରକଳ୍ପ କାର୍ଯ୍ୟ ମନ୍ଥର ହୋଇଥିବା ନେଇ ଅଭିଯୋଗ ହୋଇଛି। ରବି ଫସଲ ଓ ଖରିଫ ଫସଲ ପାଇଁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ।

## ଦଲକିରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ମାଣତ୍ରୀ,୧୯।୧(ସମିସ): ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଦଲକି ଗାଁରେ ୧୧ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡମ ସମ୍ପ୍ରଦାୟର ଖେଳାଳିଙ୍କ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ଯୋଗ ଦେଇଥିଲେ। ଅତିଥିଙ୍କୁ କମିଟି କର୍ମକର୍ତ୍ତା ବାଜା ବଜାଇ ସ୍ୱାଗତ କରିଥିଲେ। ପ୍ରଥମ ବିଜେତା କୁରାଡ଼ିକ ଫୁଟବଲ ଟିମ, ଦ୍ୱିତୀୟ ବ୍ରହ୍ମହମରା ଦଳକୁ ଅତିଥି ପୁରସ୍କୃତ କରିଥିଲେ। ଏହାକୁ ଅନୁସୂଚିତ ଜାତି କଲ୍ୟାଣ ସମିତି ଜିଲ୍ଲା ସାଧାରଣ ସମ୍ପାଦକ ହାଡିବନ୍ଧୁ କାଳନ୍ଦୀ, କମିଟି ସଭାପତି ଧିରେନ ମିର୍ଦ୍ଧା, ଉପସଭାପତି ଜିତେନ ମିର୍ଧା, ସମ୍ପାଦକ ଅନୀଲ କୁମାର ବେହେରା, ଜୟଦେବ ମିର୍ଧା, ଶିବ ମିର୍ଧା, ଦୁର୍ଯ୍ୟୋଧନ ମିର୍ଧା, ପିଣ୍ଟୁ ମିର୍ଧା, ଗୁରୁଭା ମିର୍ଧା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀ କାଳନ୍ଦୀ ଯୁବକଙ୍କୁ ଶିକ୍ଷିତ ହେବା ସହ ସଂଗଠିତ ହୋଇ ସଂଘର୍ଷ କରିବା, ନିଶାଠାରୁ ଦୂରେଇ ରହିବା ଓ ବାଲ୍ୟ ବିବାହ ବନ୍ଦ କରିବାକୁ ନିବେଦନ କରିଥିଲେ।

## ରାଣୀଭୋଳ ମଠରେ ବଡ଼ାମ ଯଜ୍ଞ

କୁଆମରା,୧୯।୧(ସମିସ): ଖୁଣ୍ଟା ବ୍ଲକ ଭୋଳାଗଡିଆ ପଞ୍ଚାୟତ ଶିମିଳିପାଳ ପାଦଦେଶରେ ଅବସ୍ଥିତ ରାଣୀଭୋଳ ମଠରେ ବାର୍ଷିକ ବଡାମ ମହାପ୍ରଭୁଙ୍କ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାନେତ୍ରୀ ଭାରତୀ ନାୟକଙ୍କ ତତ୍ତ୍ୱାବଧାନରେ ଦୁଇଦିନ ଧରି ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକୁ ଦେହୁରୀ ଖାଳେଶ୍ୱର ରାଉତ ଓ ସୁକାନ୍ତ ନାଏକ ପରିଚାଳନା କରିଥିଲେ। ଉକ୍ତ ଯଜ୍ଞରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରୁ ବହୁ ଭକ୍ତ ଯୋଗ ଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରତି ସନ୍ଧ୍ୟାରେ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସନ୍ତୋଷ ଖଣ୍ଡେଇ, ଜ୍ୟୋତିକାନ୍ତ ନାଏକ, ବିଜୟ ନାଏକ, ସୁଗ୍ରୀବ ନାଏକ, ଜନାର୍ଦ୍ଦନ ନାଏକ, ସୁମନ୍ତ ରାଉତ, ନନ୍ଦିନୀ ଦାସ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ପରିବାର 'ପୁଷପୁନି' ଭେଟ୍‌ଘାଟ



କେନ୍ଦୁଝର, ୧୯।୧(ସମିସ): କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାନଘାଗରା ନିକଟରେ ପଶ୍ଚିମ ଓଡ଼ିଶାର କେତେକ ପରିବାର ଦ୍ୱାରା 'ପୁଷପୁନି' ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ସହର ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୪୦ଟି ପରିବାରର ଶତାଧିକ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ। ବର୍ଷ ବର୍ଷ ଧରି କେନ୍ଦୁଝର ଜିଲ୍ଲାରେ ପିଲା ପରିବାର ସହ ନିଜ କର୍ମକ୍ଷେତ୍ରରେ ଥିବା ପଶ୍ଚିମ ଓଡିଶା ପରିବାରର ଲୋକମାନେ ଏକାଠି ହୋଇ ନିଜ ନିଜ ମଧ୍ୟରେ ଭାବ ବିନିମୟ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୁଷ, ମହିଳା ଏବଂ ପିଲାମାନେ ନାଚଗୀତ ମାଧ୍ୟମରେ "ପୁଷପୁନି" ଭେଟଘାଟର ମଜ୍ଜା ନେଇଥିଲେ। ଏହି ଏକତାକୁ ବଜାୟ ରଖିବା ପାଇଁ ଆଗାମୀ ଦିନରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ।

## ଆଶ୍ରମ ବିଦ୍ୟାଳୟକୁ ପ୍ରସାଧନ ସାମଗ୍ରୀ ଯୋଗାଣ ଦାୟିତ୍ୱ ଦେବାକୁ ଦାବି

ଠାକୁରମୁଣ୍ଡା,୧୯।୧(ସମିସ): ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ଠାକୁରମୁଣ୍ଡା ବ୍ଲକରେ ପରିଚାଳିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବ୍ୟବହାର ନିମନ୍ତେ ଯୋଗାଇ ଦିଆଯାଉଥିବା ପ୍ରସାଧନ ସାମଗ୍ରୀ ଯୋଗାଇବାକୁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଠାକୁରମୁଣ୍ଡା ପଞ୍ଚାୟତ ରୁଗୁଡିବେଡା ଗ୍ରାମର ସମୃଦ୍ଧ ମା' ତାରିଣୀ ସ୍ୱୟଂସହାୟିକା



ଗୋଷ୍ଠୀ ସଦସ୍ୟାଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଆଶ୍ରମ ବିଦ୍ୟାଳୟରେ ବ୍ୟବହୃତ ହେଉଥିବା ସାବୁନ, ତେଲ, ଟୁଥ ପେଷ୍ଟ, ଡିଟରଜେଣ୍ଟ ପାଉଡର ଯୋଗାଇ ଦେବାକୁ ସୋମବାର କରଞ୍ଜିଆ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳଙ୍କୁ ଲିଖିତ ଦାବି କରିଛନ୍ତି ସଦସ୍ୟା। ଠାକୁରମୁଣ୍ଡା ବ୍ଲକରେ ପ୍ରାୟ ୧୯ଟି ବିଦ୍ୟାଳୟକୁ ଏହି ସାମଗ୍ରୀ ଦୀର୍ଘ ବର୍ଷ ଧରି ନିର୍ଦ୍ଦିଷ୍ଟ କେତୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମଗ୍ରୀ ଯୋଗାଇ ଆସୁଥିବାବେଳେ ସେମାନଙ୍କୁ ଏହି ସାମଗ୍ରୀ ଯୋଗାଇ ଦିଆଯିବାର ସୁଯୋଗ ଦେବାକୁ ଦାବି ରଖିଛନ୍ତି। ଗୋଷ୍ଠୀର ସଦସ୍ୟାଙ୍କ ଏହି ଲିଖିତ ଦାବିକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

ବାରିପଦା, ୧୯ ।୧(ସମିସ): ବିଜୟରାମଚନ୍ଦ୍ରପୁର ଅଞ୍ଚଳରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବିଜୟରାମଚନ୍ଦ୍ରପୁର ହରିହର ପାତ୍ର। ସେ ରାତିରେ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି।

### ■ ବିଇଓ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ନିର୍ଯାତିତ

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାରିପଦା/ବଡ଼ସାହି,୧୯ ।୧(ସମିସ): ଦୀର୍ଘଦିନ ଧରି ବିବାଦୀୟ ଥିବା ବଡ଼ସାହି ବିଇଓ କାର୍ଯ୍ୟାଳୟ ବିରୋଧରେ ପୁଣି ଅଭିଯୋଗ ଆସିଛି। ନିର୍ଯାତନାର ଶିକାର ହୋଇଥିବା ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅଫିସରେ ଜଣେ ନୂଆ କିରାଣିଙ୍କ ଯୋଗଦାନ ପରେ ଶିକ୍ଷକ ସଂଘର ହସ୍ତକ୍ଷେପ ଦ୍ୱାରା ବଡସାହିରେ ବନ୍ଦ ହୋଇଥିବା ଅଫିସ ଦଲାଲ ବ୍ୟବସ୍ଥା ପୁଣି ସକ୍ରିୟ ହୋଇଉଠିଛି। ଗତ ମଇ ମାସରେ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକଙ୍କ ଅବସର ପରବର୍ତ୍ତୀ ଭତ୍ତା ପ୍ରଦାନରେ ହୋଇଥିବା ଦୁର୍ନୀତି ଓ ସ୍ୱେଚ୍ଛାଚାରିତାରେ ବିଇଓ ମଧୁସ୍ମିତା ଗିରି ସୀମା ଲଂଘନ କରିଛନ୍ତି ବୋଲି ତଦନ୍ତ ଦାବି ହୋଇଛି। ଗତ ଡିସେମ୍ବର ୩୦ ତାରିଖରେ ୫ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ପୂର୍ଣ୍ଣକାଳୀନ ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ କଣ୍ଟ୍ରୋଲର ଅନୁମୋଦନ କରିଥିବାବେଳେ ଚଞ୍ଚକତା ପୂର୍ବକ ବୀରେନ୍ଦ୍ର ପ୍ରଧାନ ନାମକ ଅବସରପ୍ରାପ୍ତ ଶିକ୍ଷକ ଜଣଙ୍କୁ ବାଦ୍ ଦେଇ ଅନ୍ୟ ୪ ଜଣ ଶିକ୍ଷକଙ୍କୁ ତାହା ମିଳିସାରିଛି। ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରରୁ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୋବାଇଲକୁ ଫୋନ୍ ଆସିଥିଲା ଓ ଅବସର କାଗଜ କାମ ପାଇଁ ବିଇଓଙ୍କ ଅଫିସ ଖର୍ଚ୍ଚ ବାବଦରେ ୧୫ ହଜାର ଟଙ୍କା ଦେବାକୁ ସେ କହିଥା'ନ୍ତି। କେହି ଅରାଜି ହେଲେ ତାଙ୍କ କାମ ହେବନି ଓ ପଡିରହିବ ବୋଲି ଧମକ ଦିଅନ୍ତି। ପୀଡ଼ିତ ବୀରେନ୍ଦ୍ର ପ୍ରଧାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସମାନ କଥା ଦେଖିବାକୁ ମିଳିଥିଲା।

୨୦୨୩ ମଇରୁ ଏମ୍ଏସିପି ଓ ଶେଷ ଅବସରକାଳୀନ ଭତ୍ତା ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଥିବା କଥା ମୁଖ୍ୟମନ୍ତ୍ରୀ ଅଭିଯୋଗ ପୋର୍ଟାଲରେ ଜଣାଇବା ସହ ଲିଖିତ ଭାବେ ମୟୂରଭଞ୍ଜ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବଡସାହି ଥାନାରେ ଜଣାଇଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜ ନାମରେ ଅଭିଯୋଗ ହୋଇଥିବା ଜାଣି ନିଜ ଦୁର୍ନୀତିକୁ ଲୁଚାଇବା ପାଇଁ ଅତି ଚାଲାକିରେ ବିଇଓ ଜାନୁଆରୀ ୧୬ ତାରିଖରେ ପୁରୁଣା ଚିଠି ସଂଖ୍ୟା ୯୪(୨) ଓ ୯୫, ୧୨/୧/୨୬ରେ ବୀରେନ୍ଦ୍ର ପ୍ରଧାନ ଥିବା ପୂର୍ବ ଦୁଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଗତ ୫ ବର୍ଷ ମଧ୍ୟାହ୍ନଭୋଜନ ତଥ୍ୟ ମାଗିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି ଅଭିଯୋଗକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଆସନ୍ତା ମଙ୍ଗଳବାର ସୁଦ୍ଧା ଶ୍ରୀ ପ୍ରଧାନଙ୍କ ସମସ୍ତ କାମ କରିଦେବାକୁ ବଡସାହି ବିଇଓଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଆର୍ଥିକ ଅନଟନରେ ଗତି କରୁଥିବା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପ୍ରଧାନଙ୍କ ଦାବି ପୂରଣ ନ ହେଲେ ସେ ଆସନ୍ତା ୨୭ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଡସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଅନଶନ ଓ ଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଗତ ୯ ତାରିଖରେ ବଡସାହି ପଞ୍ଚାୟତ ସମିତି ବୈଠକରେ ମଧ୍ୟ ବଡସାହି ବିଇଓଙ୍କ ଦୁର୍ନୀତି ଓ ମନମାନୀ ବିରୋଧରେ ପ୍ରୋସିଡିଂ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଇଓ ମଧୁସ୍ମିତା ଗିରିଙ୍କୁ ଏ ନେଇ ପଚାରିବାରୁ ଶ୍ରୀ ପ୍ରଧାନଙ୍କ ବିରୋଧରେ ଅଭିଯୋଗ ଥିବାରୁ ଅବଶିଷ୍ଟ ଟଙ୍କା ଦିଆଯାଇନାହିଁ। ତେବେ ଖୁବଶୀଘ୍ର ତାହା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବୀଣାପାଣି ଯୁବକ ସଂଘ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା



ଠାକୁରମୁଣ୍ଡା,୧୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଡିଆବେଡା ପଞ୍ଚାୟତର ଖସାକୁଦ ଗ୍ରାମରେ ବୀଣାପାଣି ଯୁବକ ସଂଘ ପକ୍ଷରୁ ୨୭ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ପଡିଆବେଡା ସରପଞ୍ଚ ଧର୍ମାନନ୍ଦ ନାଇକ, ସଭ୍ୟ ପ୍ରମୋଦ ନାୟକ, ବିଜେପି କର୍ମକର୍ତ୍ତା ଗୌରାଙ୍ଗ ଶତପଥୀ, ଆଶିଷ ପାଣିଗ୍ରାହୀ, ଖସାକୁଦ ଗ୍ରାମର ସମିର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୩୨ଟି ଦଳ ଭାଗ ନେଇଥିଲେ। ଅଂଶଗ୍ରହଣ କରିବା ପାଇଁ ୩୫୦୦ ଟଙ୍କା ଥିବାବେଳେ ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୩୫ ହଜାର, ତୃତୀୟ ପୁରସ୍କାର ୨୦ ହଜାର ଓ ଚତୁର୍ଥ ପୁରସ୍କାର ୧୫ ହଜାର ସ୍ଥିର କରାଯାଇଥିଲା। କ୍ରିଷ୍ଣା ଇଲେଭେନ ଚାମ୍ପିଅନ୍ ହୋଇଥିବାବେଳେ ଲିସା ଏଣ୍ଡ ଲିସା ଇଲେଭେନ ରନର୍ସଅପ୍ ହୋଇଥିଲେ। ସଭାପତି ସାନ୍ଧୁ ସିଂ, ଉପସଭାପତି ଶିବା ସିଂ, ସମ୍ପାଦକ ନଳିନ୍ଦ୍ର ଚମ୍ପିଆ, ବାଗୁନ ସିଂ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ନଦୀରେ ବୁଡ଼ି ଛାତ୍ର ମୃତ

ରାସଗୋବିନ୍ଦପୁର,୧୯।୧(ସମିସ): ନଦୀରେ ବୁଡି ଜଣେ ନାବାଳକ ଛାତ୍ର ମୃତ୍ୟୁବରଣ କରିଛନ୍ତି। ଏଭଳି ଦୁଃଖଦ ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଘଟିଛି। ମୃତକ ଜଣକ ବେତନଟୀ ଥାନା ଅଧୀନ ଧୀରେନ୍ଦ୍ର ସିଂଙ୍କ ୧୫ ବର୍ଷର ନାବାଳକ ପୁଅ କମଳାକାନ୍ତ ସିଂ। ସୂଚନା ମୁତାବକ, କମଳାକାନ୍ତ ତାଙ୍କ ଅଜା ଘର ରାସଗୋବିନ୍ଦପୁର ଥାନା ଅଧୀନ ସାନମାଣିଦା ପଞ୍ଚାୟତର ପିଙ୍ଗୁଳି କୁଚିଆଶୋଳ ଗ୍ରାମରେ ରହି ମାଣିଦା ସରକାରୀ ବିଦ୍ୟାଳୟରେ ପାଠ ପଢୁଥିଲେ। ଆଜି କମଳାକାନ୍ତ ତାଙ୍କ ମାଉସୀଙ୍କୁ ନଦୀର ଅପର ପାଶ୍ୱର୍ରେ ଉକ୍ତ ଥାନା ଅଧୀନ ଯୋଡ଼ପୋଡା ଗ୍ରାମକୁ ଯାଉଥିଲେ। ତେବେ ହାତ ତିଆରି ଡ୍ରମ ଭେଳାଟି ଅପର ପାଶ୍ୱର୍ରେ ଥିବାରୁ କମଳାକାନ୍ତ ଉକ୍ତ ଭେଳାକୁ ଆଣିବା ପାଇଁ ଯାଉଥିବା ସମୟରେ ନଦୀରେ ଥିବା ଗଭୀର ଗର୍ତ୍ତରେ ପଡି ଯାଇ ବୁଡ଼ିଯାଇଥିଲେ। ଏହା ଦେଖି ମାଉସୀ କମଳାକାନ୍ତଙ୍କୁ ବଞ୍ଚାଇବାକୁ ଯାଇଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ଖବର ପାଇ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ, ରାସଗୋବିନ୍ଦପୁର ପୁଲିସ, ତହସିଲଦାର ଉପେନ୍ଦ୍ର ଦାସ ପହଞ୍ଚି କମଳାକାନ୍ତଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ।

## ଦାରିହା ଯକୁଣ୍ଡିରେ ପକ୍ଷୀ ଗଣନା



ବୈଶିଙ୍ଗା, ୧୯।୧(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶରେ ବାରିପଦା ବନଖଣ୍ଡର ବେତନଟି ଫରେଷ୍ଟ ରେଞ୍ଜ ଅଧୀନସ୍ଥ ନଡପୁର ଫରେଷ୍ଟ ବିଟ ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତର କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ନିକଟସ୍ଥ ବେଲାଣପୁରା-ଦାରିହାକୁଣ୍ଡି ପ୍ରାକୃତିକ ଜଳାଶୟରେ ପକ୍ଷୀ ଗଣନା ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାୟକଙ୍କ ମାର୍ଗଦର୍ଶନରେ ବନରକ୍ଷୀ ନମିତା ସେଠୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପକ୍ଷୀ ଗଣନା ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଲିଟିଲ କର୍ମୋରାଣ୍ଟ, କମନ କିଙ୍ଗ ଫିସର, ଗାଡ଼ ୱାଲ, କମନ ମୁରହେନ ପ୍ରଭୃତି ୨୦ରୁ ଅଧିକ ପ୍ରଜାତିର ପ୍ରାୟ ଦୁଇ ହଜାରରୁ ଅଧିକ ପକ୍ଷୀ ଚିହ୍ନଟ କରାଯାଇଥିଲା। ଏହି ପକ୍ଷୀ ଗଣନାରେ ପ୍ରୋଟେକ୍ସନ ଆସିଷ୍ଟାଣ୍ଟ ଶ୍ରୀଧର ମହାକୁଡ଼, ପ୍ରୋଟେକ୍ସନ ସ୍କ୍ୱାର୍ଡ ସୁଶାନ୍ତ ମହାନ୍ତ, ଫାୟାର ୱାଚୱାର ଦେବାନନ୍ଦ ମହାନ୍ତ, ଗଜସାଥୀ ରାଜୀବ କୁମାର କବାଟ ପ୍ରମୁଖ ସାମିଲ ଥିଲେ।

## ଗୋ ମାଫିଆ କୋର୍ଟ ଚାଲାଣ; ଆହୁରି ଅନେକ ସକ୍ରିୟ

ତେଲକୋଇ, ୧୯।୧(ସମିସ): ବେଆଇନ ଗୋ ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ କେନ୍ଦୁଝର ପୁଲିସ ଗୋ ମାଫିଆଙ୍କ ଉପରେ କଡ଼ା ନଜର ରଖିଥିବା ବେଳେ ବିଭିନ୍ନ ସ୍ଥାନରେ ଚଢଉ କରି ମାଫିଆଙ୍କୁ ଗିରଫ କରିବାରେ ଲାଗିଛି। ତେଲକୋଇ ଥାନାଞ୍ଚଳର ଦୁଇ ଗୋ ମାଫିଆଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବେଣା ମୁଣ୍ଡା ଗ୍ରାମର ନିରଞ୍ଜନ ବେହେରା (୨୯) ଓ ଛାମୁଣ୍ଡା ଗ୍ରାମର ଅଖିଳ ପ୍ରଧାନ (୫୫)। ତେଲକୋଇ ଥାନା ପକ୍ଷରୁ କେସ ନଂ ୦୯/୨୬ରେ ମାମଲା ରୁଜୁ ହୋଇଛି। ଗୋରୁ ମାଫିଆଙ୍କ ତାଲିକା ଆଗକୁ ଆହୁରି ବଢିବାର ସମ୍ଭାବନା ରହିଛି। ଯାହାକୁ ନେଇ ଗୋ ମାଫିଆଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି। ତେଲକୋଇ ଅଞ୍ଚଳରେ ଆହୁରି ଅନେକ ଗୋ ମାଫିଆ ସକ୍ରିୟ ଥିବା ବେଳେ କେତେକ ମାଫିଆ ବେକରେ ନାଲି ଗାମୁଛା ପକାଇ ବୁଲୁଛନ୍ତି। ପୁଲିସ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଛି।

### ଘସିପୁରା ମା' ମଙ୍ଗଳା କପ୍ କ୍ରିକେଟ୍

## ବାଲେଶ୍ୱରକୁ ହରାଇ ସେମିରେ ରାଉରକେଲା




ଆନନ୍ଦପୁର,୧୯।୧ (ସମିସ): ଘସିପୁରା ବ୍ଲକ ଷ୍ଟାଡିୟମରେ ମା'ମଙ୍ଗଳା କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଘସିପୁରା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ରାଉରକେଲା ଆରଏସଏ କ୍ରିକେଟ କ୍ଲବ ୧୩୪ ରନରେ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରାଉରକେଲା ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ୱିକେଟ୍ ହରାଇ ୨୭୦ ରନ୍ ସଂଗ୍ରହ କରିଥିଲେ। ବାଲେଶ୍ୱର ଟିମ୍ ୧୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୬ ରନ୍ କରି ପରାସ୍ତ ହୋଇଥିଲା। ରାଉରକେଲାର ବିବସ୍ୱ ଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରହିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁରର ଯୁବନେତା ବିଶ୍ୱନାଥ ପ୍ରତାପ ଜେନା, ଯାଜ୍ଞସେନୀ ଅପେରା ମାଲିକ ପ୍ରସନଜିତ ନାୟକ ଯୋଗ ଦେଇଥିଲେ। ଅଶୋକ ରାଉତ, ସୁନୀଲ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବାବେଳେ ମନୋରଞ୍ଜନ ମିଶ୍ର, ସମ୍ବିତ ଜେନା ସ୍କୋରର ଥିଲେ। ବୁବୁ ସିହ୍ନା ମାନସ ସାହୁ ଧାରା ବିବରଣୀ ଦେଇଥିଲେ। କ୍ଲବ ସଭାପତି ପ୍ରସନ୍ନଜିତ୍ ପଟ୍ଟନାୟକ, ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ସୁରେଶ ସାହୁ, ରମେଶ ସାହୁ, ନୃତ୍ୟଗୁରୁ ଜିତୁ ଦାଶ, ମନୋରଂଜନ ସାହୁ, ନିରଞ୍ଜନ ସାହୁ, ଦାମୋଦର ସାହୁ, ତୋଫାନ୍ ସାହୁ, ସୌମିତ୍ର ସାହୁ, ଜ୍ୟୋତିର୍ମୟ ଦାଶ, ମଙ୍ଗଳ ନାୟକ, ପୌଲସ୍ତ୍ୟ ସାହୁ, ଦିବ୍ୟଶ୍ରୀ ଶକ୍ତି କୁମାର, ମୃତ୍ୟୁଞ୍ଜୟ ସାହୁ, ଧବଳେଶ୍ୱର ସାହୁ, ଚିନ୍ମୟ ନାୟକ, ବସନ୍ତ ଜେନା, ରାଜେଶ ପଣ୍ଡିତ, ଉଜ୍ୱଳ ସେନାପତି, ସତ୍ୟଜିତ ଜେନା, ରାଜମଙ୍ଗଳ ନାୟକ, ସାହିଦ ନାୟକ, ରାଜକିଶୋର ପେରେଇ, ସାଇଶୁଭଙ୍କର ପାଢ଼ୀ ସହଯୋଗ କରିଥିଲେ।

### ପଦ୍ମପୋଖରୀ ଉପେନ୍ଦ୍ର ନାଥ ହାଇସ୍କୁଲରେ ଅବ୍ୟବସ୍ଥା ଅଭିଯୋଗ

## ଉପଖଣ୍ଡ ପ୍ରଶାସନକୁ ଜଣାଇଲେ ୮ ଛାତ୍ରଛାତ୍ରୀ

ଉଦଳା,୧୯।୧(ସମିସ):



ଶିକ୍ଷା ପାଇଁ ତୃଣମୂଳ ସ୍ତରରୁ ବ୍ୟାପକ ଉଦ୍ୟମ କରାଯାଉଥିବାବେଳେ ଶିକ୍ଷାର ଆଲୋକ ସହରଠାରୁ ଗ୍ରାମ ଏପରିକି ଉପାନ୍ତ ଅଞ୍ଚଳରେ ପହଞ୍ଚିଲେ ଯାଇ ଯୋଜନାର ବାସ୍ତବ ଲକ୍ଷ୍ୟ ପୂରଣ ହେବ। ତେବେ ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର କରୁଣ ଚିତ୍ର ନଜରକୁ ଆସିଛି। କପ୍ତିପଦା ଉପଖଣ୍ଡର ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଓ ଅନିୟମିତତା ଅଭିଯୋଗ ଖୋଦ ବିଦ୍ୟାଳୟର ଛାତ୍ରଛାତ୍ରୀ ଆସି ଉପଖଣ୍ଡ ପ୍ରଶାସନ ନିକଟରେ ବଖାଣିଛନ୍ତି। ଆଜି ମଧ୍ୟାହ୍ନରେ ୮ଜଣ ଛାତ୍ରଛାତ୍ରୀ ଓ କିଛି ଅଭିଭାବକ ବିଦ୍ୟାଳୟର ଅବ୍ୟବସ୍ଥା ନେଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଉପେନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟରେ ଗତ ନଭେମ୍ବର ମାସଠାରୁ ପାଠପଢ଼ା ଠପ ହୋଇଯାଇଛି। ଅନ୍ତେବାସୀଙ୍କୁ ଖାଦ୍ୟ ଦିଆଯାଉ ନ ଥିବା କହିଛନ୍ତି। ଫଳରେ ଛାତ୍ରଛାତ୍ରୀ ଗାଁରୁ ପନିପରିବା ମାଗିବା ସହିତ କାଠ ସଂଗ୍ରହ କରି ନିଜେ ଖାଦ୍ୟ ପ୍ରସ୍ତୁତି କରୁଛନ୍ତି। ଏପରିକି ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଅନିୟମିତତା ପୂର୍ବକ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ୪୦ରୁ ୫୦ ଛାତ୍ରଛାତ୍ରୀ ଥିବାବେଳେ ୮ଜଣ ଶିକ୍ଷକ ଥିବା ସୂଚନା ଦେଇଛନ୍ତି। ଏହା ଏକ ବ୍ଲକ ଗ୍ରାଣ୍ଟ ସ୍କୁଲ ହୋଇଥିବା ନେଇ ସରକାରୀ ହସ୍ତକ୍ଷେପ ନ ଥିବା କାରଣରୁ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ପ୍ରଧାନଶିକ୍ଷକ ମନମୁଖୀ କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଛାତ୍ରୀ ରହୁଥିବାବେଳେ ପାଇଖାନା କି ପିଇବା ପାଣିର ବ୍ୟବସ୍ଥା ଦୀର୍ଘ ଦିନ ଧରି ନଥିବା ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରସଙ୍ଗରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ତଦନ୍ତ ପୂର୍ବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ପତ୍ରକୁ ଜିଲ୍ଲାପାଳଙ୍କ ନିକଟକୁ ପଠାଇବେ ବୋଲି କହିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୧୭-କଲିକତାରେ ହିନ୍ଦୁ କଲେଜର ସ୍ଥାପନା।
- ୧୯୩୬-ଏଡୱାର୍ଡ ଅଷ୍ଟମ ଇଂଲଣ୍ଡର ରାଜା ଭାବେ ଅଭିଷିକ୍ତ ହେଲେ।
- ୧୯୫୭- ଭାରତର ପ୍ରଥମ ପରମାଣୁ ରିଆକ୍ଟର 'ଅପ୍‌ସରା'କୁ ଲଞ୍ଚ୍ କରାଗଲା।
- ୧୯୮୬-ଆମେରିକାରେ ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ଜନ୍ମ ଦିବସକୁ ଜାତୀୟ ଛୁଟି ଦିବସ ଘୋଷଣା।
- ୧୯୯୦-ମହାକାଶଯାନ କଲମ୍ବିଆ-୧୦ର ଅବତରଣ।
- ୧୯୯୩- ବିଲ୍ କ୍ଲିଣ୍ଟନ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଲେ।

## 'ଜେଲର୍ ୨'



# ଅତିଥି କଳାକାର ହେବାର କାରଣ କହିଲେ ବିଜୟ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଥାନ୍ତି। 'ଜେଲର୍' ର ଜବରଦସ୍ତ ସଫଳତା ପରେ ଏବେ ଏହାର ସିକ୍ୱେଲକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। 'ଜେଲର୍ ୨'ରେ ମନୋରଞ୍ଜନ ସାଙ୍ଗକୁ ଜବରଦସ୍ତ ଆକ୍ସନ୍ ଦେଖିବାକୁ ମିଳିବ। ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଏକାଧିକ ଆଗଧାଡ଼ିର କଳାକାରମାନେ ମଧ୍ୟ ନଜର ଆସିବେ। ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିଜୟ ସେତୁପତି ଅତିଥି କଳାକାର ଭାବେ ଦେଖାଯିବେ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ବିଜୟ 'ଜେଲର୍ ୨'ରେ ଅତିଥି କଳାକାର ଭାବେ କାମ କରିବା ପାଇଁ ରାଜି ହେବାର କାରଣ କହିଛନ୍ତି। ବିଜୟଙ୍କ କହିବା କଥା, 'ରଜନୀକାନ୍ତ ଏମିତି ଜଣେ କଳାକାର ଯିଏ ଦଶନ୍ଧି ଦଶନ୍ଧି ଧରି ଇଣ୍ଡଷ୍ଟ୍ରୀରେ ରାଜ୍ କରୁଛନ୍ତି। ତାଙ୍କ ସହ କାମ କରିବା କୌଣସି ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ସମାନ।' ନେଲସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ଜେଲର୍ ୨' ଏହାର ପ୍ରଥମ ପାର୍ଟ ଭଳି ଆକ୍ସନ୍ ଓ ମନୋରଞ୍ଜନ ଦ୍ୱାରା ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି କୁହାଯାଉଛି। ଫିଲ୍ମର ସୁଟିଂ ଚେନ୍ନାଇରୁ ଆରମ୍ଭ ହୋଇଛି। ରାମ୍ୟା କ୍ରିଷ୍ଣନ୍ ସୁଟିଂ ସେଟ୍‌ର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏହାବାଦ୍ ଏଥିରେ ମଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ମଧ୍ୟ ଦେଖାଯିବେ।

# ନାସାର ନିଆରା ପ୍ରତିଯୋଗିତା




ମଙ୍ଗଳ ଗ୍ରହରେ ମଣିଷ ପହଞ୍ଚିଲେ ସେଠାରେ ବଡ଼ ସମସ୍ୟା ଖାଦ୍ୟର ହେବ। ମଙ୍ଗଳ ଗ୍ରହକୁ ୩ ବର୍ଷର ଲମ୍ବା ଯାତ୍ରା ପାଇଁ ଘରୁ ଖାଦ୍ୟ ପ୍ୟାକ୍ କରି ନେବା ବି ସହଜ କଥା ନୁହେଁ। ତା'ସହ ସେଠାରେ ଖାଦ୍ୟ ଅର୍ଡର କରିବାର ସୁବିଧା ମଧ୍ୟ ନାହିଁ। ଏହି ସମସ୍ୟାର ସମାଧାନ କରିବା ପାଇଁ ନାସା 'ଡିପ୍ ସ୍ପେସ୍ ଫୁଡ୍ ଚ୍ୟାଲେଞ୍ଜ' ନାମକ ଏକ ନିଆରା ପ୍ରତିଯୋଗିତା ଆରମ୍ଭ କରିଛି। ନାସା ଏଥିରେ ବିଜୟ ପ୍ରତିଯୋଗୀଙ୍କୁ ପ୍ରାୟ ୬.୭୫ କୋଟି ଟଙ୍କା ପୁରସ୍କାର ଦେବ। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ମହାକାଶରେ ଖାଦ୍ୟ ପ୍ରସ୍ତୁତିର କୌଣସି ନିଆରା ଉପାୟ ଖୋଜି ବାହାର କରିବାକୁ ପଡ଼ିବ। ସରଳ ଭାଷାରେ କହିଲେ, ନାସା ଏମିତି ଏକ ସ୍ପେସ୍ କିଚେନ୍‌ର ସନ୍ଧାନ କରୁଛି, ଯାହାକି ମହାକାଶଚାରୀଙ୍କ ପେଟ ଭରିବ ଏବଂ ଭୋକିଲା ରଖିବ ନାହିଁ। ତେଣୁ ନାସା ଏମିତି ଏକ ସିଷ୍ଟମ ଖୋଜୁଛି, ଯଦ୍ଦ୍ୱାରା ମହାକାଶଚାରୀ ନିଜେ ମଙ୍ଗଳରେ ନିଜ ପାଇଁ ଖାଦ୍ୟ ଉତ୍ପାଦନ କରିବେ ଓ ସେଠାରେ ଏହାକୁ ରାନ୍ଧି ପାରିବେ। ଏହି କାମ ଲାଗି ରୋଷେୟା, ଛାତ୍ର ଏବଂ ବୈଜ୍ଞାନିକଙ୍କ ସାହାଯ୍ୟ ଲୋଡ଼ିଛି। ଏହି ଚ୍ୟାଲେଞ୍ଜରେ ଖାଦ୍ୟ କେବଳ ସ୍ୱାଦିଷ୍ଟ ହେବ ତାହା ନୁହେଁ, ପୁଷ୍ଟିକର ହେବା ବି ଜରୁରି। ଏଭଳି ହେବା ଦ୍ୱାରା ଖାଦ୍ୟ ଅପଚୟ ଯେମିତି ହ୍ରାସ ପାଇବ। ସେହିପରି ଏହି ସିଷ୍ଟମ ଏମିତି ହେବା ଦରକାର, ଯାହାକି ମହାକାଶରେ ବ୍ୟବହୃତ ପାଣି ଓ ପବନକୁ ପୁଣି ଥରେ ବିଶୁଦ୍ଧ କରି ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯିବ। ତେଣୁ ଏହା ମାଧ୍ୟମରେ ଲକ୍ଷ୍ୟ ଅଛି ଯେ, ମଙ୍ଗଳକୁ ଦୀର୍ଘ ଦିନ ଧରି ଯାତ୍ରା କରିବା ସମୟରେ ମହାକାଶଚାରୀମାନେ ଯେମିତି ଶାରୀରିକସ୍ତରରେ ମଜଭୁତ ଓ ମାନସିକସ୍ତରରେ ସୁସ୍ଥ ରହିବେ। ଏହି ଚ୍ୟାଲେଞ୍ଜର ଅନ୍ୟତମ ବିଶେଷତ୍ୱ ହେଉଛି ଏହାର ଲାଭ କେବଳ ମହାକାଶଚାରୀଙ୍କୁ ନୁହେଁ, ବରଂ ଅନ୍ୟ ସମସ୍ତଙ୍କୁ ମିଳିବ। ଯେଉଁ ଉପାୟରେ ବୈଜ୍ଞାନିକମାନେ ମଙ୍ଗଳରେ ଚାଷ କରିବେ, ସେହି ଟେକ୍ନିକ୍‌ର ଉପଯୋଗ ପୃଥିବୀପୃଷ୍ଠର ସେହି ସ୍ଥାନଗୁଡ଼ିକରେ କରାଯିବ, ଯେଉଁଠାରେ ଚାଷ କରିବା କଷ୍ଟକର। ଅନ୍ୟପଟେ ଏହି ଚ୍ୟାଲେଞ୍ଜ ମାଧ୍ୟମରେ ଖାଦ୍ୟ ଯେଭଳି ଦୀର୍ଘ ସମୟ ପର୍ଯ୍ୟନ୍ତ ଖରାପ ହେବ ନାହିଁ, ବିଚାରପତିଙ୍କୁ ସେଭଳି ନୂତନ ପରିକଳ୍ପନା ବି ଦରକାର। ଯଦି ଏହା ସମ୍ଭବ ହୁଏ, ତେବେ ମଙ୍ଗଳ ଗ୍ରହକୁ ଯିବାର କଷ୍ଟକର ଯାତ୍ରା ମଧ୍ୟ ସହଜ ଏବଂ ସ୍ମରଣୀୟ ହୋଇପାରିବ। ଅବଶ୍ୟ ଏହି ଚ୍ୟାଲେଞ୍ଜରେ ସାମିଲ ହେବା ଲାଗି ଏହାର ଅଫିସିଆଲ ୱେବ୍‌ସାଇଟ୍‌ରୁ ବିସ୍ତୃତ ବିବରଣୀ ମିଳିପାରିବ। ଏହାସହ ଯେଉଁମାନେ ଏ ଲାଗି ଇଚ୍ଛୁକ, ସେମାନେ ଆସନ୍ତା ଜୁଲାଇ ୩୧ ପର୍ଯ୍ୟନ୍ତ ନିଜ ନାଁକୁ ଏଥିରେ ସାମିଲ କରିପାରିବେ।

# ମାଘ ମେଳାରେ ନିଆରା ସ୍କୁଲ

ତୀର୍ଥରାଜ ପ୍ରୟାଗରାଜରେ ଚାଲିଛି ପବିତ୍ର ମାଘ ମେଳା। ଏଠାରେ କେବଳ ଭକ୍ତି ଭାବ ନୁହେଁ, ବରଂ ଜ୍ଞାନର ଗଙ୍ଗା ମଧ୍ୟ ବହୁଛି। ଏଠାରେ କାମ କରୁଥିବା ଶହ ଶହ ସଫେଇକର୍ମୀଙ୍କ ପିଲାଙ୍କୁ ଶିକ୍ଷା ପ୍ରଦାନ ପାଇଁ ଗୋଟିଏ ସ୍କୁଲ ଖୋଲା ଯାଇଛି। ଉତ୍ତର ପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଆସିଥିବା ସଫେଇ କର୍ମଚାରୀଙ୍କର ୩୩୩ ଜଣ ପିଲା ଏହି ସ୍କୁଲରେ ପାଠ ପଢ଼ୁଛନ୍ତି। ମାଘ ମେଳାର ଭିଡ଼ ମଧ୍ୟରେ ଏହି ନିଆରା ସ୍କୁଲ ବି ପରିଚାଳିତ ହେଉଛି। ଏହାର ନାଁ ବିଦ୍ୟା କୁମ୍ଭ ପ୍ରାଥମିକ ବିଦ୍ୟାଳୟ ରଖାଯାଇଛି। ଅନ୍ୟପଟେ ମହାକୁମ୍ଭ ସମୟରେ ବିଦ୍ୟାକୁମ୍ଭ ଅଭିଯାନ ଏଜୁକେଟ୍ ଗର୍ଲସଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାକୁ ଏବେ ଚଳିତବର୍ଷର ମାଘ ମେଳା ସମୟରେ ଉତ୍ତର ପ୍ରଦେଶର ଶିକ୍ଷା ବିଭାଗ ଦ୍ୱାରା ଆଗକୁ ନିଆଯାଇଛି। ମାଘ ମେଳାରେ ନିୟୋଜିତ ସଫେଇକର୍ମୀଙ୍କ ପିଲାଙ୍କ ପାଠପଢ଼ା ଯେପରି ପ୍ରଭାବିତ ନ ହେବ ଏ ଲାଗି ଶିକ୍ଷା ବିଭାଗ ପକ୍ଷରୁ ଏହି ନିଆରା ଅଭିଯାନ ହାତକୁ ନିଆଯାଇଛି। ତେବେ ଏହି ସ୍କୁଲର ଶ୍ରେଣୀଗୃହ ଖୁବ୍ ସୁନ୍ଦର ହୋଇଥିବାବେଳେ ପିଲାଙ୍କୁ ପାଠ ପଢ଼ାଇବା ଲାଗି ହାଇଟେକ୍ ସୁବିଧା କରାଯାଇଛି। ପାଠପଢ଼ା ସହ ଏଠାରେ ପିଲାଙ୍କୁ ଅନ୍ୟ କାର୍ଯ୍ୟକଳାପଗୁଡ଼ିକ ମଧ୍ୟ କରାଯାଉଛି। ଶିକ୍ଷକମାନେ ବି ଦାୟିତ୍ୱର ସହ ନିଜ କର୍ତ୍ତବ୍ୟ ପାଳନ କରୁଥିବା ଜଣାପଡ଼ିଛି। ଶିକ୍ଷକମାନେ ଠିକ୍ ସମୟରେ ଆସି ଏଠାରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ମାଘ ମେଳାରେ ପିଲାଙ୍କୁ ପାଠ ପଢ଼ାଇବା ସୌଭାଗ୍ୟର ବିଷୟ ବୋଲି ଏଠାରେ ନିୟୋଜିତ ଶିକ୍ଷକମାନେ କହିଛନ୍ତି। ଏପରି ପଦକ୍ଷେପ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପ୍ରେରଣା ଯୋଗାଇବା ସହ ସଫେଇ ଯୋଦ୍ଧାଙ୍କ ପିଲାମାନଙ୍କ ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ କରୁଛି।



# ଲାଭଜନକ ଚାଷ



**ଆମ ରାଜ୍ୟର ଚାଷୀମାନେ ଖରାଟିଆ ଚାଷ ପାଇଁ ଜମି ପ୍ରସ୍ତୁତ କରି କାକୁଡ଼ିଜାତୀୟ ଫସଲ ଚାଷ କରିପାରିବେ।**

ଜମି ପ୍ରସ୍ତୁତି କରି ଲାଇନ୍‌ରେ କାକୁଡ଼ି ବିହନ ବୁଣିବା ଦରକାର। ଦୂରତା ୧.୫ ମିଟର ଓ ଗଛକୁ ଗଛ ଏକ ମିଟର ରଖନ୍ତୁ। ହାଲୁକା ଜଳ ସିଞ୍ଚନ ଓ ଘାସ ନିୟନ୍ତ୍ରଣ ଦ୍ୱାରା କାକୁଡ଼ି ଅମଳ ଭଲ ହୋଇଥାଏ। ସେହିପରି ଏକ ଏକର ଜମିରେ ଛଞ୍ଚିଦ୍ରା ଚାଷ ପାଇଁ ଏକ କିଗ୍ରା ବିହନ ଆବଶ୍ୟକ। ଜମି ପ୍ରସ୍ତୁତି ସମୟରେ ଖତ ପ୍ରୟୋଗ ସହ ୨ରୁ ୩ଥର ମାଟି ଓଲଟାଇବା ଜରୁରି। ଗଛରୁ ଗଛକୁ ଦୂରତା ୬୦ ସେମି ରଖିବା ଆବଶ୍ୟକ। ଜହ୍ନି ଚାଷ ପାଇଁ ଏହି ସମୟ ସର୍ବୋତ୍ତମ। ଅଧିକ ଗଭୀରରେ ବିହନ ପୋତିବା ଅନୁଚିତ। ଏହାଦ୍ୱାରା ଅଙ୍କୁରଣ ଉପରେ ପ୍ରଭାବ ପଡ଼େ।

ହାଲୁକା ଦୋରସା ମାଟିରେ ମଞ୍ଜି ଓ ଚାରା ବ୍ୟବହାର କରି କଲରା ଚାଷ କରାଯାଏ। ଏବେ କଲଟିଭେଟର ଚଳାଇ ମାଟିକୁ ଗୁଣ୍ଡ କରି ପାଳଙ୍ଗ ଚାଷ କରିପାରିବେ।

# ସ୍ୱତନ୍ତ୍ର ଟିଟ୍‌କପ୍



ଅତ୍ୟାଧୁନିକ ଡାଏରୀ ଫାର୍ମରେ କ୍ଷୀର ଦୁହିଁବା ପାଇଁ ମିଲକିଂ ମେସିନ୍ (ଟିଟ୍‌କପ୍) ବ୍ୟବହାର କରାଯାଏ। ପ୍ରାୟତଃ ମେସିନ୍ ଅଧିକ ଦୁଗ୍ଧ ଉତ୍ପାଦନ କ୍ଷମ ଗାଈଙ୍କ ଆକାରରେ ଡିଜାଇନ୍ ହୋଇଥାଏ। ଫଳରେ ଦେଶୀ ଗାଈଙ୍କ ଛୋଟ ଚିରରେ କିଟ୍ ଖାପ ଖାଏନି। ଏହା ଦ୍ୱାରା ଦୁଗ୍ଧ ନଷ୍ଟ ସହ ଗାଈ ଯନ୍ତ୍ରଣା ସହନ୍ତି। କମ୍ କ୍ଷୀର ଦିଅନ୍ତି। ଏନେଇ ଆସାମ, କାମରୂପ ଜିଲ୍ଲାର ମିଲନ ଜ୍ୟୋତି ଦାସ ଏକ 'କଷ୍ଟମାଇଜ୍ଡ ଟିଟ୍ କପ୍' ମେସିନ୍ ତିଆର କରିଛନ୍ତି। ଦେଶୀ ଗାଈଙ୍କ ଶାରୀରିକ ସ୍ଥିତି ଅନୁସାରେ ଏହାର କପ୍ ନିର୍ମିତ। କପ୍‌ର ଘେରା ୩ରୁ ୫ ସେମି। ଲମ୍ବା ୧୧ରୁ ୧୩ ସେମି। ଏଥିରେ ଦୁଗ୍ଧ ନଷ୍ଟ ହୁଏ ନାହିଁ। ଏହି ମେସିନ୍‌ଟି ଘଣ୍ଟାକରେ ୮ ରୁ ୧୦ଟି ଗାଈଙ୍କଠାରୁ କ୍ଷୀର ଦୁହିଁ ପାରିବ। ମେସିନ୍‌ଟି ହାଲୁକା ଏବଂ ପୋର୍ଟେବଲ। ଏଥିରେ ଛୋଟ ଭ୍ୟାକୁମ ପମ୍ପ ଏବଂ ୦.୭୫ରୁ ୧ ଏଚ୍‌ପିର ମୋଟର ଲାଗିଛି। ଏହା ବିଦ୍ୟୁତ୍ ଚାଳିତ। ଏହି ମେସିନ୍‌ରେ ଅନ୍ୟାନ୍ୟ ବିକଳ୍ପ ରହିଛି। ଏହାର ଟିଟକପ୍‌ରେ ଗାଈ ଆରାମ ଅନୁଭବ କରିବେ।

# ଉପଯୋଗୀ ଭର୍ମିୱାଶ୍

ଭର୍ମିୱାଶ ଏକ ପ୍ରାକୃତିକ ଟନିକ୍। ଏହା ଜିଆଖତରୁ ପ୍ରସ୍ତୁତ ହୋଇଥାଏ। ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ, ସୂକ୍ଷ୍ମଜୀବୀ ଆଦି ରହିଥାଏ। ଏହା ମାଟିର ଉର୍ବରତା ବୃଦ୍ଧି କରି ଫସଲ ବଢ଼ାଇବାରେ ସାହାଯ୍ୟ କରେ।



ଭର୍ମିୱାଶ୍‌କୁ ପାଣି କିମ୍ବା ଗୋମୂତ୍ର ସହିତ ମିଶାଇ ବ୍ୟବହାର କରାଯାଏ। ଏକ ଲିଟର ଭର୍ମିୱାଶ୍‌ରେ ୧୦ରୁ ୧୫ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ପତ୍ର ସିଞ୍ଚନ କିମ୍ବା ମାଟିରେ ପକାଇବା ଦ୍ୱାରା କୀଟ ନିୟନ୍ତ୍ରଣ ହୁଏ। ପ୍ରତି ୧୦ରୁ ୧୫ ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରାଯାଇ ପାରିବ। ଭର୍ମିୱାଶକୁ ଖତ ସହ ମିଶାଇ ଗଛ ମୂଳରେ ଦେବା ଭଲ। ଭର୍ମିୱାଶ ବ୍ୟବହାର ଦ୍ୱାରା ଗଛକୁ ଆବଶ୍ୟକ ପୋଷକତତ୍ତ୍ୱ ମିଳିପାରେ। ଫସଲର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାଟିର ଜଳଧାରଣ କ୍ଷମତା ବଢ଼ିଥାଏ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କୁହୁଡି, କମ୍ ତାପମାତ୍ରା ଓ ଆର୍ଦ୍ରତାରୁ କ୍ଷତି ନ ହେବା ପାଇଁ ଫସଲରେ ହାଲୁକା ଜଳସେଚନ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବିଜାତୀୟ ପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖନ୍ତୁ।
- ଆଖୁ ଲଗାଇବା ପୂର୍ବରୁ ଶେଷ ଓଡ଼ ସମୟରେ ଏକର ପ୍ରତି ୪ଟନ ଶଢ଼ା ଗୋବର ଖତ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ।
- ଟମାଟୋ ଫସଲରେ ସଅଳ ପତ୍ରପୋଡ଼ା ଏବଂ ଉଚ୍ଛୁର ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ ଫିମ୍ପିନାଶକରେ ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତରରେ ୨ରୁ ୩ ଥର ସିଞ୍ଚନ କରନ୍ତୁ।




# କୃଷି–ପଣ୍ୟ କମ୍ପାନୀଙ୍କ ପାଇଁ ଅର୍ଥନୈତିକ ଗତିବିଧି

**ଭାରତର ଅର୍ଥନୈତିକ ବିକାଶରେ କୃଷିକାର୍ଯ୍ୟର ମୁଖ୍ୟ ଭୂମିକା ରହିଛି। ତେଣୁ ଘରୋଇ ଚାହିଦା ଓ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଯାନ୍ତ୍ରିକ ଓ ଅତ୍ୟାଧୁନିକ କୃଷିପ୍ରଣାଳୀ ଉପଯୋଗୀ ଉତ୍ପାଦନ ପରିମାଣକୁ ବହୁଗୁଣିତ କରାଯାଇଛି।**



୨୦୨୬ ଆରମ୍ଭରୁ ଭାରତୀୟ କୃଷି-ପଣ୍ୟ କ୍ଷେତ୍ର ପୁନର୍ବିକାଶ ସହ ସ୍ଥିରତାକୁ ସନ୍ତୁଳିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଛି। ଘରୋଇ ବ୍ୟବହାର ବୃଦ୍ଧି, ସହରୀକରଣ ଏବଂ ବିଶ୍ୱ ବାଣିଜ୍ୟ ଢାଞ୍ଚାରେ ପରିବର୍ତ୍ତନ ଦ୍ୱାରା ୨୦୨୪ରେ ପ୍ରାୟ ୪୫୭ ବିଲିୟନ ଆମେରିକୀୟ ଡଲାର ମୂଲ୍ୟରେ ଏହି କ୍ଷେତ୍ର ବିସ୍ତାରିତ ହେବାରେ ଲାଗିଛି। କ୍ରୟ, ପ୍ରକ୍ରିୟାକରଣ, ସଂରକ୍ଷଣ, ରପ୍ତାନି ଏବଂ ବଣ୍ଟନରେ ନିୟୋଜିତ କୃଷି-ପଣ୍ୟ କମ୍ପାନୀଗୁଡିକ ପାଇଁ ଏହା ସାଂରଚନିକ ପରିବର୍ତ୍ତନର ଏକ ପର୍ଯ୍ୟାୟ।

FY26 ର Q3 ରେ କୃଷି ମୋଟ୍ ମୂଲ୍ୟ ସଂଯୋଜନ ବୃଦ୍ଧି ପ୍ରାୟ ୩.୦% ରେ ସୀମିତ ଥାଇ ବି ରବି ଚାଷ ଅଞ୍ଚଳରେ ୬.୨% ବାର୍ଷିକ ବୃଦ୍ଧି ଉତ୍ପାଦନ ହୋଇଥିଲା। ଏହି କ୍ଷମତା ମଜବୁତ ଆଧାର ସହ ଜଳବାୟୁ ନୀତି ଏବଂ ବିଶ୍ୱ ବଜାରଜନିତ ଅସ୍ଥିରତାକୁ ପ୍ରତିବିମ୍ବିତ କରେ।

ଭାରତର କୃଷିସାମଗ୍ରୀ ବଜାର ଏକ ବିଶ୍ୱ ଶକ୍ତି କେନ୍ଦ୍ର ଭାବେ ରହିଛି, ଯାହା ଆର୍ଥିକ ବର୍ଷ ୨୪-୨୫ରେ କୃଷି ରପ୍ତାନିରେ ୪୮.୭୭ ବିଲିୟନ ଆମେରିକୀୟ ଡଲାର ଯୋଗଦାନ କରିଛି। ରପ୍ତାନି ହ୍ରାସ ପାଇଥିଲେ ମଧ୍ୟ ଭାରତ ଚାଉଳ, ଚିନି, ମକା ଏବଂ ଡାଲି ଭଳି ସାମଗ୍ରୀରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛି। ଭାରତ ବିଶ୍ୱର ସର୍ବବୃହତ ଚାଉଳ ରପ୍ତାନିକାରୀ ଦେଶ ଭାବେ ପରିଣତ ହୋଇଛି। ୨୦୨୪-୨୫ରେ ଉତ୍ପାଦନ ୫% ବଢ଼ିଛି। ତେବେ ଘରୋଇ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରପ୍ତାନି ନିୟନ୍ତ୍ରଣ ଏବଂ କୋଟା ବ୍ୟବସ୍ଥା କରାଯାଇଛି। ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ସ୍ଥିର ଚାହିଦା ଦ୍ୱାରା ସମର୍ଥିତ, ବାସୁମତୀ ଏବଂ ଅଣ-ବାସୁମତୀ ଚାଉଳ ମୂଲ୍ୟ ସାମାନ୍ୟ ଭାବେ ସ୍ଥିର ରହିବା ଆଶା କରାଯାଉଛି। ସେହିପରି ମକା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଫସଲ। ଖରିଫ୍ ୨୦୨୫-୨୬ ଉତ୍ପାଦନ ୨୮.୩ ଏମ୍ଏମ୍‌ଟି ଆକଳନ କରାଯାଇଛି। ଭାରତ ବାର୍ଷିକ ୨୦୫ ନିୟୁତ ଟନ୍‌ରୁ ଅଧିକ ପନିପରିବା ଉତ୍ପାଦନ କରେ। ତଥାପି ଦୁର୍ବଳ ଶୀତଳ ଶୃଙ୍ଖଳ ଏବଂ ଖଣ୍ଡିତ ଯୋଗାଣ ବ୍ୟବସ୍ଥା ଯୋଗୁଁ ଅମଳ ପରବର୍ତ୍ତୀ କ୍ଷତି ସହିବାକୁ ପଡ଼େ। ନଷ୍ଟଶୀଳତା, ଋତୁକାଳୀନତା ଏବଂ ସହରାଞ୍ଚଳରେ ଚାହିଦା ଯୋଗୁଁ ପରିବା ମୂଲ୍ୟ–ସମ୍ବେଦନଶୀଳ ରହିଛି।

ଭାରତର କୃଷି-ପଣ୍ୟ କ୍ଷେତ୍ର ଉତ୍ପାଦନ ସହ ବଜାର ସମନ୍ୱୟ, ଗୁଣବତ୍ତା ଏବଂ ଗତି ଦ୍ୱାରା ପରିଚାଳିତ। ବିଶ୍ୱ ମୂଲ୍ୟ ଅସ୍ଥିରତା ଜାରି ରହିବା ଏବଂ ଜଳବାୟୁ ଅସ୍ଥିରତା ସହ ଆଗକୁ ବଢ଼ିବାର ପଥ ବଜାର–ଚାଳିତ ମୂଲ୍ୟ ଶୃଙ୍ଖଳ, ଏଫ୍‌ପିଓ, ବୈଜ୍ଞାନିକ ସଂରକ୍ଷଣ ଏବଂ ଡିଜିଟାଲ ବାଣିଜ୍ୟ ଭିତ୍ତିଭୂମିରେ ରହିଛି। ପୂର୍ବାନୁମାନଯୋଗ୍ୟ ରପ୍ତାନି ନୀତି, ଗୋଦାମ- ଆଧାରିତ ଆର୍ଥିକ ସହାୟତା ଏବଂ ଜଳବାୟୁ ସ୍ମାର୍ଟ ଅଭ୍ୟାସଗୁଡିକ ଏସ୍‌ଡିଜି୧ (ଦାରିଦ୍ର୍ୟ ନାହିଁ), ଏସ୍‌ଡିଜି୨(ଶୂନ୍ୟ କ୍ଷୁଦ୍ର), ଏସ୍‌ଡିଜି ୧୩ (ଜଳବାୟୁ କାର୍ଯ୍ୟ) କୁ ଆଗକୁ ବଢ଼ାଇବା ସହିତ ବଜାର ସ୍ଥିରତାକୁ ସୁଦୃଢ଼ କରିବ। ଘରୋଇ ଉଦ୍ଭାବନ ସହ ସାର୍ବଜନୀନ ନିବେଶ, ଭାରତର କୃଷି ପଣ୍ୟ ଇକୋସିଷ୍ଟମରେ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ସହଯୋଗ କରିପାରିବ।

- ଅବିନାଶ ନାୟକ
ଫୋନ୍- ୯୦୭୮୭୨୪୭୭୪

## ଟି-୨୦ ବିଶ୍ୱକପ୍ ଲାଗି ବାଂଲାଦେଶକୁ ଆଇସିସିର ଡେଡ୍‌ଲାଇନ୍

# ବୁଧବାର ସୁଦ୍ଧା ନିଷ୍ପତ୍ତି ନିଅ; ନଚେତ୍ ବିକଳ୍ପ ବ୍ୟବସ୍ଥା

ଦୁବାଇ, ୧୯।୧ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ଏବେ ସନ୍ଦେହ ଘେରକୁ ଚାଲିଯାଇଛି। ଏହି ମେଗା ଇଭେଣ୍ଟରେ



ଅଂଶଗ୍ରହଣ କରିବ କି ନାହିଁ ଜାନୁଆରୀ ୨୧ ବା ବୁଧବାର ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ ବାଂଲାଦେଶ କ୍ରିକେଟ ବୋର୍ଡକୁ ଆଇସିସି ଡେଡ୍‌ଲାଇନ୍ ଦେଇଛି। ୨୧ ତାରିଖ ସୁଦ୍ଧା ବାଂଲାଦେଶ ଭାରତରେ ତାହାର ମ୍ୟାଚ୍ ଖେଳିବ କି ନାହିଁ ଜଣାଇବା ପରେ ଆଇସିସି ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯିବ। ସାମ୍ପ୍ରତିକ ସ୍ଥିତିରେ ବାଂଲାଦେଶ କ୍ରିକେଟ ଟିମ୍ ଭାରତ ଆସିବା ଅସମ୍ଭବ ମନେ ହୁଏ। ବାଂଲାଦେଶ ଯଦି ଭାରତ ଆସିବାକୁ ବିଧିବଦ୍ଧ ଭାବେ ମନାକରେ ତେବେ ଆଇସିସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ସ୍ପଷ୍ଟ କରିଛି। କିନ୍ତୁ ବାଂଲାଦେଶର ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହାର ଅର୍ଥ ଭାରତରେ ଖେଳିବାକୁ ଯଦି ବାଂଲାଦେଶ ରାଜି ନ ହୁଏ, ତେବେ ଏହି ଦଳକୁ ବିଶ୍ୱକପ୍‌ରୁ ବାଦ୍ ଦିଆଯିବ। ଏହି ଦଳ ସ୍ଥାନରେ ଆଇସିସିର ପରବର୍ତ୍ତୀ ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ ଟିମ୍ ବା ସ୍କଟଲାଣ୍ଡକୁ ସୁଯୋଗ ଦିଆଯାଇପାରେ ବୋଲି ସୂଚନା ମିଳିଛି। ଆଇସିସି ପକ୍ଷରୁ ଏପରି କିଛି ଡେଡ୍‌ଲାଇନ୍ ଦିଆଯାଇନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। କିନ୍ତୁ ଏହି ଖବର ପ୍ରାୟ ସମସ୍ତ ନ୍ୟୁଜ୍ ଏଜେନ୍ସିରେ ପ୍ରକାଶ ପାଇଛି।

### ବିବାଦର ଅନ୍ତରାଳେ

ବାଂଲାଦେଶରେ ହିନ୍ଦୁମାନଙ୍କୁ ନିର୍ଯାତନା ଦିଆଯାଉଥିବାରୁ ଆଇପିଏଲ୍‌ରେ ଏହି ଦେଶର ତାରକା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ଭାରତରେ ଖେଳିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। କୌଣସି କାରଣ ନ ଦର୍ଶାଇ ରହେମାନ୍‌ଙ୍କୁ ବିସିସିଆଇର ନିର୍ଦ୍ଦେଶକ୍ରମେ ଫ୍ରାଞ୍ଚାଇଜ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍‌ରୁ ବିଦା କରିଥିଲା। ଏହାକୁ ନେଇ ବାଂଲାଦେଶରେ ପ୍ରବଳ ବିରୋଧ କରାଯାଇଥିଲା। ଏପରିକି ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ରୋକ୍‌ଠୋକ ଜଣାଇଦେଇଥିଲା। ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବାଂଲା ସରକାର ଏପରି ନିଷ୍ପତ୍ତି ନେଇଥିଲା। ଏହା ପରେ ଭେନ୍ୟୁ ଏବଂ ଆୟର୍ଲାଣ୍ଡ ସହ ଗ୍ରୁପ୍ ପରିବର୍ତ୍ତନ କରି ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ପ୍ରସ୍ତାବ ଦେଇଥିଲା। ଏହାକୁ କିନ୍ତୁ ଆଇସିସି ପ୍ରତ୍ୟାଖ୍ୟାନ କରିଥିଲା। ଭାରତରେ ବାଂଲା ଖେଳାଳିଙ୍କ ଜୀବନପ୍ରତି କୌଣସି ବିପଦ ନାହିଁ ବୋଲି ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଦ୍ୱାରା ଜଣାପଡ଼ିବା ପରେ ଆଇସିସି ଏଭଳି ନିଷ୍ପତ୍ତି ନେଇଛି। ଆଇସିସି ଏତେ କମ୍ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରିଛି। କୋଲକାତା ଓ ମୁମ୍ବାଇରେ ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ ଖେଳିବା କାର୍ଯ୍ୟକ୍ରମ ରହିଥିଲା।

### ବାଂଲା ନ ଖେଳିଲେ ସ୍କଟ୍‌ଲାଣ୍ଡ

ଏହି ବିଶ୍ୱକପ୍‌ରୁ ଯଦି ବାଂଲାଦେଶ ଓହରିଯାଏ, ତେବେ ବିକଳ୍ପ ବ୍ୟବସ୍ଥା କରିବ ବୋଲି ଆଇସିସି କହିଛି। ଏହାର ଅର୍ଥ ନିୟମ ଅନୁଯାୟୀ ଯଦି ଗୋଟିଏ ଦଳ ଟୁର୍ଣ୍ଣାମେଣ୍ଟରୁ କୌଣସି ପରିସ୍ଥିତିରେ ଖେଳିବାକୁ ଅସମର୍ଥ ହୁଏ, ତେବେ ଅଂଶଗ୍ରହଣ କରି ନ ଥିବା ଦଳଗୁଡିକ ମଧ୍ୟରେ ଆଇସିସି ମାନ୍ୟତାରେ ଶ୍ରେଷ୍ଠ ସ୍ଥାନରେ ଥିବା ଦଳକୁ ଖେଳିବାକୁ ସୁଯୋଗ ଦିଆଯାଇଥାଏ। ଏଣୁ ବାଂଲା ଓହରିଗଲେ ସ୍କଟଲାଣ୍ଡକୁ ଫାଇଦା ହେବ ବୋଲି ଜଣାଯାଇଛି।

### ପାକିସ୍ତାନର ସମର୍ଥନ, କିନ୍ତୁ ଓହରିବ ନାହିଁ

ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଯେଉଁ ନିଷ୍ପତ୍ତି ନେଇଛି ତାହାକୁ ପାକିସ୍ତାନ କ୍ରିକେଟ ବୋର୍ଡ ସମର୍ଥନ ଜଣାଇଛି। କିନ୍ତୁ ଏହି କାରଣ ଲାଗି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିବ ନାହିଁ ବୋଲି କ୍ରିକେଟ ବୋର୍ଡ ସ୍ପଷ୍ଟ କରିଛି। ପୂର୍ବରୁ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ଏଣୁ ଟୁର୍ଣ୍ଣାମେଣ୍ଟରୁ ଓହରିବା ଲାଗି ପାକିସ୍ତାନ ନିକଟରେ କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ। ପାକିସ୍ତାନ ମିଡିଆରେ କିଛି ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବାଂଲାଦେଶକୁ ସମର୍ଥନ ଜଣାଇ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିବ। କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

# ୩୭ ବର୍ଷ ଓ ୭ଟି ସିରିଜ୍ ପରେ ଭାରତରେ ଜିତିଲା ନ୍ୟୁଜିଲାଣ୍ଡ

**ଦିନିକିଆ କ୍ରିକେଟ୍**

ଇନ୍ଦୋର,୧୯।୧(ଏଜେନ୍ସି): ଏଠାରେ ଗତକାଲି ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଭାରତ ୪୧ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିନେଇଛି। ଭାରତୀୟ ମାଟିରେ ଦିନିକିଆ ସିରିଜ୍ ଜିତିବାକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୩୭ ବର୍ଷ ଲାଗିଥିଲା। ଦୁଇ ଦେଶ ମଧ୍ୟରେ ପ୍ରଥମ ଦିନିକିଆ ସିରିଜ୍ ୧୯୮୮ରେ ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ୪-୦ରେ ଜିତିଥିଲା। ଏହିପରି ଭାବେ ୧୯୮୮ରୁ ୨୦୨୩ ମଧ୍ୟରେ ନ୍ୟୁଜିଲାଣ୍ଡ ୭ଥର ଦିନିକିଆ ସିରିଜ୍ ଖେଳିବାକୁ ଆସି ପରାଜିତ ହୋଇଥିଲା। କିନ୍ତୁ ୨୦୨୬ରେ ୮ମଥର ସକାଶେ ଏକ 'ବି' ଟିମ୍‌କୁ ନେଇ ଆସିଥିବା ମାଇକେଲ ବ୍ରେସ୍‌ୱେଲ୍‌ଙ୍କ ନ୍ୟୁଜିଲାଣ୍ଡ ଦଳ ଭାରତୀୟ ମାଟିରେ ପ୍ରଥମ ଦିନିକିଆ ସିରିଜ୍ ଜିତି ଐତିହାସିକ ସଫଳତା ହାସଲ କରିଛି। ୨୦୨୪ରେ ଏହି ଦଳ ଭାରତରେ ୩-୦ ବ୍ୟବଧାନରେ ଟେଷ୍ଟ ସିରିଜ୍ ଜିତିଥିଲା। ଏହି ଫଳାଫଳରୁ ଘରୋଇ ମାଟିରେ ଭାରତ ଯେ ଆଉ ଅପରାଜେୟ ହୋଇ ରହିନାହିଁ ତାହା ପ୍ରମାଣିତ ହୋଇଛି। କେବଳ ଏତିକିରେ ନ୍ୟୁଜିଲାଣ୍ଡର ରେକର୍ଡ ଶେଷ ହୋଇନାହିଁ। ୨୦୨୩ରେ ଦଳ କ୍ରମାଗତ ୮ଟି ମ୍ୟାଚ୍‌ରେ ହାରିବା ପରେ ଭାରତକୁ ପରାସ୍ତ କରିଛି। ସେହିପରି ଭାରତୀୟ ଉପମହାଦେଶ ପିଚ୍‌ରେ ନ୍ୟୁଜିଲାଣ୍ଡ ୨୦୧୭ରୁ କ୍ରମାଗତ ୮ଟି



ମ୍ୟାଚ୍‌ରେ ହାରିବା ପରେ ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା।

୨୦୧୬ରୁ ୨୦୨୬ ମଧ୍ୟରେ ଭାରତ ଘରୋଇ ମାଟିରେ ଖେଳିଥିବା ୧୦ଟି ଦିନିକିଆ ସିରିଜ୍‌ରୁ ଏହା ମାତ୍ର ତୃତୀୟ ପରାଜୟ। ପୂର୍ବରୁ ଦୁଇଥର ଅଷ୍ଟ୍ରେଲିଆ ନିକଟରୁ ୨୦୧୯ ଓ ୨୦୨୩ରେ ଭାରତ ଘରୋଇ ମାଟିରେ ଦିନିକିଆ ସିରିଜ୍ ହାରିଥିଲା। ଗତକାଲିର ମୁକାବିଲା ପୂର୍ବରୁ ଇନ୍ଦୋରରେ ଖେଳାଯାଇଥିବା ସମସ୍ତ ୭ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଦିନିକିଆ ସିରିଜ୍ ପରି ଏଠାରେ ଅନୁଷ୍ଠିତ ୮ମ ମ୍ୟାଚ୍‌ରେ ଭାରତ ପ୍ରଥମ ପରାଜୟ ବରଣ କରିଥିଲା।

କୋହଲିଙ୍କ ରେକର୍ଡ: ଏହି ମ୍ୟାଚ୍‌ରେ ଭାରତର ବିରାଟ କୋହଲି ୧୨୪ ରନ୍ କରିଥିଲେ। ଦିନିକିଆ କ୍ରିକେଟରେ ଏହା ତାଙ୍କର ୫୪ତମ ଶତକ। ସେହିପରି ସମସ୍ତ ଅନ୍ତର୍ଜାତୀୟ କ୍ରିକେଟରେ ଏହା ତାଙ୍କର ୮୫ତମ ଓ ଭାରତରେ ଏହା ୪୧ତମ ଶତକ। ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ୍ୟ ସେ ସର୍ବାଧିକ ୭ଟି ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଓ ବୀରେନ୍ଦର ସେହ୍ୱାଗ ୬ଟି ଲେଖାଏଁ ଶତକ ହାସଲ କରିଛନ୍ତି। ସେ ମଧ୍ୟ ୩୫ଟି ବିଭିନ୍ନ ଭେନ୍ୟୁରେ ଶତକ ହାସଲ କରି ସଚିନ ତେନ୍ଦୁଲକର (୩୪ଟିରେ) ନାମରେ ଥିବା ରେକର୍ଡକୁ ଅତିକ୍ରମ କରିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା ୨୬ଟି ଭେନ୍ୟୁରେ ଶତକ ହାସଲ କରିଛନ୍ତି। ୯ମଥର ସକାଶେ କୋହଲି ଶତକ ହାସଲ କରିବା ପରେ ଭାରାତ ପରାଜୟ ବରଣ କରିଛି। କେବଳ ସଚିନ ତେନ୍ଦୁଲକର ୧୪ଥର, କ୍ରିସ୍ ଗେଲ ୧୧ଥର ଓ ବ୍ରେଣ୍ଡାନ ଟେଲର ୯ଥର ଶତକ ହାସଲ କରିଥିଲାବେଳେ ନିଜ ଦଳ ପରାଜିତ ହୋଇଛି।

# ଆଜି ସୁରମା -କଳିଙ୍ଗ ଲଢ଼େଇ

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୧୯।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ଅନ୍ତିମ ତଥା ୩ୟ ପର୍ଯ୍ୟାୟର ଖେଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ସୋମବାର ରାଞ୍ଚି ରୟାଲ୍ସ ଓ ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ (ଜିସି) ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଦ୍ୱିତୀୟାର୍ଦ୍ଧ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଛନ୍ତି। ଏହି ମ୍ୟାଚର ବିଜୟୀ ଦଳ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ୱାଲିଫାୟର-୧ ଖେଳିବାକୁ ସ୍ଥିତି ଆହୁରି ସୁଦୃଢ଼ କରିବ। ଏଚଆଇଏଲ୍ ଜିସି ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚରୁ ୪ ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ରାଞ୍ଚି ରୟାଲ୍ସ ୫ ମ୍ୟାଚରୁ ୯ ପଏଣ୍ଟ ପାଇ ୩ୟ ସ୍ଥାନ ହାସଲ କରିଛି। ଅପରପକ୍ଷରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ହାଇଦରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ମଧ୍ୟରେ ସନ୍ଧ୍ୟା ୫ଟାରେ ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିଭଳି ରାତି ୭ଟା ୩୦ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ସୁରମା ହକି କ୍ଲବ ପରସ୍ପର ସାମ୍ନାସାମ୍ନି ହେବେ। କଳିଙ୍ଗ ଲାନ୍ସର୍ସ ୬ ମ୍ୟାଚରୁ ୬ ବିଜୟ ସହ ୧୬ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିବା ସହ କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

# ଜାତୀୟ ଦୃଷ୍ଟିବାଧିତ କ୍ରିକେଟ: କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୧୯।୧(ସମିସ): ଏଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ମହିଳା କ୍ରିକେଟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। କ୍ରମାଗତ ୩ଟି ଲିଗ୍ ମ୍ୟାଚ୍‌ରେ ଜିତିଥିବା ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ରାଜସ୍ଥାନର ମୁକାବିଲା ହେବ। ଏଠାରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ ମଧ୍ୟପ୍ରଦେଶ ସହ ମହାରାଷ୍ଟ୍ରର ମୁକାବିଲା ହେବ। ସେହିପରି ଘୋର୍ଦ୍ଧାର କେଟି ଗ୍ଲୋବାଲ କ୍ରିକେଟ ଏକାଡେମୀରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ କର୍ଣ୍ଣାଟକ ସହ ପଶ୍ଚିମବଙ୍ଗ ଓ ଦ୍ୱିତୀୟ କ୍ୱାର୍ଟରରେ ଗୁଜରାଟ ସହ ଆନ୍ଧ୍ରପ୍ରଦେଶର ମୁକାବିଲା ହେବ।

## ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ୍

# ପ୍ରମୋଦଙ୍କୁ ଡବଲ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୯।୧ (ସମିସ): ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ୍-୩ କାଟାଗୋରୀର ଫାଇନାଲରେ ପ୍ରମୋଦ ୧୯-୨୧, ୨୧-୧୫, ୨୧-୧୩ ଗେମରେ ସାଥୀ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପ୍ରଥମ ଗେମକୁ ପ୍ରମୋଦ ହାରିଯାଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇଟି ଜିତି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିବା ସହ ବାଜି ମାରିନେଇଥିଲେ। ସେହିଭଳି ପୁରୁଷ ଡବଲ୍ସରେ



ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ଆଉ ଏକ ଟାଇଟଲ୍ ହାସଲ କରିଥିଲେ। ପୁରୁଷ ଡବଲ୍ସ ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡ଼ି ନିଜ ଦେଶର ଉମେଶ ଓ ସୂର୍ଯ୍ୟକାନ୍ତ ଯାଦବ ଯୋଡ଼ିଙ୍କ ସହ ଖେଳିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଉମେଶ-ସୂର୍ଯ୍ୟକାନ୍ତ ଫାଇନାଲରୁ ଓହରିଯାଇଥିଲେ। ଫଳରେ ପ୍ରମୋଦ-ସୁକାନ୍ତ ଯୋଡ଼ିଙ୍କୁ ଚାମ୍ପିଅନ ଘୋଷିତ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ପୂଜ୍ୟମ ମିଶ୍ର ପୁରୁଷ ଡବଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ମଣ୍ଟୁ କୁମାରଙ୍କୁ ସାଥୀ କରି ଖେଳିଥିଲେ।

## ଜାନକୀ ମେମୋରିଆଲ ରାଜ୍ୟସ୍ତରୀୟ ଭଲିବଲ

# ସମ୍ବଲପୁର ଚାମ୍ପିଅନ




ଭୁବନେଶ୍ୱର, ୧୯।୧ (ସମିସ): କଳିଙ୍ଗ ଭଲିବଲ କ୍ଲବ୍ ଆନୁକୂଲ୍ୟରେ ଏକାଦଶ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ନଗରସ୍ଥିତ (କେ-୪) ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ଟି ବଛା ବଛା ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଟିମ୍ ଚାମ୍ପିଅନ ଓ ଇଟାମାଟି ଭଲିବଲ ଟିମ୍ ରନର୍ସ ଅପ୍ ହୋଇଛି। ଫାଇନାଲରେ ସମ୍ବଲପୁର ୨-୧ ସେଟ୍‌ରେ ବିଜୟୀ ହୋଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୭,୦୦୦ ଟଙ୍କା ଓ ରନର୍ସଅପ୍ ଟିମ୍‌କୁ କପ୍ ସହ ୪,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଇଟାମାଟିର ସୌମ୍ୟରଞ୍ଜନଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ମାନବଅଧିକାର କମିଶନର ଉପସଭାପତି ସାବିତ୍ରୀ ପୃଷ୍ଟି ଓ ସମ୍ପାଦିକା ରଞ୍ଜୁକ୍ତା ସେଠୀଙ୍କ ସହ କଳିଙ୍ଗ ଭଲିବଲ କ୍ଲବ୍ ମ୍ୟାନେଜର ବଟକୃଷ୍ଣ ମଣ୍ଟୁ, ଅରବିନ୍ଦ ତ୍ରିପାଠୀ ଓ ରମାକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ କୁବେରନେଷ୍ଟର ଏମ୍‌ଡି ଶିଶିର କୁମାର ବେହେରା ଓ ଆୟୋଜକ କ୍ଲବ୍ ସଭାପତି ନିତ୍ୟାନନ୍ଦ ନନ୍ଦ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଦେବଦତ୍ତ ସାମନ୍ତରାୟ ଓ ବେଣୁଧର ପରିଡ଼ା ଧାରାବିବରଣୀ ପ୍ରଦାନ କରିଥିଲେ।

# ଡବ୍ଲ୍ୟୁପିଏଲ୍: ଗୌତମୀଙ୍କ ଦମ୍‌ଦାର ଅର୍ଦ୍ଧଶତକ

ଭଦୋଦରା, ୧୯।୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ବରୋଦା ଲେଗ୍ ସୋମବାରଠାରୁ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟ ଏହି ୧୨ତମ ଲିଗ୍ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଗୁଜରାଟ ଜାଏଣ୍ଟ୍‌ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ଦୁଇ ଓଭରରେ ଆରସିବି ଓପନର୍ ଗ୍ରେସ ହାରିସ ଓ ଜର୍ଜିଆ ଭଲ୍‌ଙ୍କ ୱିକେଟ୍ ହରାଇଥିଲା। ଉଭୟ ବ୍ୟାଟର୍ ୧ ରନ ଲେଖାଏ କରି ଆଉଟ୍ ହୋଇଥିଲେ। ଇନିଂସର ପ୍ରଥମ ଓଭରରେ ହାରିସଙ୍କୁ ଆଉଟ୍ କରି ଅଭିଜ୍ଞ ଦ୍ରୁତ ବୋଲର ରେଣୁକା ସିଂ ଗୁଜରାଟକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ।

ଏହାପରେ ଦ୍ୱିତୀୟ ଓଭର ବୋଲିଂ କରିଥିବା କାଶଭି ଗୌତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭଲ୍‌ଙ୍କୁ କ୍ଲିନ ବୋଲ୍ଡ କରିଦେଇଥିଲେ। ଫଳରେ ୯ ରନରେ ୨ଟି ୱିକେଟ୍ ହରାଇ ଆରସିବି ବ୍ୟାକଫୁଟକୁ ଚାଲିଯାଇଥିଲା। ତେବେ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ସହ ଗୌତମୀ ନାୟକ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ତୃତୀୟ ୱିକେଟ୍‌ରେ ୬୦ ରନ ଭାଗୀଦାରି କରିଥିଲେ। ୪ଟି ଚୌକା ସହ ୨୩ ବଲରେ ୨୬ ରନ କରି ମନ୍ଧାନା ଆଉଟ୍ ହୋଇଥିଲେ। ପ୍ରତିପକ୍ଷ ଅଧିନାୟିକା ଆସଲେ ଗାର୍ଡନର ଏହି ସରପ୍ରାଇଜ ୱିକେଟ୍‌ଟି ନେଇଥିଲେ। ଆରସିବି ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୪ ରନ ସଂଗ୍ରହ କରିଛି। ଦମ୍‌ଦାର ଅର୍ଦ୍ଧଶତକ ସହ ଗୌତମୀ ୫୬ ବଲ୍‌ରୁ ୭୩ ଓ ରିଚା ଘୋଷ ୨୦ ବଲ୍‌ରୁ ୨୭ ରନ୍‌ରେ ଆଉଟ୍ ହୋଇଥିଲେ। ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ସୁଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

କଟକ,୧୯।୧(ସମିସ): ଫେବୃୟାରୀ ୬ରୁ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏଲିଟ ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ରାଜକୋଟରେ ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳିବ। ଓସିଏ ସମ୍ମିଳନୀ କକ୍ଷରେ ରାଜ୍ୟ ମହିଳା ଦଳ ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଆଜି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ଘୋଷିତ ୧୮ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ତନ୍ମୟୀ ବେହେରା ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ଦଳରେ ଅଞ୍ଜଳି ସିଂହ, ଇନ୍ଦ୍ରାଣୀ ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହଟା, ମୋନାଲିସା ରାଉତ, ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରଶ୍ମିତା ଚିନ୍ନାରା, ରୀମାଲକ୍ଷ୍ମୀ ଏକ୍କା, ଏସ୍‌ବି ଲରେନ୍ସ, ସଙ୍ଗୀତା ଖାଡିଆ, ସରିତା ମେହର, ଶିଳ୍ପା ସ୍ୱାଇଁ, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ, ନିବେଦିତା ଜନ ନାଏକ ସ୍ଥାନ ପାଇଛନ୍ତି। ୬ ତାରିଖରେ ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ● ୧୯ ବର୍ଷରୁ କମ୍ ବିଶ୍ୱକପ୍

# ୩୨୯ ରନ୍‌ରେ ଜିତିଲା ଦକ୍ଷିଣ ଆଫ୍ରିକା

ୱିଣ୍ଡହୋକ, ୧୯।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩୨୯ ରନର ବୃହତ୍ ବ୍ୟବଧାନରେ ତାଞ୍ଜାନିଆକୁ ହରାଇଦେଇଛି। ଅଧିନାୟକ ମହମ୍ମଦ ବୁଲ୍‌ବୁଲିଆ (୧୦୮) ଓ ଜାସନ ରୋଉଲ୍ସ (ଅପରାଜିତ ୧୨୫)ଙ୍କ ଶତକ ବଳରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୫ ୱିକେଟ୍ ହରାଇ ୩୯୭ ରନ କରିଥିଲା। ଜବାବରେ ତାଞ୍ଜାନିଆ ୩୨.୨ ଓଭରରେ ମାତ୍ର ୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ଦଳ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ଆଫଗାନିସ୍ତାନ ନିକଟରୁ ହାରିଯାଇଥିଲା। ସୋମବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ପାକିସ୍ତାନ ୬ ୱିକେଟରେ ସ୍କଟଲାଣ୍ଡକୁ ମାତ୍ ଦେଇଛି। ପାକିସ୍ତାନର ମଧ୍ୟ ୨ୟ ମ୍ୟାଚରୁ ଏହା ପ୍ରଥମ ବିଜୟ ଥିଲା। ସେହିଭଳି ଶ୍ରୀଲଙ୍କା ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ମଙ୍ଗଳବାର ଅଷ୍ଟ୍ରେଲିଆ-ଜାପାନ ଏବଂ ବାଂଲାଦେଶ-ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ମେଲ୍‌ବୋର୍ଣ୍ଣରେ ଜୋକୋଭିଚ୍‌ଙ୍କ ଶତକୀୟ ବିଜୟ

ମେଲବୋର୍ଣ୍ଣ, ୧୯।୧ (ଏଜେନ୍ସି): ସର୍ବିଆ ତାରକା ନୋଭାକ୍ ଜୋକୋଭିଚ୍ ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଦ୍ୱିତୀୟ ଦିବସରେ ମେଲବୋର୍ଣ୍ଣ ପାର୍କରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଜୋକୋଭିଚ୍ ୬-୩, ୬-୨, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋଭୋଭିଚ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ୧୦୦ତମ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ମଧ୍ୟରେ ସେ ୧୦ଥର ଏହି ସମ୍ମାନଜନକ ଟ୍ରଫି ଜିତିବାର ରେକର୍ଡ ମଧ୍ୟ କରିଛନ୍ତି। ପୁରୁଷ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପୂର୍ବତନ ବିଜେତା ଷ୍ଟାନ ୱାରିଙ୍କା ୫-୭, ୬-୩, ୬-୪, ୭-୬ (୭/୪) ସେଟରେ ସର୍ବିଆର ଲାସଲୋ ଜେରେଙ୍କୁ ହରାଇଛନ୍ତି। ୪୦ ବର୍ଷୀୟ ସୁଇଜରଲାଣ୍ଡ ତାରକା ୱାରିଙ୍କା'ଙ୍କ ଏହା ଅନ୍ତିମ ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟ। ସୋମବାର ଖେଳାଯାଇଥିବା ଅନ୍ୟ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ଗୁଡ଼ିକରେ ୧୨ତମ ସିଡ୍ କାସ୍ପର ରୁଡ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ଆଲେକ୍ସ ଡି ମିନାଉର, ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୭ମ ସିଡ୍ କାନାଡାର ଫେଲିକ୍ସ ଆଗର-ଆଲିଆସିମେ ୩-୬, ୬-୪, ୬-୪ ସେଟରେ ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କ ବିପକ୍ଷରେ ଆଗୁଆ ଥିଲେ ମଧ୍ୟ ଆହତ ହୋଇ ରିଟାୟର୍ଡ ନେଇଥିଲେ।




### ସ୍ୱିଆଟେକ୍, ଗଫ୍, ପେଗୁଲାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ବିଭାଗରେ ବିଶ୍ୱର ଦୁଇ ନମ୍ବର ଖେଳାଳି ଇଗା ସ୍ୱିଆଟେକ୍, ୩ୟ ମାନ୍ୟତା କୋକୋ ଗଫ, ୬ଷ୍ଠ ସିଡ୍ ଜେସିକା ପେଗୁଲା, ୮ମ ସିଡ୍ ମାରିଆ ଆନ୍ଦ୍ରିଭା, ଇଭା ଜୋଭିକ ପ୍ରମୁଖ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଆମେରିକାର ଗଫ୍ ୬-୨, ୬-୩ ସେଟ୍‌ରେ ଉଜବେକିସ୍ତାନର କାମିଲା ରାଖିମୋଭାଙ୍କୁ, ଆମଣ୍ଡା ଆନିସିମୋଭା ୬-୩, ୬-୨ରେ ସୁଇଜରଲାଣ୍ଡର ସିମୋନା ୱାଲ୍ଟରଙ୍କୁ, ପୋଲାଣ୍ଡ ତାରକା ସ୍ୱିଆଟେକ୍ ୭-୬ (୫), ୬-୩ ସେଟରେ ଚାଇନାର ୟୁ ୟୁନଙ୍କୁ, ଆନ୍ଦ୍ରିଭା ୪-୬, ୬-୩, ୬-୦ରେ କ୍ରୋଏସିଆର ଡୋନା ଭେକିକଙ୍କୁ, ପେଗୁଲା ୬-୨, ୬-୧ ସେଟରେ ଅନାସ୍ତାସିଆ ଜାଖାରୋଭଙ୍କୁ ହରାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS